ଆରମ୍ଭ କରନ୍ତୁ···ରହସ୍ୟ ଆଉ ଉତ୍କଣ୍ଠାପୂର୍ଣ୍ଣ କଥାବସ୍ତୁ ଆପଣଙ୍କୁ,
ଆଟପ ଅଟପ ଟାଣି ନେବ ଶେଷ ପର୍ଯ୍ୟନ୍ତ···

# ଛାୟା-ସଙ୍ଗିନୀ

ବଂଶୀଧର ଭୂୟାଁ

ସଂଶୋଧିତ-ପରିବର୍ଦ୍ଧିତ ସଂସ୍କରଣ

ଜନସାହିତ୍ୟ ପ୍ରକାଶନ

ଏ ଉପନ୍ୟାସର ସମସ୍ତ ଚରିତ୍ର ଓ ସ୍ଥାନ କାଳ୍ପନିକ । କୌଣସି ବ୍ୟକ୍ତି
ବିଶେଷ ଉପନ୍ୟାସବର୍ଣ୍ଣିତ ଚରିତ୍ର ସହିତ ନିଜର ସାମଞ୍ଜସ୍ୟ
ଦେଖିଲେ ତାହା ନିତାନ୍ତ ଆକସ୍ମିକ ବୋଲି
ଧରିବାକୁ ହେବ ।

ବ୍ରହ୍ମପୁର ସହର । ଜନଗହଳୀ ରାଜପଥ ଉପରେ ଝଟକାଟିଏ ଚାଲିଛି ସ୍ୱାଭାବିକ ଗତିରେ । କଚ୍ଛପୁର ପାଇଁ ବଡବଜାରର ଏକ ସୁଦୃଶ୍ୟ ଦୋମହଲା କୋଠା ଆଗରେ ଝଟକାଟି ହଠାତ୍ ଛିଡ଼ା ହୋଇଗଲା । ଭିତରୁ ବାହାରି ଆସିଲା ଜଣେ ଆଧୁନିକ ଶୋଭନା ତରୁଣୀ । ପରିଧାନ ବେଶ ସାଦାସିଧା ଓ ମାର୍ଜିତ । ହାତରେ ଧରିଥିବା ଛୋଟ ଭ୍ୟାନିଟି ବ୍ୟାଗଟି ଭିତରୁ ପଇସା ବାହାର କରି ଭଡ଼ା ଚୁକ୍ତି କରି ଦେଲା । ତାପରେ ସୁଦୃଶ୍ୟ କୋଠା ସମ୍ମୁଖସ୍ଥ ବିରାଟ ସାଇନ୍ ବୋର୍ଡ଼ଟି ଉପରେ ଥରେ ଦୃଷ୍ଟିପାତ କରି ଫାଟକ ଭିତରକୁ ପଶିଗଲା ।

ପ୍ରଶସ୍ତ ବାରଣ୍ଡାର ଶେଷଭାଗରେ ୱେଟିଂ ରୁମ୍ । ତା' ପାଖକୁ ଲାଗି ଯେଉଁ ରୁମ୍‌ଟି, ତା ଆଗରେ କଟନ୍ ଇଣ୍ଡଷ୍ଟ୍ରିଜ୍ ତିଆରି ରଙ୍ଗିନ୍ ପରଦାଟିଏ ଝୁଲୁଛି । କାନ୍ଥରେ ଲାଗିଥିବା ପିତଳ ନେମ୍‌ପ୍ଲେଟରେ ଲେଖା ହୋଇଛି—ଆର୍. କେ. ମହାନ୍ତି, ପ୍ରୋପ୍ରାଇଟର, ଶିଳ୍ପଶ୍ରୀ ଏଣ୍ଡ କୋ: । ବାରଣ୍ଡା ଅତିକ୍ରମ କରି ସୁନ୍ଦରୀ ତରୁଣୀଟି ବୈଠକ ରୁମ୍ ଉଦ୍ଦେଶ୍ୟରେ ଆଗେଇ ଯିବାବେଳେ ଚପରାସିଟି ଆଗକୁ ଆସି ପ୍ରଶ୍ନବାଚକ ଦୃଷ୍ଟିରେ ଅନେଇ ରହିଲା ।

ବାବୁ ଅଛନ୍ତି ?

ହଁ, ଆଉ ଜଣେ ବାବୁଙ୍କ ସହିତ କଥାବାର୍ତ୍ତା ହେଉଛନ୍ତି । ଅପେକ୍ଷା କରନ୍ତୁ ! କହି ବୈଠକ ରୁମ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କଲା ଚପରାସୀ । ତରୁଣୀଟି କିଛି ନ କହି ଭ୍ୟାନିଟି ବ୍ୟାଗରୁ କାଗଜଟିଏ ବାହାର କରି ଫାଉଣ୍ଟେନ୍ ପେନ୍ ଖୋଲୁଛି, ଚପରାସୀ ଅସ୍ୱସ୍ତି ପ୍ରକାଶ କରି କହିଲା, ତମେ ବସ, ମୁଁ ନେଇ ଆସିବି । ବାବୁଙ୍କର ହୁକୁମ, ବିପିନବାବୁ ଥିଲା ବେଳେ ଅନ୍ୟ କେହି ଦେଖା କରି ପାରିବେ ନାହିଁ ।

ଏଇ ମୋର ସଇଲି—କହି ତରୁଣୀଟି ଲେଖା ଆରମ୍ଭ କଲା । ଏତିକି ବେଳେ ରୁମ୍ ଭିତରେ ଚାଲିଥିବା ଅସ୍ପଷ୍ଟ କଥୋପକଥନ ଅପେକ୍ଷାକୃତ ସ୍ପଷ୍ଟ ହୋଇ ଉଠିଲା ।

ତମେ ଏପରି ବାରମ୍ବାର ବିରକ୍ତ କଲେ ବିପିନ, ମୁଁ ନାଚାର ।

ଆପଣଙ୍କ ମତଲବ ମୁଁ ବେଶ ବୁଝି ପାରୁଛି ।

ପାରୁଛ ତ ମତେ ବିରକ୍ତ କାହିଁକି କରୁଛ ? ତମେ ଜାଣନା ମୋର ଶେଷ ସମ୍ବଳ ଚାଲି ଯାଇଛି ।

ମୋ ସାଙ୍ଗରେ ଚାଲ୍ ଖେଳିବା ମାନେ ପରିଣତି କ'ଣ ଜାଣନ୍ତି ରଜନୀ ବାବୁ ?

ଯା, ଯା କରୁଛ କର । ଖୁବ୍ ଧମକ ଦେଖିଛି । ଯାଅ ବାହାରି । ଯାଅ ମୋ ଆଗରୁ ।

ଆଚ୍ଛା !

ଚପରାସୀଟି ପରଦା ପାଖରେ ଉତ୍କର୍ଣ୍ଣ ହୋଇ ଶୁଣୁଥିବା ବେଳେ ତରୁଣୀଟିର ଉପସ୍ଥିତିକୁ ପ୍ରାୟ ଭୁଲି ଯାଇଥିଲା । ବାବୁଙ୍କର କର୍କଶ ଗଳା ଓ ଚେୟାର ଶବ୍ଦରେ ଅଧୈର୍ଯ୍ୟ ହୋଇ ଉଠି ତରୁଣୀଟିକୁ ଏକପ୍ରକାର ଠେଲି ଦେଇ କହିଲା, ମା' ଯାନ୍ତୁ, ସେ ଆସୁଛନ୍ତି ।

ଆଚ୍ଛା ନେ—ଋଷ୍ଟ୍ରାନଭଉ ସ୍ଲିପ୍‌ଟି ଉରବାରରେ ଧଡ଼ରଇ ଦେଇ ତରୁଣୀଟି ବୈଠକ ରୁମରେ ଆସି ବସିଲା । ତା'ପରେ ସେ ଦେଖିଲା ଲମ୍ବା ଶରୀର ବଳିଷ୍ଠ ପ୍ରୌଢ଼ ଭଦ୍ରଲୋକଟିଏ ଯନ୍ତ୍ର ମନରେ ରୁମ୍ ଭିତରୁ ବାହାରି କ୍ଷିପ୍ର ଗତିରେ ପାହାଚରେ ଓହ୍ଲାଇଯାଉଛନ୍ତି । ଚପରାସୀଟି ଅଶ୍ଚର୍ଯ୍ୟରେ ତାଙ୍କ ଗତି ନିରୀକ୍ଷଣ କରୁଥିବା ବେଳେ କଲିଂ ବେଲ୍ ବାଜି ଉଠିବାରୁ ଚମକି ପଡ଼ି ଭିତରକୁ ଛୁଟିଲା । କିଛିକ୍ଷଣ ପରେ ବାହାରି ଆସି ବୈଠକ ରୁମକୁ ଆସିବାରୁ ତରୁଣୀଟି ପଚାରିଲା, ମତେ ଡାକୁଛନ୍ତି ?

ନା, ସ୍ଲିପ୍ ଦେଇ ଆସିଛ ! ତା'ପରେ ଅଫିସ ଆଡେ ଯାଇଁ କ.ଗଜପତି ଦେଇ ଆସି କହିଲା, ବାବୁଙ୍କ ମନ ଭଲ ନାହିଁ । ତମେ କାହିଁକି ଆସିଚ ମା !

ପୁଣି ରିଙ୍ଗ୍ ହେଲା । ସେ ଭିତରକୁ ଯାଇଁ ମିନିଟିକ ପରେ ବାହାରି ଆସି କହିଲା, ଆସ ମା, ବାବୁ ଡାକୁଛନ୍ତି ।

ଲୁଗାପଟା ଠିକେ ବାଗେଇ ନେଇ ଦର୍ଶନପ୍ରାର୍ଥୀନୀ ତରୁଣୀଟି ପ୍ରେ ପ୍ରାଇଟରଙ୍କ ଚେମ୍ବର ଭିତରକୁ ପଶିଗଲା । ମିଲଶ୍ରୀ ଏଣ୍ଡ କୋ: ର ମାଲିକ ରଜନୀବାବୁ ଫାଇଲ ଉପରେ ମୁହଁ ରଖି କ'ଣ ଲେଖୁଥାନ୍ତି । ଘର ଭିତରର ଆଲୋକ ସ୍ୱଳ୍ପତାରେ ପରିବର୍ତ୍ତନ ଲକ୍ଷ୍ୟ କରି ଯେମିତି ମୁହଁ ଟେକିଲେ ସେ ଦେଖିଲେ ଧଳା ଶାଢ଼ୀ ପରିବୃତ୍ତା ଶୀର୍ଣ୍ଣ ତରୁଣୀଟିଏ ଯୁକ୍ତ କରପୁଟରେ ନମସ୍କାର କରୁଛି । ମୁହଁର ଅଭିବ୍ୟକ୍ତିରେ ବେଶ ହାଲ୍କା ପ୍ରସନ୍ନତା । ସେ ତା ମୁହଁ ଉପରୁ ଦୃଷ୍ଟି ଫେରାଇ ଆଣି ପାରିଲେ ନା । ଏ ମୁହଁ ସହିତ ଯେପରି ସେ ଖୁବ୍ ପରିଚିତ । କ୍ରମବର୍ଦ୍ଧିଷ୍ଣୁ ଚେତନାର ପରିବର୍ତ୍ତନଶୀଳତା ଯାହା ପରିବର୍ତ୍ତନ ସୃଷ୍ଟି କରିଛି ମୁହଁର ମସୃଣ ତ୍ୱକରେ । ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ଓଷ୍ଠ ତଳ ତିଳ ଚିହ୍ନଟି ମଧ୍ୟ ଅସ୍ୱୀକାର କରେ ଯେ ଏ ସେ ନୁହେଁ । ମୁହୂର୍ତ୍ତିକର ସ୍ମୃତି-ବୁଦ୍‌ବୁଦ୍‌ଟି ବିସ୍ମୃତି ସାଗରରେ ବିଲୀନ ହୋଇଗଲା ।

ରଜନୀ ବାବୁ ଦଣ୍ଡାୟମାନା ତରୁଣୀଟିର ଆନତ ଦୃଷ୍ଟି ଉପରୁ ଦୃଷ୍ଟି ଫେରାଇ ନମ୍ର ଗଳାରେ କହିଲେ, ବସ ।

ଟେବୁଲ-ସଂଲଗ୍ନ ଚେୟାରଟିରେ ନିସଂକୋଚରେ ତରୁଣୀଟି ବସିଲା ।

ତମେ ଦରଖାସ୍ତ ଦେଇଚ ? ରଜନୀବାବୁ ପଚାରିଲେ ।

ଆଜ୍ଞା !

ତମ ନାଁ ?

ମିସ୍ ମଣିବାଲା ଘୋଷ !

ହୁଁ ! କ୍ଷଣିକ ନୀରବତା ପରେ ପୁଣି ପଚାରିଲେ, କିନ୍ତୁ ଗୋଟିଏ ଟାଇପିଷ୍ଟ ଥାଉଁ ଥାଉଁ ଆଉ ଗୋଟିଏ ନିଯୁକ୍ତ କରିବା ମୋର ଉଦ୍ଦେଶ୍ୟ ନୁହେଁ । କେବଳ···

ଏତିକିବେଳେ ଟେଲିଫୋନ ରିଙ୍ଗ୍ ହେବାରୁ ସେ କଥା ବନ୍ଦ କରି ରିସିଭର ଧରିଲେ, ହାଲୋ ! ଓ ମି· ପାଲ୍ ! ହଁ ସେ ଆସିଚନ୍ତି । କିନ୍ତୁ ଦୁଇଟି ଟାଇପିଷ୍ଟ୍ ରଖିବା ମୋର ଦରକାର ବା କ'ଣ ?······ଆଚ୍ଛା ! ଆପଣଙ୍କ ଅନୁରୋଧ ତ ଏଡ଼ି ହେବନି । ହଁ ତା ନିଶ୍ଚୟ ! ବେକାରୀ ସମସ୍ୟା ଗୋଟାଏ ବଡ଼ ସମସ୍ୟା ଦେଶରେ ।

ସେ କିଛିକ୍ଷଣ ଶୁଣି ପୁଣି କହିଲେ, ପୋଲିସ ସାହେବ ଏ ବିଷୟରେ ବିଶେଷ କିଛି କରି ପାରିବେ ନାହିଁ ବୋଲି ପ୍ରକାରାନ୍ତରେ କହିଲେ । କୌଣସି ପ୍ରମାଣ ନ ପାଇଲେ···ହଁ, ସେମାନେ ସତର୍କ ଦୃଷ୍ଟି ରଖିବେ । କିଛି ଅଳ୍ପ ଟଙ୍କା ନୁହେଁ ପାଲ୍ ବାବୁ ! କଲିକତା ଜୁଟ୍ ମାର୍କେଟରେ ଯେପରି ଅକାଳ ପଡ଼ିଚି ମୋର ଏ ପାର୍ଟିଟା ଗୋଟାଏ ମୋଟା ରକମ ଆଣିଥାଆନ୍ତା । ଫସଲ ପୂର୍ବରୁ ନଗଦି ଚାଷୀଙ୍କୁ ହାତ କରିବା ମୋ ଉଦ୍ଦେଶ୍ୟ ଥିଲା— ଛାଡ଼ନ୍ତୁ, ସେ ସବୁ ଭାଗ୍ୟକଥା—ହଁ ନମସ୍କାର···କ'ଣ କହିଲେ ? ଆଚ୍ଛା ! ଆଚ୍ଛା ! ଧଡ଼ାମ୍କରି ରିସିଭରକୁ ଫୋନରୁ ମୁହଁ ଟେକି କହିଲେ, ମିସ୍ ମଣିବାଲା !

ତମକୁ ମି. ପାଣ୍ଡି ଫୋନରେ ଡାକୁଛନ୍ତି···ମିଷ୍ଟର ଅଜୟଚନ୍ଦ୍ର ପାଣ୍ଡି, ପାଣ୍ଡି ମେଟେର୍‌ସଙ୍କ ପୁଅ ।

ମଣିବାବୁ ସନ୍ତର୍ପଣରେ ଉଠି ରିସିଭରଟି ଧରି କହିଲା, ହାଲୋ ! ହଁ···ଆପଣଙ୍କ ପାଖରୁ ଆସି ସିଧା ଏଠିକି ଆସିଲି । ବାବୁଙ୍କ ସହିତ ଦେଖାହେଲା······ହଉ ଆପଣଙ୍କ ଦୟା···ଆପଣ ସାହାଯ୍ୟ ନ କରିଥିଲେ ···ଆପଣଙ୍କ କଥା ଯଦି ସତ ହୁଏ ମତେ ଗୋପାଳପୁର ଯିବାକୁ ହବ । ମୋର ସବୁ ବ୍ୟବହାର୍ଯ୍ୟ ଜିନିଷ ରିଫ୍ୟୁଜି କ୍ୟାମ୍ପରେ ଅଛି । ଏଁ ଆପଣ ଆସିବେ ? ହଉ ଧନ୍ୟବାଦ । ମଣିବାବୁ ଫୋନ ରଖିଦେଇ ଚେୟାରରେ ଯାଇ ବସିଲା ।

ପାଣ୍ଡିବାବୁଙ୍କ ସହିତ ତମର କିପରି ପରିଚୟ ହେଲା ?

ଗୋପାଳପୁର ଆଶ୍ରୟପ୍ରାର୍ଥୀ କ୍ୟାମ୍ପରେ ।

ତମେ ଯେପରି ଓଡ଼ିଆ କହି ପାରୁଚ, ମୋର ମନେ ହୁଏ ତମେ ଖାଣ୍ଟି ଓଡ଼ିଆ ।

ମୋର ଅନେକ ବନ୍ଧୁ ସେଇଆ ଭାବନ୍ତି । ଅମର୍ଦା କ୍ୟାମ୍ପରେ ଥିଲାବେଳେ ମୁଁ ଓଡ଼ିଆ ପଢ଼ିଥିଲି ! ମୁଁ ପ୍ରାୟ ଓଡ଼ିଆ ବନ୍ଧୁମାନଙ୍କ ସହିତ ବେଶୀ ସମୟ କଟାଏ ।

ଏ ଦେଶରେ ରହିଲେ ଏ ଦେଶର ଶିକ୍ଷା ସଂସ୍କୃତିକୁ ଆୟତ୍ତ କରିବାକୁ ହେବ । ତମେ ସେ ସବୁ ପାରିବ ଶୁଣି ଖୁସି ହେଲି । ପୂର୍ବ ପାକିସ୍ଥାନରେ କେଉଁ ଜିଲ୍ଲାରେ ତମ ଘର ?

ଢାକା ସହରରେ ଆମ ଘର ଥିଲା । ହିନ୍ଦୁ ମୁସଲମାନ ସଂଘର୍ଷବେଳେ ଆମେ ଦେଶ ଛାଡ଼ିଛୁ ।

ଓଃ, କି ନୃଶଂସ ସେ ଦୃଶ୍ୟ । ସେ ସବୁଥିରେ ମୋର ଗୃହସ୍ଥ ଅନୁଭୂତି ରହିଛି...ସେଥିପାଇଁ ଆଶ୍ରୟପ୍ରାର୍ଥୀଙ୍କ ପ୍ରତି ମୋର ସମବେଦନା ସବୁବେଳେ ଥାଏ । ତମେ ରିଫ୍ୟୁଜି ନହୋଇ ଥିଲେ ଅଧିକା ଟାଇପିଷ୍ଟ୍ ଟିଏ ନିଯୁକ୍ତ ବିଷୟରେ ମୁଁ ଆଦୌ ମୁଣ୍ଡ ଖେଳେଇ ନଥାନ୍ତି ।

ଦେଶର ଗଣ୍ୟମାନ୍ୟ ବ୍ୟକ୍ତି ଆପଣମାନେ । ଅରକ୍ଷିତ, ନିରାଶ୍ରୟମାନଙ୍କୁ ଆପଣମାନେ ସାହାଯ୍ୟ ନକଲେ କିଏ କରିବ ? ସବୁ କ୍ଷେତ୍ରରେ ସରକାର କେବଳ ସାହାଯ୍ୟ କରିବେ ବୋଲି ଅନାଇଁ ରହିଲେ କ'ଣ ଦେଶ ଚଳି ପାରେ ? ଏହା ବ୍ୟତୀତ ଆପଣମାନଙ୍କ ପରି ମହତ୍ତ୍ୱ ବ୍ୟକ୍ତିଙ୍କର ସାହାଯ୍ୟ ସହାନୁଭୂତି ଯଥେଷ୍ଟ ମୂଲ୍ୟବାନ । ରିଫ୍ୟୁଜି ଆସୋସିଏସନର ସମ୍ପାଦିକା ଥାଇ ଯେଉଁ ଜଘନ୍ୟ ବ୍ୟବହାର ମୁଁ ପାଇଛି, ଆମର ଏ ଦୁର୍ଦ୍ଦିନରେ ସେ ସବୁ କହିବାର ନୁହେଁ ଆଜ୍ଞା ! ଆଜି ପ୍ରତ୍ୟେକ ରିଫ୍ୟୁଜି ନିଜ ନିଜର ସଂସ୍ଥା ନଦେଖିଲେ, ନିଜ ଗୋଡ଼ରେ ନିଜେ ଛିଡ଼ା ନ ହେଲେ, ପଶୁପରି ମରିବାହିଁ ସାର ହେବ......

ତରୁଣୀଟି ଆଖିରୁ ଲୁହ ପୋଛି କଣ କହିବାକୁ ଯାଉଥିଲା, ରଜନୀବାବୁ ଆଶ୍ୱାସନା ବାଣୀ ଶୁଣେଇ କହିଲେ, ହଉ ମିସ୍ ମଣି, ତମେ ଅନ୍ୟ ପାଇଁ ଯେ ଭାବି ପାରୁଛ ଏତିକି ଯଥେଷ୍ଟ ! ତମର ନିଯୁକ୍ତ ହେଲା । କାଲିଠାରୁ ମୋ ପାଖ ରୁମ୍‌ରେ ତମ ସିଟ କରି ଦିଆଯିବ ।

ଆଜ୍ଞା... ! କୃତଜ୍ଞତାରେ ମଣିବାଲା ରଜନୀ ବାବୁଙ୍କୁ ଅନେଇ ଥିବାବେଳେ ରଜନୀବାବୁ ପୁଣି କହିଲେ, ଉପର ମହଲାରେ ତମର ରହିବାର ବନ୍ଦୋବସ୍ତ ମଧ୍ୟ କରି ଦେଉଛି ।

ଟେଷ୍ଟ କେବେ ନେବେ ? ଅନ୍ତତଃ ମୋର ସ୍ପିଡ୍‌ଟା ତ ଦେଖନ୍ତୁ !

ସେ ସବୁ ଦରକାର ନାହିଁ, ଟାଇପ୍ ହେଲେ ହେଲା...

ମୁଁ ତେବେ କାଲିଠୁ ଆସୁଚି !

ହଁ ଯାଅ···ହଁ ନମସ୍କାର··· । ତା ପରେ ସେ ଫୋନ ଉଠେଇ ଡାକିଲେ, ହାଲୋ ! ପୋଲିସ ଅଫିସ୍ ପ୍ଲିଜ୍ !

ମିସ୍ ମଣିବାଲା ରଜନୀ ବାବୁଙ୍କ ଚେମ୍ବର ଭିତରୁ ବାହାରି ଆସି ରାଜପଥର ଜନଗହଳୀ ଭିତରେ ଲୀନ ହୋଇଗଲା । କିନ୍ତୁ ତା ଅଲକ୍ଷ୍ୟରେ ଜଣେ ଲୋକ ଯେ ତା ପଛ ଧରିଚି, ତାହା ସେ ଧାରଣା ବି କରିପାରିନି । ସେ ହେଉଚି ରଜନୀ ବାବୁଙ୍କ ନବନିଯୁକ୍ତ ଘରୋଇ ଗୁଇନ୍ଦା ଅବିନାଶ ମାନସିଂ ।

ଆଜି ଦଶଟାରେ ଅବିନାଶ ମାନସିଂ ପୋଲିସ୍ ସାହେବଙ୍କ ପାଖକୁ ଯାଇଥିଲେ । ରଜନୀ ବାବୁଙ୍କ ପଚିଶ ହଜାର ଟଙ୍କା ହରଣଚାଲି ସଂକ୍ରାନ୍ତରେ ପୋଲିସ ଯେଉଁ ତଦନ୍ତ ରିପୋର୍ଟ ତିଆରି କରିଛନ୍ତି, ତାକୁ ପଢ଼ି ସେ ବେଶ ଅନୁମାନ କରି ନେଇ ପାରିଲେ ଯେ କିଛୁଦିନ ଧରି ଗୋଟାଏ ଦଳ ରଜନୀବାବୁଙ୍କ ପଛରେ ଲାଗିଛନ୍ତି । କଲିକତା ସେଣ୍ଟ୍ରାଲ ବ୍ୟାଙ୍କରୁ ଟଙ୍କା ଉଠେଇ ମେଲ୍‌ରେ ବ୍ରହ୍ମପୁର ଫେରୁଥିବା ବେଳେ ବାଲୁଗାଁ ପାଖାପାଖି ଏକ ସ୍ଥାନରେ ସବୁ ଲୁଟ୍ ହୋଇଗଲା । ମେଲ ହଠାତ୍ ଛିଡ଼ା ହୋଇଯିବାରୁ ଗାର୍ଡ ସାହେବ ଆସି ଦେଖିଲେ ରଜନୀବାବୁ କମ୍ପାର୍ଟମେଣ୍ଟରେ ଅଚେତ ହୋଇ ପଡ଼ିଛନ୍ତି । ପରବର୍ତ୍ତୀ ଷ୍ଟେସନରେ ଚେତା ହେବା ପରେ ତାଙ୍କ ମୁହଁରୁ ଜଣାଗଲା ଯେ ତାଙ୍କର ଟଙ୍କା ଚୋରି ହୋଇଯାଇଛି । ଦସ୍ୟୁ ଚେନ୍ ଟାଣି ପଳେଇଛି । ସେଇ ରାତି ଶେଷ ପ୍ରହରରେ ଛତ୍ରପୁର ପୋଲିସ୍ ଇନ୍‌ସପେକ୍ଟର ଟ୍ରଙ୍କରୋଡ଼ରେ କାରରେ ଆସୁ ଆସୁ ବାଲୁଗାଁ ପରେ ଗୋଟିଏ କାର୍ ଭେଟିଥିଲେ । ସେଥିରେ ବ୍ରହ୍ମପୁରର ବିଶିଷ୍ଟ ବ୍ୟବସାୟୀ ଅଜୟଚନ୍ଦ୍ର ପାଣି ଓ ତାଙ୍କ ସ୍ତ୍ରୀ ଥିଲେ । ସସ୍ତ୍ରୀକ ସେ କଟକରୁ ଫେରୁଥିଲେ । ତା ଛଡ଼ା ଆଉ କୌଣସି ଲୋକ ବା କାର୍ ପୋଲିସ ଭେଟି ନାହାନ୍ତି । ସାଧ୍ୟମତେ ତଦନ୍ତ କରି ଡକାୟତ ଦଳର କୌଣସି ପ୍ରକାର ପ୍ରମାଣ ନ ପାଇବାରୁ ପୋଲିସ୍ ଏ ବିଷୟରେ ଉତ୍ସାହ ନେଲେ ନାହିଁ । କିନ୍ତୁ ଏତିକରେ ଡକାୟତଦଳର ଦୌରାତ୍ମ୍ୟ ବନ୍ଦ ହେଲା ନାହିଁ । ଘଟଣାର କିଛୁଦିନ ପରେ ରଜନୀବାବୁଙ୍କ ନାଁରେ ଧମକ ପୂର୍ଣ୍ଣ ଚିଠି ଆସିବାକୁ ଲାଗିଲା ।

ସେ ଆତଙ୍କିତ ହୋଇ ଉଠିଲେ । ଏ ବିପଦରୁ ରକ୍ଷା ପାଇବା ପାଇଁ ସେ ଏକ ଘୋଷଣା କଲେ ଯେ—ତାଙ୍କ ଆତତାୟୀକୁ ଧରି-ପାରିବା ବ୍ୟକ୍ତି ଭଲ ଭାବରେ 'ପୁରସ୍କୃତ ହେବ । କିନ୍ତୁ ଏ ଘୋଷଣା ସେତେ ଫଳପ୍ରଦ ହେଲା ନାହିଁ । ତେତେଦିନ ପରେ କଲିକତା ଗୁଇନ୍ଦା ମାନଙ୍କ ସଂସ୍ପର୍ଶରେ ଆସି ରଜନୀବାବୁ କୃତୀ ଅବିନାଶଙ୍କ ପରିଚୟ ଯେତେବେଳେ ପାଇଲେ ସେ ତାଙ୍କୁ ବ୍ରହ୍ମପୁର ଡକେଇ ଆଣିଥିଲେ ।

ପୋଲିସ ସାହେବଙ୍କ ସହିତ ଆଲୋଚନା କରି ସବୁପ୍ରକାର ସାହାଯ୍ୟର ପ୍ରତିଶ୍ରୁତି ପାଇ ଫେରୁଥିଲା ଅବିନାଶ । ଶିଲଙ୍ଗୀ ଏଣ୍ଡ୍ କୋ: ଅଫିସରୁ ଏ ସୁଦର୍ଶନା ଯୁବତୀକୁ ବାହାରି ଆସୁଥିବା ଦେଖି ଦୂରରୁ ସେ ତାକୁ ମୁହୂର୍ତ୍ତେ ନିରେଖି ଦେଖିଲା । ତରୁଣୀଟି କିଛିଦୂର ଆଗେଇ ଯିବା ପରେ ଜନଗହଳି ଭିତରେ ତାକୁ ଅନୁସରଣ କରିବାକୁ ଲାଗିଲା । କିନ୍ତୁ ବେଶୀ ଦୂର ତାକୁ ଅନୁସରଣ କରି ପାରିଲା ନି । ବାରିକ୍ସ ମଠର ଷ୍ଟାଣ୍ଡ ପାଖରେ ଅଜୟଚନ୍ଦ୍ର 'ପାଣ୍ଡ ତାକୁ କାରରେ ବସେଇ ନେଇ ଷ୍ଟେସନ ଅଭିମୁଖେ ଛୁଟିଲେ । ଦ୍ରୁତଗତିଶୀଳ ଯାନକୁ ପଦବ୍ରଜରେ ଅନୁସରଣ କରିବା ସାଧ୍ୟାତୀତ । ଅବିନାଶ ବାଧ୍ୟହୋଇ ଫେରି ଆସିଲା । ପରିତ୍ୟକ୍ତ ଆବର୍ଜନା ଭିତରୁ ଉଜ୍ଜ୍ୱଳ ରତ୍ନର ସନ୍ଧାନ ପାଇଲା ପରି ତା'ର ଦୃଷ୍ଟି ମୁହୂର୍ତ୍ତିକ ପାଇଁ ଉଜ୍ଜ୍ୱଳ ହୋଇ ଉଠିଲା । ପୋଲିସ୍ ରିପୋର୍ଟରେ ପଢ଼ିଥିବା ସେ ବିଷୟଟିକୁ ଅବିନାଶ ବାରମ୍ବାର ଭାବିବାକୁ ଲାଗିଲା' ସେ ରାତି ଶେଷ ପ୍ରହରରେ ଅଜୟଚନ୍ଦ୍ର ପାଣ୍ଡ ସସ୍ତ୍ରୀକ କଟକରୁ ଫେରୁଥିଲେ ।'

ସେଇ ରାତି । ଉପର ମହଲାର ବୈଠକ ରୁମ୍‌ରେ ରଜନୀ ବାବୁ ଅବିନାଶ ସହିତ ଆଲୋଚନା କରୁଥାନ୍ତି । କଥା ପ୍ରସଙ୍ଗରେ ଅବିନାଶ ପଚାରିଲା, ଆଚ୍ଛା ! ସେଦିନ ଠିକ୍ କେଉଁ ଷ୍ଟେସନରେ ସେ ଦସ୍ୟୁଟି ଆପଣଙ୍କ କମ୍ପାର୍ଟମେଣ୍ଟରେ ପଶିଲା ?

ବାଲୁଗାଁ ଷ୍ଟେସନ ପରେ ମୁଁ ତାକୁ ଦେଖିଲି ।

ତାପରେ ?

ରଜନୀବାବୁ କହି ଚାଲିଲେ—ଖଟ୍ ଖଟ୍ ଶବ୍ଦରେ ମୋ ନିଦ ଯେତେବେଳେ ଭାଙ୍ଗିଗଲା, ଦେଖିଲି ସ୍ତ୍ରୀଟିଏ ମୋ ଆଗରେ ଛିଡ଼ା ହୋଇଛି ବେଶ ଫିଟ୍ଫାଟ୍ ଭଙ୍ଗୀରେ । ଆଖିରେ କଳା ଚଷମା, ନାକ ପର୍ଯ୍ୟନ୍ତ ମୁହଁରେ ଗୋଟାଏ କଳା କନା ବନ୍ଧା ହୋଇଥାଏ ।

କେତେ ଫୁଟ୍ ଉଚ୍ଚ ହବ ?

ପ୍ରାୟ ପାଞ୍ଚ ଫୁଟ ।

ହୁଁ ! ଅବିନାଶ ଟିକିଏ ଭାବି ପୁଣି ପଚାରିଲା, ଦେହର ଗଠନ କିପରି ?

ଗୁଡ଼ାଏ ଡ୍ରେସ ପିନ୍ଧିଥିବାରୁ ବେଶ ସ୍ୱାସ୍ଥ୍ୟବତୀ ଜଣା ଯାଉଥିଲା, କିନ୍ତୁ ସ୍ୱାଭାବିକ ଦେହ ତା'ର ପତଳା ।

ହଁ କହନ୍ତୁ, ତାପରେ ?

ସାହସ ବାନ୍ଧି ମୁଁ ତକିଆ ତଳେ ଯେପରି ହାତ ଦେଇଛି ସେ ହଠାତ୍ ଗୋଟାଏ ରିଭଲଭର ବାହାର କରି ମୋ ମୁହଁ ପାଖରେ ଟେକି ଧରିଲା । ତାପରେ ମୁଁ ହଠାତ୍ ହାତଟା କାଢ଼ି ଆଣି ତାକୁ ଆଶ୍ଚର୍ଯ୍ୟରେ ଅନେଇବା ମାତ୍ରେ, ଆଖି ପିଛୁଳାକେ ମୋ ତକିଆତଳୁ ପିସ୍ତଲଟା ବାହାର କରି ନେଇ ମତେ କହିଲା, ସୁଟକେଶ ଚାବି କାହିଁ ? ମୁଁ ଟିକେ ହେଲେ ବିଚଳିତ ନ ହୋଇ ଚେକ୍ବହିଟା କାଢ଼ି ସେଣ୍ଟ୍ରାଲ ବ୍ୟାଙ୍କର ଚେକ୍ଟା ଲେଖିବାକୁ ଯାଉଛି, ସେ ଗୋଟାଏ ଝାମ୍ପରେ ବହିଟା ଫୋପାଡ଼ିଦେଇ କହିଲା, କଷ୍ଟ କରିବା ଦରକାର ନାହିଁ । ଏ ପ୍ରାପ୍ୟଟା ଭବିଷ୍ୟତକୁ ଥାଉ । ଆଜି ମୋର କିଛି ନଗଦ ମୁଦ୍ରା ଦରକାର । ଜାଣନ୍ତି କେତେ ? ସେଣ୍ଟ୍ରାଲ ବ୍ୟାଙ୍କ ମାନେଜରଙ୍କ ପାଖେ ବସି ଯେଉଁ ଅଙ୍କଟି ଲେଖିଥିଲେ ସେଇଟି ମୁଁ ମୁଖସ୍ଥ କରି ନେଇଛି, ଶୀଘ୍ର କରନ୍ତୁ ।' କହୁ କହୁ ତାଙ୍କ ଡୋଳା ଦୁଇଟି

ଅପେକ୍ଷ କୃତ ବିସ୍ଫାରିତ ହୋଇଗଲା । ତାଙ୍କ ମୁହଁର ଶିରାଗୁଡ଼ାକ ସଙ୍କୁଚିତ ହୋଇଗଲା । ଗଳା ଶୁଖି ଆସିଲା ପରି ଜଣାଗଲା ।

ରଜନୀ ବାବୁ, ଏ କଣ ? ଅବିନାଶ ଚମକି ପଡ଼ିଲା ।

ଅବିନାଶ, ହଁ—ସେ ଦୃଶ୍ୟ ଏବେ ବି ମୁଁ ସ୍ପଷ୍ଟ ଦେଖି ପାରୁଛି । ତା ପରେ କ'ଣ ହେଲା ଜାଣ ଅବିନାଶ ? ପକେଟରୁ ଗୋଟାଏ ରୁମାଲ କାଢ଼ି କରି ମୋ ନାକ ପାଖରେ ଯେପରି ସେ ଦେଖେଇଛି ମୋ ଦେହ ଝିମ୍ ଝିମ୍ ହୋଇଗଲା । ତା ପରେ ମୁଁ ଆଉ କିଛି ଜାଣିପାରିନି । ଯେତେବେଳେ ଚେତା ହେଲା ଦେଖିଲି ମୋ ଆଗରେ ଗାର୍ଡ଼ସାହେବ । ସେତେବେଳକୁ ମୋର ସର୍ବସ୍ୱ ଲୁଟ ହୋଇ ସାରିଥିଲା ।

କିଛି ସମୟ ନୀରବରେ କଟିଲା ।

ମୃଦୁ ହସିକରି ତାଙ୍କ ମୁହଁକୁ ଅନେଇ ଅବିନାଶ କହିଲା, ବାସ୍ତବିକ, ଆପଣ ଖୁବ ଡରିଯାଇଛନ୍ତି !

ନିଶ୍ୱାସ ନେଇ ରଜନୀବାବୁ କହିଲେ, ନା, ଆଉ ଡର ନାହିଁ ଅବିନାଶ ! ସେ ଦିନ ଯେଉଁ ଦୁର୍ଘଟଣାରେ ପଡ଼ିଥିଲି, ଓହୋ……

ଆଚ୍ଛା ସେ ଭଦ୍ରମହିଳା—

ଭଦ୍ରମହିଳା ନୁହେଁ ଅବିନାଶ ! ତମେ ବଡ଼ବଡ଼ ଭୁଲ କରୁଛ । ଭଦ୍ରମହିଳାର ଦୁର୍ଦ୍ଧର୍ଷ ସଙ୍ଗିନୀ !

ଦସ୍ୟୁନାୟିକା ନହୋଇ ଅନ୍ୟ ପରିଚିତା କୌଣସି ଆତ୍ମୀୟା ବି ହୋଇ ପାରନ୍ତି…ମନେ ମନେ କହିଲା ଅବିନାଶ । ରାତି ଗୋଟାଏ ପରେ ଅପ୍ ମେଲ ବାଲୁଗାଁ ଛାଡ଼େ । ଏ ଘଟଣା ଦୁଇଟା ଭିତରେ ଘଟିଥିବା ସମ୍ଭବ । ଛତ୍ରପୁର ପର୍ଯ୍ୟନ୍ତ ଆଉ ମେଲ ଷ୍ଟପେଜ୍ ନାହିଁ । ବୁଦ୍ଧିମତୀ ଦସ୍ୟୁନାୟିକାଟି ସ୍ଥାନ-କାଳ-ପାତ୍ର ବିଚାର କରି କାମ ହାସଲ କରିଛି । ରେଲ ଲାଇନ ଓ ଟ୍ରଙ୍କ ରୋଡ଼ ଭିତରେ ବ୍ୟବଧାନ ମଧ୍ୟ ଖୁବ୍ ଅଳ୍ପ ।

ସେଦିନକରେ ରାତ୍ରି ଆଲୋଚନା ଶେଷ ହେଲା । ତଳ ମହଲାର ଗୋଟିଏ ରୁମ ଅବିନାଶର ଶୟନ କକ୍ଷ ରୂପେ ସ୍ଥିର ଦିଆ ହୋଇଥାଏ । ରଞ୍ଜନ ବାବୁଙ୍କୁ ତାଙ୍କ ଶୋଇବା ଘରେ ଛାଡ଼ି ଦେଇ ନିଜ ରୁମକୁ ଫେରି ଆସିଲା ଅବିନାଶ । ଦିନସାରା ବୁଲି ବୁଲି କ୍ଳାନ୍ତ ହୋଇଥିବାରୁ ଶେଯ ଛୁଇଁବା ମାତ୍ରେ ନିଦ ହୋଇଗଲା ।

କିନ୍ତୁ ଠିକ ଅଧଘଣ୍ଟା ପରେ କବାଟରେ ଖଟ୍‌ର ଶବ୍ଦ କରାଘାତ ଶୁଣି ଅବିନାଶର ନିଦ ଗୃଉଁକିନା ଭାଙ୍ଗିଗଲା । କ'ଣ୍ଡାକୁ କିଏ ଯେପରି ଶ୍ୱାସରୁଦ୍ଧ ଗଳାରେ ଡାକୁଚି, ଅବିନାଶ ବାବୁ ! ଅବିନାଶ ବାବୁ—

ଅବିନ'ଶ ଗଳା ବାରି ନେଇ ହଠାତ୍ କବାଟ ଖୋ'ଲି ଦେଲା । ଖୋଲି ଦେଇ ଦେଖିଲା ଆଗରେ ରଞ୍ଜନ ବାବୁ ଛିଡ଼ା ହୋଇ ଥୋଡ଼ା ସଫେଣ ଥରୁଛନ୍ତି । କଥା କହିବା ଶକ୍ତି ବି ସେ ହରେଇଚନ୍ତି । ହଠାତ୍ ତାଙ୍କ ହାତରେ କଣ ଗୋଟାଏ ରଙ୍ଗୀନ କାଗଜ ଦେଖି ଅବିନାଶ ଟାଣି ଆଣି ପଢ଼ିବାକୁ ଲାଗିଲା । ଲେଖାଅଛି—

ରଞ୍ଜନ !

ଅନେକ ଦିନ ତଳେ ତୋ ସହିତ ଦେଖା ହୋଇଥିଲା ମନେଥିବ । ସେ ଦିନ ତୁ ଚେକ୍ ପାଇଥିଲୁ, ମୁଁ ନେଇ ନଥିଲି । ବର୍ତ୍ତମାନ ମୋର ଖୁବ ପ୍ରୟୋଜନ । ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନ ପରେ ଜଣାଇ ଦିଆଯିବ, ପ୍ରସ୍ତୁତ ଥିବୁ । କାଳ ବିଳମ୍ବ ତୋ ଜୀବନର ସମସ୍ତ ଶାନ୍ତି ହରଣ କରିବ ।

'ତୋର ଅତି ପରିଚିତ'

ଓଃ ବ୍ଲାକ ମେଲ୍ ?

ହଲ୍ ସବ୍ ହୋଇ ଅବିନାଶ ଅପ୍‌ଷ୍ଟେୟାର ପାଖକୁ ଆସିଲା ।

ଆଚ୍ଛା କହିପାରିବେ, ଏପରି କେହି ଲୋକ ଅଛି ଯିଏ କି ଚ ପଶଙ୍କୁ ବ୍ଲାକ ମେଲ୍ କରିପାରେ !

ନା !

ହୁଏତ ଆପଣଙ୍କ ଜୀବନର କୌଣସି ଭୁଲର ସୁଯୋଗ ନେଇ କେହି ଆପଣଙ୍କ ବିରୁଦ୍ଧରେ ଏପରି କରିପାରୁଥାଏ ମନେ ପକାନ୍ତୁ !

ନା !

ଦେଖନ୍ତୁ, ପ୍ରତ୍ୟେକ ମଣିଷର ଦୁର୍ବଳତା ଥାଏ । ଆଉ ଜଣେ ନା ଜଣେ ତାହା ଜଣାପଡ଼େ । ଆପଣ ସେ ବିଷୟରେ ମୋତେ ନ ଜଣାଇଲେ ଆପଣଙ୍କ ସମସ୍ୟା ସମାଧାନ ହେବା ସହଜ ନୁହେଁ—

ନା—ନା—ନା, ଏ ସବୁ ରହସ୍ୟ ମୁଁ କିଛି ବୁଝି ପାରୁନି ଅବିନାଶ ! ମୋ ଗୃହପାଖେ ଏସବୁ କି ମାୟାଜାଲ ସୃଷ୍ଟି ହେଉଛି ? ମୁଁ ବୁଝିପାରୁନି—ମତେ ଧର, ମୁଁ ବଡ଼ ଦୁର୍ବଳ ।

ପାହାଚ ବାଡ଼ା ଉପରେ ଦେହ ଭରାଦେଇ ରଜନୀ ବାବୁ ଏପର୍ଯ୍ୟନ୍ତ ଛିଡ଼ା ହୋଇଥିଲେ । ଅବିନାଶ ତାଙ୍କୁ ଧରି ଉପର ମହଲାର ତାଙ୍କ ଶୋଇବା ଘରେ ଛାଡ଼ି ଦେଇ ଆସିଲା । ତାପରେ ରୁମ୍ ଗୃହପାଖ ଭଲ ଭାବରେ ଦେଖି ନେଇ ଅବିନାଶ କହିଲା, ଏ ଚିଠିଟି କେଉଁଠି ପଡ଼ିଥିଲା ?

ମୋ ବିଛଣା ଉପରେ—

ଏ ରୁମର ଡୁପ୍ଲିକେଟ୍ ଚାବି ଆଉ କାହା ପାଖରେ ଅଛି କି ?

ନାଁ—

ଝିଡ଼କି ପାଖକୁ ଆସି ଅବିନାଶ ବାହାରକୁ ଅନେଇଲା । ସେ ପାଖ କୋଠାଟି ଦୁଇ ହାତ ବ୍ୟବଧାନରେ ଛିଡ଼ା ହୋଇଛି । ଭେଣ୍ଟିଲେଟର୍ ବାଟେ ଛାତ ଉପରୁ କୌଣସି ଜିନିଷ ନିକ୍ଷେପ କଲେ ସିଧା ଆସି ବିଛଣା ଉପରେ ପଡ଼ିବା ସମ୍ଭବ । ରଞ୍ଜନୀ ବାବୁ ଶୋଇଲା ପରେ ଅବିନାଶ ଛାତ ଉପରକୁ ଆସିଲା । ଛାତ ଉପର ତୃତୀୟ ମହଲା ସ୍ୱରୂପ ଗୋଟିଏ ମାତ୍ର ରୁମ ତିଆରି ହୋଇଛି । ରୁମ ଭିତରେ କୌଣସି ଆସବାବ ପତ୍ର ନଥିଲା ପରି ଜଣା ପଡ଼ୁଛି । ସେ ଆସ୍ତେ ଆସ୍ତେ ପାହାଚରେ ଓହ୍ଲାଇ ନିଜ ରୁମ୍ ଉଦ୍ଦେଶ୍ୟରେ ଆସିଲା । ହଲ ଘଡ଼ିରେ ଦେଖିଲା ବାରଟା ବାଜିଛି ।

ଗତ ରାତ୍ରି ଗୃହ ଘ୍ଟ ରଜନୀବାବୁ ବେଶ ଆରାମରେ ଶୋଇଛନ୍ତି । ତାଙ୍କ ପ୍ରାସାଦ ଗୃହପାଖରେ ଅଦୃଶ୍ୟ ଭାବେ ବୁଲୁଥିବା ଦସ୍ୟୁଦଳର କୌଣସି ଦୌରାତ୍ମ୍ୟ ଏହା ଭିତରେ ତାଙ୍କୁ ସହ୍ୟ କରିବାକୁ ହେଇନାହିଁ । ଲେଡ଼ି ଟାଇପିଷ୍ଟ୍ ଯଥା ସମୟରେ ତା କାମରେ ଆସି ଯୋଗ ଦେଇଚ । ଦ'ମହଲାରୁ ଗୋଟିଏ ରୁମ୍ ତାକୁ ଛାଡ଼ି ଦିଆ ଯାଇଛି । ରଜନୀବାବୁ କେବେଳେ କଲେ ନିଜ ଚେମ୍ବର୍‌କୁ ନଯାଇ ପାରିଲେ ମଣିବାଲା ଉପରମହଲାକୁ ଆସି ନୋଟ ନେଇଯାଏ । ଟାଇପ୍ କରି ପୁଣି ଆସି ଦସ୍ତଖତ କରେଇ ନିଏ ।

+ + +

ଅବିନାଶ ସକାଳୁ ବାହାରିଥିଲା । ବଜପୁର ଛକରେ ଯାଉଁ ଯାଉଁ ଏକ ଅପରିଚିତ ସୁଠ୍ ପିନ୍ଧା ଯୁବକ, ହାତରେ ଗୋଟାଏ ଚମଡ଼ା ଏଟେଚିକେସ୍ ବ୍ୟାଗ ଧରିଚି—ହଠାତ୍ ଅବିନାଶ ଆଡ଼କୁ ଅନେଇ କହିଲା, ନମସ୍କାର ଅବିନାଶ ବାବୁ ! ଚିହ୍ନି ପାରୁଛନ୍ତି ତ ? ଅବିନାଶ ଆଶ୍ଚର୍ଯ୍ୟରେ ତା ମୁହଁକୁ ଅନେଇଲା । ସେ କହି ଗୁଲଲା‚ କଲିକତାରେ ଦେଖା ହେଇଥିଲା, ଭୁଲି ଗଲେଣି ?

ଓହୋ···ହଁ । ଆନୁମାନିକ ସମ୍ମତି ଜଣାଇ ଅବିନାଶ ପଚାରିଲା, ଏଠି ତା ହେଲେ କଣ କରୁଛନ୍ତି ?

ଏଇ ଆପଣମାନଙ୍କ ପରି କାଛି । ଆଉ ଆମ ଦ୍ଵାରା କଣ ହେବ ? ହଉ ଆସ, ଦେଖାହବ—ନମସ୍କାର । ରଜନୀବାବୁଙ୍କ ଘରେ ରହୁଛନ୍ତି ବୋଧହୁଏ ? କହି କ୍ଷିପ୍ର ପଦକ୍ଷେପରେ ଜନତହଳୀ ଭିତରେ ଅଦୃଶ୍ୟ ହେଇଗଲା । ଅବିନାଶ ସମୟ ପାଇଲାନି, ତାର ଶେଷ କେଇପଦ କଥାର ଯଥାର୍ଥ ଉତ୍ତର ବୁଝିବା ପାଇଁ । ତେବେ ଏ ଯୁବକଟି ପ୍ରକୃତରେ କିଏ ? କଲିକତାରେ ତାକୁ କ'ଣ କେବେ ସତରେ ସେ ଦେଖିଥିଲା ? ନଚେତ

ଜାଣିଲ୍କ କପରି ମୁଁ କଲକତାରେ ଥିଲି ବୋଲି ! ହେଇପାରେ ଦସ୍ୟୁ ଦଳର କୌଣସି ଗୁପ୍ତଚର—ରଜନୀବାବୁଙ୍କ ଘରେ ରହିବା ଦେଖି ମୋ ଉପରେ ତେବେ କଣ ଦୃଷ୍ଟି ରଖିଛନ୍ତି ? ଆଚ୍ଛା ଦେଖାଯାଉ ।

ବିଜୟପୁର ଛକରେ ଥିବା କଫି କ୍ଲବକୁ ଅବିନାଶ ପଶି ଆସିଲ୍କ ଉଦରଜ୍ୱାଳା ଶାନ୍ତ କରିବା ପାଇଁ । ଖୁବ୍ ଡେରିରୁ ବାହାରି ଥିବାରୁ ରଜନୀ ବାବୁଙ୍କ ଘରେ ଚା ପିଇ ପାରି ନଥିଲ୍କ ।

ଚା ଟା ଥଣ୍ଡା ହେଇଯିବ ଅବିନାଶ ବାବୁ ! ଏତେ କଣ ଭାବି ଚାଲିଛନ୍ତି ?

ଆରେ ଆପଣ ? ଆଖି ଆଗରେ ବଙ୍ଗ ତରୁଣୀ ମଣିବାଲ୍କଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲ୍କ ଅବିନାଶ । ଏତେ ସକାଳୁ କୁଆଡ଼େ ବାହାରିଥିଲେ ?

କ୍ଷମା କରିବେ, ଆପଣଙ୍କ ଚିନ୍ତା ସ୍ରୋତ ମୋ ଉପସ୍ଥିତିରେ ଯଦି ବିକ୍ଷୁବ୍ଧ ହେଇଥାଏ—

ଲେଖିକା ଆପଣ ନିଶ୍ଚୟ । ସୁନ୍ଦର ଡାଇଲଗ୍ କହି ପାରୁଛନ୍ତି । ଚା କପେ ଚଳୁ ?

ଆପଣ ଏକବାରେ ଜନ୍ମୟ ତେବେ—ଏଇଟା ରଜନୀବାବୁଙ୍କ ବୈଠକଖାନା ନୁହେଁ ମହାଶୟ !

ତେବେ ଭିତରକୁ ଆସନ୍ତୁ । କହି ଅବିନାଶ କଫିକ୍ଲବ୍‌ର ଦ୍ୱିତୀୟ ନିଭୃତ କ୍ୟାବିନକୁ ଉଠିଗଲ୍କ ଏବଂ ଗ୍ଲାସେ ଓଭଲଟିନ୍ ପାଇଁ ଅର୍ଡ଼ର ଦେଲ୍କ ।

ଏଠି ହେଲ୍କ ତ ? ବସନ୍ତୁ । ଅବିନାଶ ମଣିବାଲ୍କର ସୁଶ୍ରୀ ମୁଖମଣ୍ଡଳ ଉପରେ ନମ୍ର ଦୃଷ୍ଟିପାତ କଲ୍କ । ମଣିବାଲ୍କ ଛୋଟ ହସଟିଏ ହସି ଗୃହାଣୀରେ ସମ୍ମତି ଜଣେଇଲ୍କ ।

ଟିକକ ପରେ ଓଭଲଟିନ୍ ଆସିଲ୍କ । ଅବିନାଶ ଆଡ଼କୁ ବଡ଼ ବଡ଼ ଡୋଳାରେ ଅନେଇ ମଣିବାଲ୍କ ପିଆଲ୍କରେ ପ୍ରଥମ ଚୁମ୍ବନ ଦେଲ୍କ ।

ବେଶ ! ଏ ଥର କହନ୍ତୁ, ସକାଳୁ ସକାଳୁ କୁଆଡେ ବାହାରି ପଡ଼ିଲେ ।

ଝିଙ୍କୁ ଆସୋସିଏସନ ପାଇଁ ଚାନ୍ଦା ସଂଗ୍ରହ କରେ ମୁଁ ଆସିଛି । ସେମାନଙ୍କ ପାଇଁ ଗୋଟିଏ ପ୍ରାଇମେରି ସ୍କୁଲ ସ୍ଥାପନ କରିବାର ଉଦ୍ୟମ ହେଉଛି । ସେଥିପାଇଁ ଜଣେ ଏମ୍. ଏଲ୍. ଏ. ଙ୍କ ପାଖକୁ ଯାଇଥିଲି ।

ଚମତ୍କାର ପରିକଳ୍ପନା ! ମୁଁ ଆପଣଙ୍କ ସହିତ ଏକମତ ।

ଧନ୍ୟବାଦ ! ଆପଣଙ୍କ ଶୁଭେଚ୍ଛାକୁ ମୁଁ ତାରିଫ୍ କରୁଛି । କିନ୍ତୁ ସେଥିପାଇଁ ଯେ ଯଥେଷ୍ଟ ଅର୍ଥର ପ୍ରୟୋଜନ ।

ତା ନିଶ୍ଚୟ । କିନ୍ତୁ ଆମ୍ଭେମାନେ ଶୁଭେଚ୍ଛା ଜଣେଇବା ଛଡ଼ା ଆଉ କଣ କରିପାରୁ ମିସ୍ ମଣିବାଳା ?

କିନ୍ତୁ ସେତେବେଳ ବି ଆମ ଦେଶରେ ଅଭାବ ଅବିନାଶ ବାବୁ ! କହି ଅବିନାଶ ପଛେ ପଛେ ମଣିବାଳା ଉଠିଲା ।

ବିଲ୍ ଚୁକ୍ତି କରିଦେଇ ସେମାନେ ବାହାରକୁ ଆସିଲେ । ଗୋଟିଏ କୋଠାରେ ସବୁବେଳେ ସଂସ୍ପର୍ଶରେ ରହିଲେ ମଧ୍ୟ ଏଇ ଅଦ୍ଭୁତ ତରୁଣୀଟିର ପରିଚୟ ଅବିନାଶ ପାଖରେ ଏପର୍ଯ୍ୟନ୍ତ ଅଜ୍ଞାତ ରହି ଯାଇଛି । ତାର ଧାରଣା ହେଲା, ଆଶ୍ରୟପ୍ରାର୍ଥୀମାନଙ୍କ ସେବାରେ ନିଜକୁ ନିୟୋଜିତ କରି ନିଜ ଜୀବନକୁ ସେ ଯେପରି ଫାଙ୍କି ଦେଉଛି । ଯେପରି ଶିକ୍ଷିତା, ସେଇପରି ରୂପସୀ କଥାରେ ବି ସେଇପରି ଶାଣିତ ଧାର । ଦିନରେ ଯେତେଥର ଦେଖାହୁଏ ସେ ତାକୁ ତାଙ୍କ ଦି'ପଦ କଥା କହିବାକୁ କୁଣ୍ଠାବୋଧ କରେ ନା । ତା' ସହିତ ମିଶିବାର କି ଉଦ୍ଦାମ ଆବେଗ । ପ୍ରାଣ ବିନିମୟରେ କି ପ୍ରବଳ ଆକାଂକ୍ଷା ଅବିନାଶର ।

ସେ ଦୁହେଁ ଚାଲି ଚାଲି କିଛି ଦୂର ଆସିଛନ୍ତି, ପଛରୁ ହଠାତ୍ ଏକ ହିନ୍ଦୁସ୍ଥାନ କାର ଆସି ହର୍ଣ୍ଣ ଦେଇ ଛିଡ଼ା ହୋଇଗଲା । ଡ୍ରାଇଭ କରୁଥିବା ଯୁବକଟି ହସ ହସ ମୁହଁରେ କହିଲା, ଏଇଯେ ମିସ୍ ମଣିବାଲା ! ଏ ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି ? ଆସନ୍ତୁ ।

ଓହୋ ମିଷ୍ଟର ଷାହ ! କିନ୍ତୁ ମୋ ସହିତ ଜଣେ ବନ୍ଧୁ ଅଛନ୍ତି । ଦୁଇଜଣଙ୍କୁ ନେବାରେ ଯଦି…

ଆହା ଆସନ୍ତୁନା…ଆପଣ ମଣିଷଙ୍କୁ ବେଶ୍ ଅପ୍ରସ୍ତୁତ କରି ପାରନ୍ତି, ଆସନ୍ତୁ ମିଷ୍ଟର୍…

ମାସସିଂ—କହି ମିଷ୍ଟର୍ ଷାହ-ଖୋଲିଥିବା ଫ୍ରଣ୍ଟ ସିଟ୍‌ଟା ବନ୍ଦ କରିଦେଇ ପଛ ସିଟ୍‌ଟା ଖୋଲି ଖୋଲି ମିସ୍ ମଣିବାଲି ଫୁର୍ତ୍ତି କହିଲେ, ଆସନ୍ତୁ ଅବିନାଶ ବାବୁ !

ହିନ୍ଦୁସ୍ଥାନ-ଟେନ୍ ଛୁଟି ଚାଲିଲା । ଏହା ଭିତରେ କେହି କିଛି କହି ପାରି ନାହାନ୍ତି । ଶ୍ରୀଲକ୍ଷ୍ମୀ ଏଣ୍ଡ୍ କୋ: କୋଠା ସାମନାରେ କାର୍‌ଟା ବନ୍ଦ କରି ମିଷ୍ଟର୍ ଷାହ ପଚାରିଲେ, ଉପରବେଳା ଆସୁଛନ୍ତି ତ !

ଚେଷ୍ଟା କରିବି—କହି ମଣିବାଲି ଓହ୍ଲାଇ ଆସିଲା, ତା ପଛେ ପଛେ ଅବିନାଶ । ଅବିନାଶଙ୍କ ନିର୍ଲିପ୍ତ ମୁହଁକୁ ଅନେଇଁ ମଣିବାଲି କହିଲା, ଚଫ୍ୟୁଜ ଆସୋସିଏସନ୍ ପାଇଁ କିଛି ଚାନ୍ଦା ଆଦାୟ କରିବା ଉଦ୍ଦେଶ୍ୟରେ ଯାଙ୍କ ସହିତ ଘନିଷ୍ଠତା ।

ଓହୋ—! ଅବିନାଶ ଏକପ୍ରକାର ଜୋରରେ ହସି ଉଠି ସୋପାନ ଅତିକ୍ରମ କରିବାକୁ ଲାଗିଲା ।

ମାନସିକ ଅସୁସ୍ଥତା ଯୋଗୁଁ ରଜନୀବାବୁ ଆଜି ନିଜ ଚେମ୍ବରକୁ ଯାଇ ପାରିଲେ ନାହିଁ । ଉପରବେଳା ମିସ୍ ମଣିବାଲିଙ୍କୁ ନେଇ କେତୋଟି ଜରୁରୀ ଚିଠିର କେବଳ ନୋଟ୍ ଡାକିଦେଲେ । ସେ ଚିଠିଗୁଡ଼ିକୁ ଟାଇପ୍ କରୁଚି ଏତିକିବେଳେ ଫୋନ୍ ଅସିବାରୁ ରଜନୀବାବୁଙ୍କ ଚେମ୍ବରକୁ ଯାଇଁ ଟେବଲ୍

ଉପରୁ ଫୋନ ଉଠାଇ ଡାକିଲା, ହାଲୋ···କିଏ ! ଓ···ମିଷ୍ଟର ପାଣ୍ଡ ! ଯିବେ ? ହଁ ଆଜି ଶନିବାର, ମୋର ମଧ୍ୟ ଯିବା ଖୁବ୍ ଇଚ୍ଛା······ଆଚ୍ଛା ମିଃ ପଟ୍ଟନାୟକ ବି ଯିବେ ? ତେବେ କ୍ୟାମ୍ପ ବୁଲି ଦେଖିବାର ପ୍ରୋଗ୍ରାମ ରହିଲା । ଗୃହଠାରେ ଆପଣ କାର୍ ନେଇ ଆସନ୍ତୁ । ମୁଁ ପ୍ରସ୍ତୁତ ଥିବି । ଆଚ୍ଛା ଅଚ୍ଛା !···ମିସ୍ ମଣିବାଲା ରିସିଭରଟି ରଖୁ ରଖୁ ବାହାରେ କାହାର ପଦ ଶବ୍ଦ ଯେପରି ଶୁଣିବାକୁ ପାଇଲା । ରଜନୀବାବୁ ଅଫିସକୁ ଆସି ନ ଥିବାରୁ ଚପରାସୀଟି ଘରକୁ ଚାଲି ଯାଇଚି । ସେ ବାହାରକୁ ଆସି କିନ୍ତୁ କାହାକୁ ଦେଖିଲା ନାହିଁ । ହଲ୍ ଶେଷରେ ଥିବା ପାହାଚ ଦେଇ ଅବିନାଶ ରୁମ୍ ପର୍ଯ୍ୟନ୍ତ ସେ ଆସିଲା । କବାଟ ଠେଲି ଦେଖିଲା ଭିତର ପଟୁ କବାଟ ବନ୍ଦ । ଫେରି ଆସି ନିଜ ରୁମ୍‌ରେ ପୁଣି ଟାଇପ୍ କରିବାକୁ ଲାଗିଲା ମଣିବାଲା ।

ଠିକ୍ ଗୃହଠାରେ ହିନ୍ଦୁସ୍ଥାନ-ଟେନ୍ ଆସି ଶିଳ୍ପଶ୍ରୀ ଏଣ୍ଡ କୋଃ କୋଠା ସାମନାରେ ହର୍ଣ୍ଣ ଦେବା ମାତ୍ରେ ସୁରୁଚି ପରିପାଟୀ ସଂପନ୍ନା ମିସ୍ ମଣିବାଲା ବାହାରି ଆସିଲା । ରଜନୀବାବୁଙ୍କ ରୁମ୍ ଦେଇ ଆସୁ ଆସୁ କହି ଆସିଲା, ମୁଁ ଗୋପାଳପୁର ରିଫ୍ୟୁଜି କ୍ୟାମ୍ପକୁ ଯାଉଚି ।

ତଳ ମହଲାକୁ ଆସି ଅବିନାଶବାବୁଙ୍କୁ ଦେଖାକରି କହିଲା— ରଜନୀବାବୁଙ୍କ ପ୍ରତି ଦୃଷ୍ଟି ରଖିଥିବେ । ନଚେତ ଆସନ୍ତୁ ଟିକେ ବୁଲି ଆସିବେ ।

ଅବିନାଶ ନିମନ୍ତ୍ରଣ ରକ୍ଷା କରି ପାରିଲା ନି । ମଣିବାଲା ଆସି କାର୍‌ରେ ମିଷ୍ଟର ପାଣ୍ଡଙ୍କ ପାଖେ ବସିବା ପର୍ଯ୍ୟନ୍ତ ଅଫିସ ଆଢୁଆଳରୁ ସେ ଲକ୍ଷ୍ୟ କରୁଥିଲା ।

ଗୋପାଳପୁର ବାସ୍ତୁହରା କ୍ୟାମ୍ପ୍ । ଦୁଃସ୍ଥ ଅସ୍ଥାୟୀହୀନ ଜୀବଗୁଡ଼ିକର କରୁଣ ଚିତ୍କାର ସେଠି ଆବହାୱାକୁ ଦୂଷିତ କରି ରଖିଛି । ସରକାରଙ୍କ ସ୍ୱଳ୍ପ ଦାନ ଆଶାବାଦୀ ଆଶ୍ରୟପ୍ରାର୍ଥୀଗୁଡ଼ିକୁ କେବଳ ପେଟରେ ବଞ୍ଚାଇ ରଖିଛି ଯାହା···କିଏ ସିଲେଇ ମେସିନଟିଏ ଧରି ବସିଛି, କିଏ ପିଲାଙ୍କ ଜାମାପଟା ସିଲାଇ କରିବାରେ ବ୍ୟସ୍ତ । ଶହଶହ ରିଫ୍ୟୁଜି ଭିତରୁ କେତେକ ଅର୍ଥସମ୍ବଳ ଆଢ଼ଙ୍କ ଲୋକ କୁଟୀର ଶିଳ୍ପ ନେଇ ବ୍ୟସ୍ତ ଥିବାବେଳେ ଅନ୍ୟମାନେ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ପରିଦର୍ଶକମାନଙ୍କୁ ନିଜର ଦୁଃଖଦୁର୍ଦ୍ଦଶା ଜଣାଇବା ପାଇଁ ବ୍ୟାକୁଳ । ଏମିତେ ବୁଲି ଦେଖୁଥିବା ବେଳେ କେତେକ ରୁଗ୍ଣ ତରୁଣୀ ଓ ପ୍ରୌଢ଼ା ମଣିବାଲାଙ୍କୁ ଦିଦି ସମ୍ବୋଧନ କରି ନମସ୍କାର କରୁଥାନ୍ତି । ମଣିବାଲା ପିଲାମାନଙ୍କ ହାତରେ କିଛି କିଛି ଅର୍ଥଦାନ କରି ମି: ପଟ୍ଟନାୟକ ଓ ମି: ପାଲଙ୍କ ପଛେ ପଛେ ଚାଲିଥା'ଏ । କ୍ୟାମ୍ପ ଫାଟକରେ ଥିବା ଅଫିସ ରୁମରୁ ଗୋଟିଏ ଖାତା ଆଣି କ୍ୟାମ୍ପର ତତ୍ତ୍ୱାବଧାରକ ଭଦ୍ରଲୋକ ଦୁହିଁଙ୍କୁ ବଢ଼ାଇ ଦେବା ମାତ୍ରେ ସେମାନେ ମଣିବାଲାଙ୍କୁ ଚାହିଁବାର ଅର୍ଥ ବୁଝିପାରି କହିଲେ, ଯେତେବେଳେ ଆସିଛନ୍ତି କିଛି ଦାନ କରିବାକୁ ହେବ ।

ପରିଦର୍ଶକ ଦୁହେଁ ପ୍ରତ୍ୟେକ ଟ ୫୦୦୯ର ପ୍ରତିଶ୍ରୁତି ଲେଖିଲା ପରେ ସମସ୍ତେ କ୍ୟାମ୍ପରୁ ବାହାରି ଆସିଲେ । ମଣିବାଲାଙ୍କ ପାଖେ ପାଖେ ଦୁଇଟି ରୂପସୀ ଯୁବତୀ ଚାଲିଥାନ୍ତି । ପରିଧାନରେ ମନୋଜ୍ଞ ବଙ୍ଗୀୟ ଶୈଳୀ ଦର୍ଶକବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରୁଥାଏ । କିଛିଦୂର ଆସିଲା ପରେ ମଣିବାଲାଙ୍କ ଇଙ୍ଗିତ ମାତ୍ରେ ଯୁବତୀ ଦୁଇଟି ମି. ପାଲ ଓ ମି: ପଟ୍ଟନାୟକଙ୍କ ହାତଧରି ଚାଲିବାକୁ ଲାଗିଲେ । ଆଗରେ ଦିଗନ୍ତ ପ୍ରସାରୀ ନୀଳ ସମୁଦ୍ର । ତା'ର ଫେନୋଚ୍ଛ୍ୱସିତ କୁଟିଳ ଆଲିଙ୍ଗନ ବାଲି ତଟରେ ଶ୍ୱେତପଦ୍ମ ସୃଷ୍ଟି କରି ଚାଲିଛି ।

ଅସ୍ତରାଗର ଶେଷ ଲାଲିମ ଦେଖୁ ଦେଖୁ ଦର୍ଶକମଣ୍ଡଳୀ ବାହାର ହୋଇ ପଡ଼ିଲେ। ଦିଗଙ୍ଗନାର ସେଇ ନୀଳ ଓଢ଼ଣୀଟି ଆସ୍ତେ ଆସ୍ତେ ଫିକା ହୋଇ ଶେଷରେ କାଳି ହୋଇଗଲା। ସମୁଦ୍ରତଟରେ ଦର୍ଶକବୃନ୍ଦଙ୍କ କୋଳରେ ତରୁଣୀ ଦୁଇଟି ମୋହାବିଷ୍ଟ ହୋଇ ପଡ଼ି ରହିଲେ। ସନ୍ଧ୍ୟାର କଳା ସ୍ପର୍ଶ ସେମାନଙ୍କୁ ଆସ୍ତେ ଆସ୍ତେ ନିଶ୍ଚିହ୍ନ କରୁଥାଏ।

ଅଳ୍ପ ଦୂରରେ ଛିଡ଼ା ହୋଇଥିବା ଗାନ୍ଧୀ ମୂର୍ତ୍ତିଟିର ଇଙ୍ଗିତରେ ଦର୍ଶକ ଦୁହେଁ ତରୁଣୀ ଦୁଇଟି ସମ୍ଭବତ 'ସି ଭିଉ ରେଷ୍ଟୁରାଣ୍ଟ' ଭିତରକୁ ପଶିଲେ। ରେଷ୍ଟୁରାଣ୍ଟରେ ବେଶି ଲୋକ ଭିଡ଼ ନ ଥିଲେ ମଧ୍ୟ ପଥ ପ୍ରଦର୍ଶନକାରିଣୀ ନ'ହ୍ରୀଟି ସେମାନଙ୍କୁ ଏକ ଖାସ କାମରାକୁ ନେଇଗଲା। କିଛି ସମୟ ପରେ ସେ ଫେରିଆସି ପରଦା ପାଖେ ଛିଡ଼ା ହୋଇ ହଲ ଭିତରକୁ ନିରୀକ୍ଷଣ କଲା। ହଲରେ କେବଳ ଦୁଇଟି ବ୍ୟକ୍ତି ଥାନ୍ତି। ଦୁହିଁଙ୍କ ଭିତରୁ ଏଙ୍ଗ୍ଲୋଇଣ୍ଡିଆନ୍ ପରି ଦିଶୁଥିବା ଯୁବକଟି ହଲର ଗୋଟିଏ କଣରେ ବସି ମଝିରେ ମଝିରେ ତୁଛା ମାତଲାମି କରୁଥାଏ। ଟେବୁଲ ଉପରେ ଗୋଟିଏ ଚମଡ଼ା ବ୍ୟାଗ୍ ପଡ଼ିଛି। ବ୍ୟାଗ୍ ଉପର ସ୍ଲିପ୍‌ଟିରେ ଲେଖା ହୋଇଛି 'ମି: ଯୋସେଫ୍ ପିଟର, ସ୍ପେଶାଲ ରିପ୍ରେଜେଣ୍ଟେଟିଭ—ଭରତ ଡ୍ରଗ୍‌ସ ଲିମିଟେଡ, କାଲକାଟା' ଏଣ୍ଟିକେଟେଲ ଯୁବକଟି ପ୍ରଥମ ଗ୍ଲାସ ନିଃଶେଷ କରି ବୟ୍‌ଟିକୁ ଅଙ୍ଗୁଳି ନିର୍ଦ୍ଦେଶରେ ପାଖକୁ ଡାକିଲା। ବୟ୍ ଆସିଲାରୁ ସେ ଆଉ ଗୋଟିଏ ଗ୍ଲାସ ପାଇଁ ଅର୍ଡ଼ର ଦେଲା। କିନ୍ତୁ ଏଇ କଣ ହେଲା ଯୁବକଟି ଦ୍ୱିତୀୟ ଗ୍ଲାସଟି ପିଇବାର ଅବ୍ୟବହିତ ପରେ ଚେୟାରରେ ଢଳି ପଡ଼ିଲା ମୃତ ପ୍ରାୟ। ସେତେବେଳକୁ ଅନ୍ୟ ଗ୍ରାହକଟି ଚାଲିଯାଇଥାଏ।

'ମାନେଜରବାବୁ ! ମାନେଜରବାବୁ'

ଦେଖୁ ଦେଖୁ ଦି ଚାରିଜଣ ବୟ୍ ଆସି ପହଞ୍ଚିଗଲେ। ମାନେଜରଙ୍କ ଆଦେଶକ୍ରମେ ସେମାନେ ଶୁନେ ଶୁନେ ଟେକି ନେଇଗଲେ ରେଷ୍ଟୁରାଣ୍ଟର ଏକ ଖାସ କାମରାକୁ।

ଯୁବକଟିର ଯେତେବେଳେ ଚେତା ହେଲା, ସେ ଦେଖିଲା ବିଦ୍ୟୁତ୍-ଉଦ୍ଭାସିତ ଏକ ସୁସଜ୍ଜିତ କକ୍ଷର ନରମ ବିଛଣା ଉପରେ ସେ ଶୋଇଛି । କାନ୍ଥର ଅଦ୍ଭୁତ ଛବିଗୁଡ଼ିକ ଉପରେ ତା ଦୃଷ୍ଟି ପଡ଼ିଲା । ଅର୍ଦ୍ଧନଗ୍ନ କାମତୁର ନାରୀ ମୂର୍ତ୍ତି ପରିବର୍ତ୍ତେ ଦେଖିଲା ନିରୀହ କାଙ୍ଗାଳମାନଙ୍କ ବିଭିନ୍ନ ଚିତ୍ର ଅଙ୍କା ହୋଇଛି । ମୁଖବ୍ୟାଦନ କରି ସେମାନେ ଯେପରି ଏ ପୁଞ୍ଜି-ସର୍ବସ୍ୱ ବିଳାସୀ ସମାଜକୁ ଗ୍ରାସ କରିବାକୁ ଉଦ୍ୟତ । ହଠାତ୍ ଏହି ସମୟରେ ବିଦ୍ୟୁତ୍ ପ୍ରବାହ ବନ୍ଦ ହୋଇଗଲା । ତା ପରେ ପରେ ଏକ ତୀବ୍ର ଅଟ୍ଟହାସର ମୂର୍ଚ୍ଛନା......ଯୁବକଟି ଅନୁଭବ କଲା, ତାର ଖୁବ୍ ନିକଟରେ କିଏ ଯେପରି ହସୁଛି ! ଏ ହସ କିନ୍ତୁ ସୁଖାଦ୍ୟପୁଷ୍ଟ ଉଦରର ନୁହେଁ, ଦୀର୍ଘ ଅନାହାରରେ ଅନ୍ନସ୍ୱପ୍ନ ଦେଖୁଥିବା ସର୍ବଗ୍ରାସୀ ଭୋକିଲା ଉଦରରୁ ଯେପରି ଏ ହସର ସୁଅ ଆସୁଛି । ବିଦ୍ୟୁତ୍ ପ୍ରବାହ ଆରମ୍ଭ ହେବା ମାତ୍ରେ ଯୁବକଟି ଚମକି ପଡ଼ିଲା । ଚମକି ପଡ଼ିଲା ବିଦ୍ୟୁତ-ଆଲୋକର ଆକସ୍ମିକ ଝଲକରେ ନୁହେଁ, ଚମକି ପଡ଼ିଲା ତାର ଅତି ପାଖରେ ବସିଥିବା ଏକ ଅପୂର୍ବ ପୁରୁଷକୁ ଦେଖି । ନା-ନା, ପୁରୁଷ ତ ନୁହେଁ...ସମ୍ଭବତଃ ନାରୀ ! ସମୁନ୍ନତ ଶୋଭନ ବକ୍ଷ...ସିଲ୍କ ହାଓ୍ୱାଇ ସାର୍ଟ ଉପରେ ଚମଡ଼ାର ବେଲ୍ଟ । ଓଷ୍ଠ ପ୍ରାନ୍ତଠାରୁ ନାସିକା ପର୍ଯ୍ୟନ୍ତ କଳା କନାର ପଟି । ଆଖିରେ ଗାଢ଼ ନୀଳ ଚଷମା । ଭ୍ରୂ ଦୁଇଟି ସୁଦ୍ଧା ଦେଖିବାର ଉପାୟ ନାହିଁ । ମୁଣ୍ଡର ମିଲିଟାରୀ ହ୍ୟାଟ୍ ପିନ୍ଧିବା ଭଙ୍ଗୀରୁ ବେଶ୍ ଅନୁମିତ ହୁଏ କେଶବିନ୍ୟାସ-ନିପୁଣା

ସୁନ୍ଦରୀ ତରୁଣୀର ଅର୍ଦ୍ଧନଗ୍ନ ଶରୀରର ବେଶ ଚମତ୍କାର ଦେଖାଉଛି । ଯୁବକଟି ମନେ ମନେ ତାରିଫ କଲା । ବିଛଣା ଉପରେ ସେ ଅଣ୍ଟୁ ଦୁଇଟିକୁ ଦୁଇ ବାହୁରେ ଘଷ୍କି ଧରି ଏପରି ଭାବରେ ବସିଛି ଯେପରି ତାର କଷ୍ଟ ହେଉନି । ପୁଣି ସେଇ ହସ......

ଅଭିନନ୍ଦନ ବନ୍ଧୁ ! କଣ ବୋଲି ତମକୁ ସମ୍ବୋଧନ କରିବି ମି. ଯୋସେଫ୍ ! ବ୍ରହ୍ମପୁରରେ ଅନେକ ପ୍ରେସ ଅଛି ଏ ଭିଜିଟିଙ୍ଗ୍ କାର୍ଡ଼ ଛାପିବା ପାଇଁ; ତମେ ନିଶ୍ଚୟ ଜଣେ ସୁଦକ୍ଷ ଅଭିନେତା !

ଯୁବକଟି ସନ୍ଦେହ ଦୃଷ୍ଟିରେ ଅନେଇଁ ରହି କଥାଗୁଡ଼ିକୁ ହଜମ କରିବାକୁ ଲାଗିଲା । ପୁରୁଷ ବେଶୀ ରମଣୀଟି ଯୁବକ ପିଠିରେ ମୃଦୁ କରାଘାତ କରି କହିଲା, ଆଚ୍ଛା ମିଃ ମାନସିଂ, ପ୍ରହସନ ଥାଉ, ଏଥରକ କୁହନ୍ତୁ—କଲିକତାରେ କେତେଦିନ ଗୁଇନ୍ଦାଗିରି ଟ୍ରେନିଂ ନେଇଥିଲେ ? ଯାହାହେଉ ପୁରସ୍କାରର ଲୋଭ କେବେଁ ତମକୁ ସେଠାରେ ଅଟକାଇ ରଖିପାରିନଥାନ୍ତା, ଟାଣି ରଖିଛି କେବଳ ମୋହମୟୀ ଅପରୁପ ଲାବଣ୍ୟବତୀ ଯୁବତୀ ମଣିବାଲା, ନୁହେଁ ?

ଯୁବକଟି ବକ୍ର ଦୃଷ୍ଟିରେ ତରୁଣୀ ମୁହଁକୁ ଅନେଇ ଚାହିଁଲା । ଯୁବତୀଟିର ଅସ୍ୱାଭାବିକ କଣ୍ଠନିସୃତ କଥା ତାକୁ ବିସ୍ମୟ-ସ୍ତବ୍ଧ କରିଛି ।

ମୁଁ ମିଥ୍ୟାବାଦିନୀ ନୁହେ ବନ୍ଧୁ ! କୁଚକ୍ରୀ ପରଧନଲୋଭୀ ରଜନୀ ମହାନ୍ତିକୁ ଏ ସର୍ବଗ୍ରାସୀ କାଙ୍ଗାଳଙ୍କ ଦାଉରୁ ବଞ୍ଚାଇବା ଆଶା ତୁମର ବୃଥା । କୁହ କେତେ ଦରକାର ? ସେତିକେ ପରିଶ୍ରମ ଯଦି ଆମ ପାଇଁ କରନ୍ତ ତାଠୁ ଯଥେଷ୍ଟ ବେଶୀ ପୁରସ୍କାର ମିଳନ୍ତା ତମକୁ । ଏପରି ନୀରବ ରହିଲେ କିଏ ତମକୁ ଛାଡୁଛି । କଥା ବାହାର କରିବାର ସ୍ପେଶାଲ ଟେକ୍‌ନିକ୍ ଆମକୁ ଜଣା ଅଛି !

କରତାଳି ଦେବା ମାତ୍ରେ ସମ୍ମୁଖ ବୃତ୍ତରୁ ଏକ ଯୁବତୀ ଆସି ଚାବୁକଟାଏ ଦେଇଗଲା । ଯୁବକଟି ସିଧା ହୋଇ ବସି କହିଲା, କ'ଣ ତମ'ଠୁ ଚାହଁ ? ଏତିକିବେଳେ ଯୁବକଟି ସୁଯୋଗ ଦେଖି ହଠାତ୍ ତରୁଣୀଟି ଉପରକୁ ଲମ୍ଫ ପ୍ରଦାନ କରୁ କରୁ ତଳେ କଚାଡ଼ି ହୋଇ ପଡ଼ିଲା । କୌଶଳରେ ରମଣୀଟି ଖସିଯାଇ ପୁଣି ଯେତେବେଳେ ସମ୍ମୁଖକୁ ଆସିଲା ସେତେବେଳେ ସେ ଦେଖିଲା, ଗ୍ଲୋଭ_ପରିହିତ ହାତରେ ଗୋଟେ ରିଭଲଭର୍ ଟିଏ ଚକ୍ ଚକ୍ କରୁଛି ।

ହା—ହା—ହା—ବୃଥା ଚେଷ୍ଟା ବନ୍ଧୁ ! ତମପରି ଅପଟୁ ନିରୀହ ଜୀବକୁ ହତ୍ୟା କରି ଗୌରବ ନେବାକୁ ମୁଁ ଚାହେଁନା । ସମୟ ଖୁବ୍ ଅଳ୍ପ । ରଜନୀ ମହାନ୍ତିକୁ ଆମ ଜିମା କରି ତମ ପୂର୍ବସ୍ଥାନକୁ ବିନା ବାଧାରେ ଚାଲିଯାଅ ।

ନଚେତ୍ ?

ନଚେତ୍ ? ନୀଳ ଚଷମା ତଳେ ବ୍ଲୁ ବ୍ଲାକ୍ ଆଖି ଦିଓଟି ଜଳି ଉଠିଲା ମୁହୂର୍ତ୍ତିକ ପାଇଁ । ପଲକମାତ୍ରେ ଚାବୁକର ଅଗ୍ରଭାଗ ଯୁବକଟିର ପୃଷ୍ଠ ଦେଶରେ ଦାଗ ସୃଷ୍ଟି କରି ନାଚି ଉଠିଲା ।

ଓଃ ! ଅସହ୍ୟ ଯନ୍ତ୍ରଣାରେ ଯୁବକଟି ଥରେ ପିଠି ଆଉଁସି ବିଛଣାରେ ବସି ପଡ଼ିଲା ।

ଏ ଧୃଷ୍ଟତା ପାଇଁ ଏଠୁ କେବେହେଁ ଅବ୍ୟାହତି ମିଳେ ନା । ମନେ ରୁହେ ଯେପରି । ମୋର ଏ ପ୍ରଥମ ସତର୍କ । କହି କରତାଳି ଦେବା ମାତ୍ରେ ପୂର୍ବ ଯୁବତୀଟି ଆସି ଉପସ୍ଥିତ ହେଲା ।

ମୋ ପ୍ୟାଡ୍ !

ଯୁବତୀଟି ମୁହୂର୍ତ୍ତିକରେ ପ୍ୟାଡ୍ଟି ଦେଇଗଲା !

ଲେଡ଼ି ଟାଇପିଷ୍ଟ ପାଇଁ ଆଉ କୌଣସିଦିନ ଉଦ୍‌ଭ୍ରାନ୍ତ ପ୍ରେମିକର ଅଭିନୟ କରିବାକୁ ହେବ ନାହିଁ । ନାରୀର ପ୍ରେମକୁ ସମ୍ମାନ ଦେବା ଏ ଦଳର ମୁଖ୍ୟ ଉଦ୍ଦେଶ୍ୟ । ଲେଖ—

ଆଦେଶ ଅନୁଯାୟୀ ଯୁବକଟି ନିଜ ପେନ୍ ବାହାର କରି ଲେଖିବାକୁ ଆରମ୍ଭ କଲା ।

ପ୍ରେୟସୀ ମଣି !

ତୁମକୁ ଦେଖିବା ଦିନୁ ମୁଁ ମୁଗ୍‌ଧ ହୋଇଛି । ପାଖରେ ରହି ସୁନ୍ଦର ତମ ମୁହଁକୁ ଦେଖିଲେ ମୋର ସବୁ କଥା ଅକୁହା ରହିଯାଏ । କିନ୍ତୁ ଭଦ୍ର ଆବରଣରେ ରହି ତମ ଅଲକ୍ଷ୍ୟରେ ତମ ରୂପ ସୁଧା ଶୁଷିବା ମାନେ ତମ ପ୍ରେମର ଅବମାନନା କରିବା, ଏଣୁ ଲେଖି ଜଣେଇ ଦେବାକୁ ବାଧ୍ୟ ହେଲି । ତମେ ମୋର ଏକାନ୍ତ କାମନା···ମୋ ଜୀବନର ସ୍ୱପ୍ନ···ମୋ ସ୍ୱପ୍ନର ରାଣୀ······

ତମର ପ୍ରଣୟପ୍ରାର୍ଥୀ
ଅବିନାଶ

ଚିଠିଟିକୁ ଝାମ୍ପି ନେଇ ପକେଟସ୍ଥ କଲା ପରେ ସେ ହସି ହସି କହିଲା, ଧନ୍ୟବାଦ ବନ୍ଧୁ ! ଆମ ସର୍ତ୍ତ ଯେପରି ମନେ ରୁହେ ।

ଏତିକିବେଳେ ତଳେ ପଡ଼ିଥିବା ପିସ୍ତଲଟାକୁ ହଠାତ୍ ଉଠେଇ ନେଇ ଯୁବକଟି ଚିତ୍କାର କରି କହିଲା, ହ୍ୟାଣ୍ଡ୍‌ସ ଅପ୍ !

ଓ ହୋ-ହୋ······ଆରେ ବାପରେ······ତରୁଣୀଟି ନାରୀସୁଲଭ ଚପଳତାରେ ହସିହସି ଗଡ଼ିଗଲା । ଯୁବକଟି ଲଜ୍ଜିତ ହୋଇ ଦେଖିଲା ପିସ୍ତଲରେ ବୁଲେଟ ନାହିଁ । ସାଙ୍ଗେ ସାଙ୍ଗେ ତରୁଣୀଟି ଉପରକୁ ଝାମ୍ପ ଦେବାକୁ ଉଦ୍ୟତ ହେଲାବେଳେ ସୁଇଚ୍ ଅଫ ହୋଇଗଲା । ସେ ଅନ୍ଧାରରେ କରୁଡ଼ ହୋଇ ପଡ଼ି ଯନ୍ତ୍ରଣାରେ ଚିତ୍କାର କରି ଉଠିଲା—ଉଃ !

ତାପରେ ଶୁଣାଗଲା After all you are a damn fool dear detective !

ବତୀ ଜଳି ଉଠିଲା । ଅବିନାଶ କିନ୍ତୁ ତଳୁ ଉଠି ପାରିଲେନି । ପାଖ ରୁମ୍‌ରେ ବାରଟା ବାଜୁଥାଏ । ତା ଇଣ୍ଟର୍ଭ୍ୟାର୍ ବନ୍ଦ ହୋଇ ଯାଇଚି ।

ନିସ୍ତବ୍ଧ ଗମ୍ଭୀର ନିର୍ଜନତା ଭଙ୍ଗକରି କଳା ରଙ୍ଗର କାର୍ ଟିଏ ଆସି ବଡ଼ ବଜାରସ୍ଥ ଗ୍ରିଲଷ୍ଟ୍ରୀ ଏଣ୍ଡ କୋ: ଅଫିସ ଆଗରେ ଛିଡ଼ା ହୋଇଗଲା ! ତରୁଣୀଟିଏ ବାହାରି ପଡ଼ି ଫାଟକ ଖୋଲିବା ମାତ୍ରେ ଦରୁଆନ୍ ବାହାରି ପଡ଼ି ପଚାରିଲା, କିଏ ? କିନ୍ତୁ ତରୁଣୀଟି କୌଣସି ଉତ୍ତର ନ ଦେଇ ପାହାଚ ଉପରକୁ ଉଠିଗଲା । ଉପର ମହଲାରେ ସଶବ୍ଦ ପାଦ ଧ୍ୱନି ଶୁଣି ରଜନୀବାବୁ ଚିତ୍କାର କରି ଉଠିଲେ—କିଏ ?

ମୁଁ ମଣିବାଲା । ରାତି ଗୋଟାଏ ହେଲାଣି, ଆପଣ ଶୋଇ ନାହାନ୍ତି ?

ଅଜକାଲି ଯେପରି ବେଳ ଏତେ ରାତିଯାଏ ବୁଆଡ଼େ ବୁଲୁଚ ?

ଗୋପାଳପୁରରୁ ଫେରି ସେକେଣ୍ଡ ସୋ' ସିନେମା ଦେଖି ଯାଇଥିଲି ।

ମଣିବାଲା ନିଜ ରୁମ୍ ଖୋଲି ଗାଢ଼ ନିଦରେ ଶୋଇ ପଡ଼ିଲା ।

ସିନେମାର ଅଧା ଟିକେଟ୍‌ଟା ଟେବୁଲ ଉପରେ ପଡ଼ିଥାଏ ।

ଠିକ ଘଣ୍ଟାକ ପରେ ଅବିନାଶ ଏକ ଝଟକାରୁ ଓହ୍ଲାଇ ଯନ୍ତ୍ରଣା-କାତର ଗତିରେ ଆସ୍ତେ ଆସ୍ତେ ପାହାଚ ଉପରକୁ ଉଠିଲେ । ତା ଗୋଡ଼ ଯେପରି

ଠିକ ସ୍ଥାନରେ ପହଞ୍ଚି ନ ଥାଏ । ନିଜ ରୁମ୍ ପାଖରେ ପହଞ୍ଚିଲା ବେଳକୁ ହାଲ ଘଣ୍ଟରେ ଦଶଟା ବାଜୁଥାଏ । ସେ ବ୍ୟର୍ଥ ବଲ୍ବ ମିଳେଇ ଶଯ୍ୟାଶାୟୀ ହେଲା । କିନ୍ତୁ ଯନ୍ତ୍ରଣାରେ ଛଟପଟ ହେଉ ଅଧଘଣ୍ଟା ପରେ ଯେତେବେଳେ ନିଦ ହେଲା, ସେତେବେଳକୁ ସକାଳ ହୋଇ ଯାଇଥାଏ ।

ଅବିନାଶବାବୁ ! ଅବିନାଶବାବୁ ! ଉଠନ୍ତୁ, ଏତେ ନିଦ···ବ ବରେ !

ରୁମ୍ ଭିତରୁ କୌଣସି ପ୍ରକାର ଶବ୍ଦ ନ ପାଇ ମଣିବାବୁ ଜୋର୍ ରେ କବାଟ ପିଟିବାକୁ ଲାଗିଲେ ।

ଅବିନାଶ ବାବୁ ! ଦିନ ଆଠଟା ହେଲାଣି ଶୋଇଛନ୍ତି । ରବିବାରର ଲଗଣୀ ନିଦ ଆପଣଙ୍କୁ ହେଉଚି ଦେଖୁଚି ! ଅବିନାଶ ବାବୁ !

ନିଶବ୍ଦରେ କବାଟ ଖୋଲିଗଲା । କିନ୍ତୁ ଅବିନାଶଙ୍କଠାରେ କୌଣସି ପ୍ରକାର ଚାଞ୍ଚଲ୍ୟ ନ ଦେଖି ମଣିବାବୁ ଆଶ୍ଚର୍ଯ୍ୟ ହେଲେ । ସେ ଭିତରକୁ ପଶିଯାଇ ଦେଖିଲେ, ଅବିନାଶ ଧୀରେ ଧୀରେ ଯାଇଁ ବିଛଣା ଉପରେ ବସୁଛି । ମୁହଁରେ ତାଙ୍କର ଗୋଟାଏ ଅସ୍ୱାଚ୍ଛନ୍ଦ୍ୟର ଅଭିବ୍ୟକ୍ତି

କଣ ହେଉଚି ଆପଣଙ୍କର ? କ୍ଷମା କରିବେ ମୁଁ ଯଦି ଆସି ଆପଣଙ୍କୁ ଅଯଥା ବିବ୍ରତ କରିଥାଏ !

ଅବିନାଶ ନୀରବ ।

ନିଅନ୍ତୁ । ଉପରେ ରଞ୍ଜନବାବୁ ଗୁ ଟେବୁଲ ପାଖେ ଅପେକ୍ଷା କରିଛନ୍ତି । ଅବିନାଶ ହାତରେ ବ୍ରସ ଓ ଟୁଥପେଷ୍ଟ ଧରେଇ ଦେଇ କହିଲେ ମଣିବାବୁ ।

ତେବେ ବି ଅବିନାଶ ନିରୁତ୍ତର ।

ଓଃହୋ···ଆପଣ ବଡ଼ ଲୋକ ! ମଣିବାଲା ଉଠିଆସି ଅବିନାଶର ଦୁ ବାହୁକୁ ଧରି ଉଠେଇ ଦେବାମାତ୍ରେ ଅବିନାଶ କ୍ଷୀଣ ଚିତ୍କାର କରି କହିଲା, ଓଃ ! ତାପରେ ସେ ତାର ଗୋଟିଏ ହାତ ପିଠିଆଡ଼କୁ ନେଇ ଅଉଁଶିବାକୁ ଲାଗିଲା ।

ଆପଣ କଣ ସତରେ ଅସୁସ୍ଥ ? ଏଥିରେ ଲଜ୍ଜା କ'ଣ ଅବିନାଶ ବାବୁ ! ଆପଣଙ୍କର ଯଦି କେହି ଆତ୍ମୀୟ ପାଖରେ ଥାନ୍ତେ—

ଶୁଷ୍କ ମୁହଁରେ ହସଟିଏ ଫୁଟେଇ ମଣିବାଲା ମୁହଁକୁ ଅନେଇଲା ଅବିନାଶ । ତାପରେ ଉଠିବାକୁ ଚେଷ୍ଟା କରି କହିଲା, ଶୁଣନ୍ତୁ, ମୋର କିଛି ହୋଇନି । ଆପଣଙ୍କ କଷ୍ଟ ପାଇଁ ଧନ୍ୟବାଦ—

ହଉ, ସେ ଧନ୍ୟବାଦ ପରେ ଦେବେ, ଆଗେ ଆସନ୍ତୁ—କହି ମଣିବାଲା ଏକ ପ୍ରକାର ତାକୁ ଘରୁ ବାହାରକୁ ଟାଣି ଆଣିଲା । ଅବିନାଶ ମନେ ମନେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରି ଅନ୍ୟମନସ୍କ ରହିବାକୁ ଚେଷ୍ଟାକଲା । ଏତିକିବେଳେ ମଣିବାଲା ପୁଣି ଘର ଭିତରକୁ ଛୁଟି ଯାଇଁ ତକିଆଟା ଆଣି ଅବିନାଶ ପିଠିରେ ପକେଇ ଦେବା ମାତ୍ରେ ସେ ଚହିଁକି ଉଠି ପାଟିକରି ଉଠିଲା, ଆଃ !

ଅବିନାଶ ମୁହଁରେ ଯନ୍ତ୍ରଣାର ଚିହ୍ନ ଦେଖି ମଣିବାଲା ମର୍ମାହତ ହେଲା । ପରମୁହୂର୍ତ୍ତରେ ଅବିନାଶ ହାତଟାକୁ ପିଠି ଉପରକୁ ଘୁଞ୍ଚେଇ ଆଣି ଗଞ୍ଜି ଉଠେଇବାକୁ ଯିବାରୁ ଅବିନାଶ ମଣିବାଲା ହାତକୁ ଛିଞ୍ଚାଡ଼ି ଦେଇ ବିରକ୍ତି ସହ କହିଲା, ମୋର କିଛି ହୋଇନି, କାହିଁକି ମତେ ବିରକ୍ତ କରୁଚ ?

ମଣିବାଲା କିନ୍ତୁ ଛାଡ଼ିବାର ପାତ୍ରୀ ନୁହେଁ । ସେ ଅବିନାଶ ପିଠିରୁ ଗଞ୍ଜିଟାକୁ ଉଠେଇ ଦବାମାତ୍ରେ ଦେଖିଲା ଲାଲ ଡକଡକ ଚମଡା ଉପରେ

ଇଟେଁ ଚଉଖାର ଏକ କଳା ଦାଗ ଅଣ୍ଟା ପାଖରୁ ବେକ ପର୍ଯ୍ୟନ୍ତ ଲମ୍ବି ଯାଇଛି । ଯେପରି କିଏ ଗୃହୀକାଠର ଖୁବ ଜୋରରେ ପ୍ରହାର କରିଛି । ତା ଆଖିପତା ଭିଜି ଆସିଲା । ତାପରେ ଲୁହ ଟୋପାଏ ଖସିପଡ଼ି ଅବିନାଶର ପାଦ ସ୍ପର୍ଶକଲା ।

ଓଃ···ଏପରି ସାଂଘାତିକ ଅବସ୍ଥାରେ ଥାଇଁ ବି ଆପଣ ଲୁଚେଇବାକୁ ଚେଷ୍ଟା କରୁଛନ୍ତି । ଧନ୍ୟ ଆପଣଙ୍କ ଧର୍ଯ୍ୟ ! ମୁଁ ଡାକ୍ତରଙ୍କୁ ଫୋନକରେ—

ନା—କହି ପ୍ରସ୍ଥାନୋଦ୍ୟତା ମଣିବାଲାର ହାତକୁ ଭିଡ଼ି ଧରିଲା ଅବିନାଶ । ତା ଆଖିର କରୁଣ ଦୃଷ୍ଟିରେ ମଣିବାଲାର ପ୍ରତି କୃତଜ୍ଞତା ଫୁଟି ଉଠିଲା ।

କଣ ଚିକିତ୍ସା ବି ଦରକାର ନାହିଁ ? କେଡ଼େ ମଣିଷ ତ ଆପଣ ! ରହନ୍ତୁ, ରଜନୀବାବୁଙ୍କୁ ଡକେ । ସେ ନ ଆସିଲେ ଆପଣ ଭଲ ହେବେନି ।

ଦେଖନ୍ତୁ ମିସ୍ ମଣି ! ଟିକିଏ ରହି ଅବିନାଶ ପୁଣି କହିଲା, ଏତେ ଲୋକଙ୍କୁ କହି ଲାଭ କଣ ? ଭଲ ହୋଇଯିବ ।

ନାଁ—ମୁଁ ରଜନୀ ବାବୁଙ୍କୁ ନିଶ୍ଚୟ କହିବ । ରାତିରେ ଯାଇଁ ଡକାୟତଙ୍କ ସହିତ ଲଢ଼େଇ କରି କପଡ଼ ନାକନୁହାଣ ହୋଇ ଆସିଛନ୍ତି ।

ଆପଣ ଯେତେବେଳେ ଛାଡ଼ିବାର ପାତ୍ରୀ ନୁହନ୍ତି ଆଉ ମୋର ଉପକାର କରିବା ପାଇଁ ଏକାନ୍ତ ବ୍ୟାକୁଳ, ତେବେ—

ତେବେ ? ମଣିବାଲା ଅବିନାଶକୁ ବଡ଼ ବଡ଼ ଡୋଳାରେ ଅନେଇଲା ।

ଏ ବିଷୟ ଗୋପନ ରଖିବେ ବୋଲି ଆପଣଙ୍କଠୁ ଆଶା କରି ପାରେ କି ?

ଏଇଆତ ? ଅର୍ଥାତ୍ ଗୁପ୍ତ । ମତେ ଯଦି ବିଶ୍ୱାସ କରନ୍ତି ତେବେ ଶୁଣନ୍ତୁ । ରଜନୀବାବୁ ଟେବୁଲ୍ ପାଖେ ଅପେକ୍ଷା କରିଥିବେ । ଆପଣ ମୁହଁ ଧୁଅନ୍ତୁ—କହି ଅବିନାଶ ରୁମ୍ ଭିତରୁ ଛୁଟି ପଳେଇଗଲା ଡୋମହଲା ଉପରକୁ ମଣିବାଲା ।

ଅଧଘଣ୍ଟାକ ପରେ ପୁଣି ସେ ଯେତେବେଳେ ଆସି ଘର ଭିତରେ ପ୍ରବେଶ କଲା, ଅବିନାଶ ଦେଖିଲା ତା ହାତରେ ଗୁଡ଼ାଏ ବ୍ୟାଣ୍ଡେଜ୍, ତୁଳା ଓ ଗ୍ଲେଟ ଔଷଧ ଶିଶିଟିଏ ।

ଏ ସବୁ କ'ଣ ?

ଚୁପ ଚୁପ ଶୋଇ ପଡ଼ନ୍ତୁ । କହି ମଣିବାଲା ଉପକରଣଗୁଡ଼ିକୁ ଟେବୁଲ୍ ଉପରେ ରଖିଦେଇ ଅବିନାଶ ଦେହରୁ ଗଞ୍ଜିଟା କାଢ଼ି ଦେଇ କହିଲା, ଦେଖାନ୍ତୁ ଏଥର—ଉଃ—ଆଃ ହେଲେ ଚଳିବନି ।

ମଣିବାଲା ଶିଶିରୁ ଔଷଧ କାଢ଼ି ଦାଗ ଉପରେ ଖୁବ୍ ଧୀରେ ଧୀରେ ଲେପନ କରି ତୁଳା ଦେଇ ବ୍ୟାଣ୍ଡେଜ୍ କରିଦେଲା । ତାପରେ ଗେଞ୍ଜିଟାକୁ ପିନ୍ଧେଇ ଦେଇ କହିଲା, ଏଣିକି ଟିକେ ହୁସିଆରରେ ଚଳନ୍ତୁ ।

ମଣିବାଲା ରୁମ୍‌ରୁ ବାହାରି ଆସିବା ପରେ ଅବିନାଶ ମୁହଁରୁ ବାହାରି ପଡ଼ିଲା—ନାସ୍ତିର ଗଢ଼ ବଟାସ ।

ତା ପରଦିନ ରାତି । ଦସ୍ୟୁ ଦଳର ନିର୍ଦ୍ଦେଶ ଅନୁସାରେ ତାଙ୍କର ପ୍ରାପ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ଦେଇ ଆସିବାକୁ ହେବ । ଖରାବେଳେ ଜଣେ କେହି ଫୋନ କରି ରଜନୀ ବାବୁଙ୍କୁ ହୁସିଆର କରି ଦେଇଛି । ରାତି ଏଗାରଟା ଆସି ହେଲା । ଆସନ୍ନ ବିପଦର ଆଶଙ୍କାରେ ରଜନୀ ବାବୁ ବିବ୍ରତ। ଏଗାରଟା ପରେ ଅବିନାଶ ରଜନୀ ବାବୁଙ୍କ ସହିତ ଦେଖାକଲେ ଏବଂ କଣ ପରାମର୍ଶ କରି ଗୋଟିଏ ଥଳୀ ସହିତ ରୁମ୍‌ରୁ ବାହାରି ଆସିଲେ ।

ଅନ୍ଧାରରେ ଗଳି ରାସ୍ତା ଦେଇ ଚାଲିଚି ଅବିନାଶ । ଅଳ୍ପ ବ୍ୟବଧାନ ରଖି ଆଉ ଏକ ଛାୟାମୂର୍ତ୍ତି ତାକୁ ଅନୁସରଣ କରି ଚାଲିଛି । ବ୍ରହ୍ମପୁର ଶେଷରେ ଥିବା ପୋଖରୀ ସେପାଖେ ଭଗ୍ନ ପ୍ରାସାଦ ପାଖେ ପହଞ୍ଚିବା ମାତ୍ରେ ଅନୁଗାମୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲା । ପ୍ରାସାଦର ସ୍ତୂପୀକୃତ ଭଗ୍ନାବଶେଷକୁ ଅତିକ୍ରମ କରି ଗୁଳ୍ମଲତା ପରିବେଷ୍ଟିତ ଗୋଟିଏ କୋଠରୀରେ ପହଞ୍ଚି ସାଙ୍ଗରେ ଆଣିଥିବା ଥଳୀଟିକୁ ଖିଡ଼ିକି ପାଖରେ ରଖି ଦେଲା ଅବିନାଶ । ତା'ପରେ ନିଃଶବ୍ଦରେ 'ଅପସରି ଯାଇଁ ଲୁଚି ରହିଲା '।

ସରୀସୃପ ଓ ପତଙ୍ଗମାନଙ୍କର ବିକଟ ଚିତ୍କାର ରାତ୍ରିର ନିସ୍ତବ୍ଧତାକୁ ଭଙ୍ଗ କରିବା ସଙ୍ଗେ ସଙ୍ଗେ ମଣିଷ ମନରେ ଆତଙ୍କ ସୃଷ୍ଟି କରୁଥାଏ । ଏପରି ସ୍ଥାନରେ ମଣିଷର ଉପସ୍ଥିତି କଳ୍ପନା କରିବା ଭୁଲ୍‌ ପାଗଳାମୀ । ଅସୀମ ଧୈର୍ଯ୍ୟ ଓ ସାହସ ସହିତ ଗୋଟିଏ କାନ୍ଥକୁ ଲେପ୍‌ଟି ଘଣ୍ଟାଏକାଳ ଛିଡ଼ା ହେବା ପରେ ଅବିନାଶ ଦେଖିଲା ଖିଡ଼ିକି ସେପାଖୁ ଏକ ଅଦୃଶ୍ୟ ହାତ ଆସି ଥଳୀଟିକୁ

ଆତ୍ମରକ୍ଷା କରିବାକୁ ଚେଷ୍ଟା କରୁଛି । ପର ମୁହୂର୍ତ୍ତରେ ହାତଟି ଥଳୀକୁ ଯେମିତି ଧରିଛି, ଅବିନାଶ ଆଗକୁ ଆସି ଚିତ୍କାର କରି ଉଠିଲା—ହାତ ଟିକେ ଘୁଞ୍ଚାଇଲେ ସେଇଠୁ ଦ୍ୱିଖଣ୍ଡ କରିଦେବି । ଅବିନାଶର ଦୃଢ଼ ଆଦେଶରେ ହାତଟି ଯେଉଁଠି ଥିଲା ସେଇଠି ନିଶ୍ଚଳ ହୋଇ ରହିଗଲା । ଗୋଟିଏ ହାତରେ ଲୋଡ଼େଡ୍ ପିସ୍ତଲ ଧରି ହାତଟି ଉଦ୍ଦେଶ୍ୟରେ ଅବିନାଶ ଯେପରି ଆଗେଇଛି, ପଛପଟୁ ଏକ ବଜ୍ରକଠିନ ମୁଷ୍ଟି ଆସି ତା ମୁଣ୍ଡରେ ଆଘାତ କଲା । ସେ କବୃଣ୍ଡ ହୋଇ ପଡ଼ିବା ସାଙ୍ଗେ ସାଙ୍ଗେ ପିସ୍ତଲଟି ଛିଟିକି ଯାଇ ଦୂରରେ ପଡ଼ିଲା । ପର ମୁହୂର୍ତ୍ତରେ ଶକ୍ତି ସଞ୍ଚୟ କରି ସେ ଯେତେବେଳେ ଉଠିଲା ଦେଖିଲା ହାତଟି ଅଦୃଶ୍ୟ ହୋଇ ଯାଇଛି । ଥଳୀଟି ମଧ୍ୟ ନାହିଁ । ଷ୍ଟେଟ ଟର୍ଚ୍ଚ ଆଲୁଅରେ ସେ ସ୍ଥାନଟିକୁ ଭଲ ଭାବରେ ଦେଖି ଯେତେବେଳେ ପିସ୍ତଲଟିକୁ ଖୋଜି ପାଇଲା ସେ ଆଶ୍ୱସ୍ତ ହେଲା ଯେ ଦୁର୍ବୃତ୍ତମାନଙ୍କର ଉଦ୍ଦେଶ୍ୟ ନୁହେଁ ତାକୁ ହତ୍ୟା କରିବା । କେବଳ ଥଳିଟିହିଁ ସେମାନଙ୍କର ଲକ୍ଷ୍ୟ ଥିଲା । କିନ୍ତୁ ଖିଡ଼ଙ୍କ ପାଖେ ହାତ ରଖିଥିବା ଲୋକଟି ଆଉ ପଛପଟୁ ଆକ୍ରମଣ କରିବା ଲୋକଟି ଏକ ଦଳର ନୁହନ୍ତି । ତା ହୋଇଥିଲେ ଥଳୀଟିରେ ଟଙ୍କା ନ ପାଇ ସାଙ୍ଗେ ସାଙ୍ଗେ ସେମାନେ ଅକ୍ରମଣ କରିଥାନ୍ତେ । କିନ୍ତୁ ତା ପରିବର୍ତ୍ତେ ପରସ୍ପର ଧରା ପଡ଼ିବା ଭୟରେ ପଳାୟନ କରିଛନ୍ତି । ରଜନୀ ବାବୁଙ୍କ ବିଗତ ଜୀବନର ରହସ୍ୟମୟ ଇତିହାସ ନ ଜାଣିଲେ ଏମାନଙ୍କୁ ଚିହ୍ନଟ କରିବା ଯେ ଦୁରୂହ ବ୍ୟାପାର, ଅବିନାଶ ମନେ ମନେ ସେଇ କଥା ଭାବି ରାସ୍ତା ଅତିକ୍ରମ କରି ଚାଲିଲା ।

ହଲ ଅତିକ୍ରମ କରି ପ୍ରଥମ ସୋପାନ ଉପରେ ପାଦ ଦେଇଛି କାହାର ଗୁଁ ଗୁଁ ଶବ୍ଦରେ ଚମକି ପଡ଼ି ନିଶ୍ଚଳ ହୋଇଗଲା ଅବିନାଶ । ଶବ୍ଦ ବାରି ସେ ରଜନୀବାବୁଙ୍କ ଚେମ୍ବର ପର୍ଯ୍ୟନ୍ତ ଆସିଲା । ତାପରେ

ହଠାତ୍ ସେ ଷ୍ଟ୍ରଙ୍ଗ୍ ରୁମ୍ ଭିତରକୁ ଉଙ୍କିମାରି ଚମକି ପଡ଼ିଲେ । ଦେଖିଲେ, ଟେବୁଲ ଗୋଡ଼ରେ ଦାରୁଆନ ବନ୍ଧା ହୋଇଛି । ହଲଚଲ ହେବାକୁ ଟିକିଏ ହେଲେ ଶକ୍ତି ନାହିଁ ତାର । ପାଟି ଭିତରେ କପଡ଼ା ଜୁଞ୍ଜା । ଅବିନାଶ ତତ୍ପରତାରେ ତାକୁ ବନ୍ଧନ ମୁକ୍ତ କରି ତା ମୁହଁରୁ କନା ଖୋଲିବା ଅପେକ୍ଷା ନ କରି ବଜ୍ରାଘାତ ବେଗରେ ଛୁଟିଗଲେ ଉପରମହଲାକୁ । ଉପର ମହଲାର ବାରଣ୍ଡା ବତୀ ଲିଭିଯାଇଛି । ରଜନୀବାବୁଙ୍କ ଶୋଇବାଘରେ ମଧ୍ୟ ଆଲୁଅର ଚିହ୍ନ ବର୍ଣ୍ଣ ନାହିଁ । ସେଇ ଅନ୍ଧାରରେ ଅବିନାଶ ରଜନୀବାବୁଙ୍କ କବାଟରେ ହାତ ମାରିବା ମାତ୍ରେ ତା ଖୋଲିଗଲା । ଭିତରେ ସେଇ ଗାଢ଼ । ସେ ବତୀ ଅନ୍ କରିଦେଇ ଦେଖିଲେ ଦାରୁଆନ ଭଳି ରଜନୀ ବାବୁ ମଧ୍ୟ ପଲଙ୍କ ସହିତ ବନ୍ଧା ହୋଇଛନ୍ତି । ତାଙ୍କ ପାଟିରେ ମଧ୍ୟ କପଡ଼ ଜୁଞ୍ଜା । ଅବିନାଶ ତାଙ୍କୁ ବନ୍ଧନମୁକ୍ତ କରି ତାଙ୍କ କନା ଖୋଲିବା ମାତ୍ରେ ସେ ଚାପା କଣ୍ଠରେ ଗର୍ଜିଉଠିଲେ, ଅବିନାଶ ! ପୋଲିସ୍...ପୋଲିସକୁ ଫୋନ କର... ମୋର ସର୍ବସ୍ୱ ଲୁଟ୍ ହୋଇଗଲା...

ତାପରେ ସେ ଅଧୈର୍ଯ୍ୟ ସହକାରେ ଉଠି ଯାଇଁ ଖୋଲା ଆଇରନ ଚେଷ୍ଟ ଦେଖି ଯେତେ ହତାଶ ହୋଇ ନ ଥିଲେ ତାଙ୍କ ତଳ ଗୁପ୍ତ ଷ୍ଟୁଲଟି ଟିପିବା ମାତ୍ରେ ସାମାନ୍ୟ ଶବ୍ଦ ସୃଷ୍ଟିକରି ସେମେଟେଡ଼ ବାକ୍ସଟି ଯେତେବେଳେ ମଝି ଫରଦା ଫାଙ୍କ ବାହାର ହୋଇଗଲା, ପ୍ରାଣ ଆତଙ୍କରେ ତା ଭିତରଟାକୁ ଦେଖିଣ ପାଗଳ ହୋଇଗଲେ ରଜନୀ ବାବୁ । ତାଙ୍କର ଶ୍ୱାସ ପ୍ରଶ୍ୱାସ ଖରତର ବହିବାକୁ ଲାଗିଲା । ଲାଲ୍ ହୋଇ ଥିବା ଆଖି ଦିଟାରୁ ଯେପରି ରକ୍ତ ଝରୁଛି ପଡ଼ୁଛି । ସେ କ୍ଷିପ୍ତ ପ୍ରାୟ ରୁମ୍ ଭିତରେ ନାଚି ଉଠି ଚିତ୍କାର କଲେ, ଅବିନାଶ ...ମୋ ହାର...ମୋ ହୀରାର ହାର ..ଦେଖ ଦେଖ କିଏ ନେଇ ଗଲା ସେ ବଦମାସ୍ ! ପୋଲିସ୍ ! ପୋଲିସ !

ରଜନୀବାବୁ ! ରଜନୀବାବୁ ! ଧୈର୍ଯ୍ୟ ଧରନ୍ତୁ । ଅବିନାଶ ତାଙ୍କୁ ଧରିବାକୁ ଚେଷ୍ଟା କଲାବେଳେ ତାକୁ ଜୋରରେ ଠେଲି ଦେଇ ପାହାଚ ଦେଇ ତଳକୁ ପଳେଇଗଲେ ସେ ।

ଅବିନାଶ ତାଙ୍କ ପଛେ ପଛେ ଆସୁ ଆସୁ ପାହାଚ ପାଖରେ ହଠାତ୍ ଅଟକି ଗଲେ । ବାରଣ୍ଡା ଶେଷରେ କିଏ ଜଣେ କୁନ୍ଥାଇଲା ପରି ତାଙ୍କୁ ଜଣାଗଲା । ହଠାତ୍ ତାର ମଣିବାଲାର କଥା ମନେ ପଡ଼ିଲା । ସେ ଉପରୁ ଫଟି କରି ରଜନୀବାବୁଙ୍କୁ ଧମ୍କାଇବା ପାଇଁ ବାବୁଆନକୁ କହି ମଣିବାଲା ରୁମ୍ ଆଡ଼େ ଛୁଟି ଚାଲିଲା । ବାରଣ୍ଡା ବତୀ ଜଳେଇ ଦେଖିଲେ ମଣିବାଲା ଅଚେତ ହୋଇ ତଳେ ପଡ଼ିଛି । ପରୀକ୍ଷା କରି ଦେଖିଲେ ଏକ ପ୍ରକାର ବିଷାକ୍ତ ଗ୍ୟାସ ସଂଯୋଗରେ ତାକୁ ଅଚେତ କରାଯାଇଛି ।

ମଣି ! ମଣି ! ମଣିବାଲା ଦେହକୁ ଖୁବ୍ ଜୋରରେ ହଲଚଲ କରି ମଧ୍ୟ କୌଣସି ପ୍ରକାର ଚେତନାର ଲକ୍ଷଣ ନ ଦେଖି ଅବିନାଶ କଣ କରିବ ଭାବି ପାରିଲାନି । ମନ ଭିତରେ ତାର ସନ୍ଦେହର ଯେଉଁ ଅଙ୍କୁରୋଦ୍‌ଗମ ହୋଇଥିଲା ତା ସମୂଳେ ନିଶ୍ଚିହ୍ନ ହୋଇଗଲା ।

ମଣିବାଲା କୋଠରୀରୁ ପାଣି ଆଣି ମୁହଁରେ ଛିଞ୍ଚିବା ମାତ୍ରେ କେତେବେଳକେ ସେ ଟିକେ କଣ୍ଠ ଲେଉଟିଲା ।

ମଣି ! ମଣି ! ମଣିବାଲା ଉତ୍ତର ଦେବା ପୂର୍ବରୁ ଥାଉ, ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଗଲା ସେ ।

ଏମିତି ମୁହୂର୍ତ୍ତରେ ରଜନୀବାବୁଙ୍କ ଚିତ୍କାର ଅବିନାଶକୁ ବିବ୍ରତ କରି ପକାଇଲା । ସେ କ୍ଷଣ ବିଳମ୍ବ ନକରି ମଣିବାଲାକୁ ଗୁନେ ଗୁନେ ଟେକି ନେଇ ତା ବିଛଣା ଉପରେ ଶୁଆଇ ଦେଲା । ପୁଣି ଥରେ ପାଣି ଛିଟା ମାରି ମୁହଁ ଆଖି ଉପରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଚୂର୍ଣ୍ଣକୁନ୍ତଳ ଗୁଚ୍ଛକୁ ତରବରରେ ସଜାଡ଼ି ଦେଇ ପଳେଇ ଆସିବ କଣ ତା ପାଦ ଅଟକି ଗଲା । ଅଟକି ଗଲା ମଣିବାଲାର କରସ୍ପର୍ଶରେ ନୁହେଁ—ମଣିବାଲାର ଯୌବନମଦର ମୂର୍ଚ୍ଛନା ତାଙ୍କୁ ଟାଣି ନେଲା ତା ପାଖରେ, ପଲକେ ମାତ୍ରେ ସୃଷ୍ଟି ବିଧାତାର ସେଇ ଅନୁପମ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିନେଲା । ଝଞ୍ଜା ବିକ୍ଷୁବ୍ଧ ମନୋଭାବ ଭିତରେ ପ୍ରଣୟ ପରିକଳ୍ପନା;···ପ୍ରଳୟର ବହ୍ନିଶିଖା ଭିତରେ

ସୌନ୍ଦର୍ଯ୍ୟ ସୁଧା ପାନର ଦୁର୍ବାର ମୋହ ! ଚମତ୍କାର ତରୁଣୀ ଶୁଭଶ୍ରୀ ଅବିନାଶ !

ବାବୁ ! ବାବୁ ! ଟେଲିଫୋନ ଲାଇନ କିଏ କାଟି ଦେଇଛି ! ଦାରୁଣ ଆଶଙ୍କାରେ ଅସ୍ଥିର ହୋଇ ଅବିନାଶ ବାହାରି ଆସିଲେ ମଣିଲାଲ କୋଠରୀରୁ । ରଜନୀବାବୁଙ୍କ ଚେମ୍ବରକୁ ଆସି ଦେଖିଲେ ରଜନୀବାବୁ ମୁଣ୍ଡରେ ହାତ ଦେଇ ନିର୍ଜୀବ ପ୍ରାୟ ବସି ରହିଛନ୍ତି । ଅବିନାଶ ଫୋନ ଉଠାଇ ଏକ୍ସଚେଞ୍ଜକୁ ଡାକି ଡାକି ଶେଷରେ ବିରକ୍ତ ହୋଇ ରିସିଭରକୁ ରଖି ଦେଇ କହିଲେ, ପୋଲିସ୍‌କୁ ଖବର ଦିଅ... ।

ସେ ପାଦେ ଆଗେଇଛନ୍ତି କି ନାହିଁ ରଜନୀ ବାବୁ କହିବାର ଶୁଣା ଗଲା, ନା, ପୋଲିସକୁ ଡାକି ଲାଭ ନାହିଁ ଅବିନାଶ ! ଚୋରକୁ ମୁଁ ଭଲ ଭାବରେ ଚିହ୍ନେ ।

ଅବିନାଶ ସ୍ତବ୍ଧ ହୋଇ ରଜନୀବାବୁଙ୍କୁ ଅନେଇ ରହିଲେ ।

ମଣିଲାଲ ସଚେତ ହୋଇ ଦେଖିଲେ ତା ପାଖରେ ବସିଛି ଅବିନାଶ । ଅବିନାଶ କୌଣସି ପ୍ରକାର ଡାକ୍ତରୀ ଔଷଧର ସାହାଯ୍ୟ ନ ନେଇ ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ । ମଣିଲାଲର ଆଖି ଦୁଇଟି ଖୋଲିବା ଦେଖି ଅବିନାଶ ପଚାରିଲେ, କେମିତି ଲାଗୁଛି ମଣି ?

ମଣିଲାଲ ଘରର ଚତୁର୍ଦ୍ଦିଗକୁ ଭୟାତୁର ଦୃଷ୍ଟିରେ ଥରେ ଦେଖି ନେଇ କହିଲା, ଗଲେ କୁଆଡ଼େ ?

କିଏ ?

କଳା କଳା ଲମ୍ବକୁଡ଼ାଏ ମୋଟା ଗୁଣ୍ଡାଙ୍କୁ ପହରା ଦେଉଥିଲେ । କିନ୍ତୁ ସେ ଜଣକ ସର୍ଦ୍ଦାର ନିଶ୍ଚୟ...

ଅଚ୍ଛା ଅଚ୍ଛା ତମେ ବିଶ୍ରାମ ନିଅ । ପୋଲିସ ତାକୁ ଗିରଫ୍ କରିବ ।

ମଣିବାବୁର ହତସମ୍ଭ ମୁଖଭଙ୍ଗୀରୁ ଘଟଣାର ଗୁରୁତ୍ୱ ଅନୁମାନ କରି ତାଙ୍କୁ ଚୁପ୍ ରହିବାକୁ ଇଙ୍ଗିତ ଦେଇ ସେ ଶୋଇବା ପର୍ଯ୍ୟନ୍ତ ତା ଶଯ୍ୟା ପାଖରେ ବସି ରହିଲେ ଅବିନାଶ । କିଛି ସମୟ ପରେ ହଲ୍ ଘଣ୍ଟାରେ ଦଶଟା ବାଜିଲା ।

ଗତରାତିର ଦୁର୍ଘଟଣା ନେଇ ରଜନୀବାବୁ କହନ୍ତି ସେ କିଛି ଜାଣିବା ପୂର୍ବରୁ ଶୋଇଥିବା ବେଳେ ତାଙ୍କୁ କିଏ ମାଡ଼ କଷିଲା ଏବଂ ମୁହୂର୍ତ୍ତିକ ଭିତରେ ସେ ଜାଣିବାକୁ ପାଇଲେ ତାଙ୍କ ଚେତା ଯେପରି ହଜି ଯାଉଛି । ଯେତେ-ବେଳେ ଚେତା ଫେରି ପାଇଲେ ଦେଖିଲେ ପଲଙ୍କ ଦେହରେ ସେ ବନ୍ଧା ହୋଇଛନ୍ତି ଏବଂ ତାଙ୍କ ପାଟିରେ ବହେ ଲୁଗା ବିଣ୍ଡା ମଡ଼ା ହୋଇଛି ।

ମଣିବାବୁର ବକ୍ତବ୍ୟ ଯେ ଠକ୍ ଠକ୍ ଓ ଗଁ ଗଁ ଶବ୍ଦରେ ସେ ଉଠି ପଡି ସଂଶୟ ମନରେ ବାରଣ୍ଡାକୁ ଆସିଲା । ବାରଣ୍ଡାର ସବୁ ବତୀଗୁଡ଼ା ଲିଭି ଥିବାରୁ ଅନ୍ଧାର ହୋଇଥାଏ । ସେ କାଃଶବ୍ଦରେ ଆସି ରଜନୀବାବୁଙ୍କ ରୁମ୍ ବାହାରେ ଛିଡ଼ା ହୋଇ ଅପେକ୍ଷା କଲା । କିଛିକ୍ଷଣ ପରେ ଦେଖୁ ଦେଖୁ ଘର ଭିତର ବତୀଟା ଅଫ୍ ହୋଇଗଲା ଏବଂ ଏକ ଲମ୍ବା ଛାୟାମୂର୍ତ୍ତି ଭରକକେଟ ଘର ଭିତରୁ ବାହାରି ଆସୁ ଆସୁ ହଠାତ୍ ମଣିବାବୁକୁ ଦେଖି ତା ଉପରକୁ ଲମ୍ଫ ପ୍ରଦାନ କଲା । କିଛିକ୍ଷଣ ପରେ ମଣିବାବୁ ଅଚେତ ହୋଇଗଲା । ତାପରେ ଛାୟା ମୂର୍ତ୍ତିଟିକୁ ଆଉ କେହି ଲକ୍ଷ୍ୟ କରି ପାରି ନାହାନ୍ତି । ଦୃଶ୍ୟ ପରେ ଦୃଶ୍ୟ ସଜ୍ଜା ହେଲାପରି ଏ ରହସ୍ୟମୟ ଘଟଣାଟି ଅଭିନୀତ ହୋଇ ଗଲା ଯେପରି ।

ବର୍ତ୍ତମାନ ଶୁଣ—ପ୍ରଥମେ ଜଣେ ପୋଲିସ୍ କନେଷ୍ଟବଲ୍ ଆସି କହିଲା ରଜନୀବାବୁଙ୍କୁ ଦେଖା କରିବା ପାଇଁ ଥାନାରୁ ଆସିଛି । ସେ ସ୍ୱୀକାର ହୋଇ ତାକୁ ଭିତରକୁ ଆଣିଲି । ହଲ୍ ଭିତରେ ଆସୁଥିବାବେଳେ ଆକସ୍ମିକ ଭାବେ ତାକୁ ଧକ୍କା ଦେଇ ତଳେ ପକାଇ ଦେଲି ଏବଂ ଗୋଟାଏ ହାଣ କଳପରେ ତା ମୁଣ୍ଡକୁ ଜୋର୍‌ରେ ଆଘାତ କରିବାକ୍ଷଣି ସେ ଅଚେତ ହୋଇଗଲା । କେବଳ ମଣିବାବୁ ଛଡ଼ା ରଜନୀବାବୁ ଓ ଦରୁଆନ ଦୁହିଁଙ୍କୁ ବାନ୍ଧି ପକାଇ ପାଟିରେ ଲୁଗା ବଣ୍ଡା ମାଡ଼ି ଦେଇଥିଲେ ଦୁର୍ବୃତ୍ତମାନେ ।

ପୋଲିସ ସାହେବ ସବୁ ଶୁଣି ନୋଟ ବୁକରେ ଲେଖିବା ପରେ କହିଲେ, ଅପଣଙ୍କ ମତାମତ କଣ ଅବିନାଶ ବାବୁ ।

ଦସ୍ୟୁ ଦଳର ଏ ଚକ୍ରାନ୍ତ କଥା ଭାବି ମୁଁ ଆଶ୍ଚର୍ଯ୍ୟ ହେଉଛି । କିନ୍ତୁ ସେମାନଙ୍କର ଉଦ୍ଦେଶ୍ୟ ଯେ ଖୁନ କରିବା ନୁହେଁ, ଦୁଇଟି ଘଟଣାରୁ ମୁଁ ସ୍ପଷ୍ଟ ଜାଣି ପାରୁଛି ।

ଅଚ୍ଛା, ରଜନୀବାବୁ ସେ ଲୋକ ସମ୍ବନ୍ଧରେ କିଛି ଧାରଣା କରି ପାରୁଛନ୍ତି ?

ନାଁ, କିନ୍ତୁ ସେ ଏତିକି କହନ୍ତି ଯେ ସେ ଲୋକକୁ ସେ ଚିହ୍ନନ୍ତି ।

ଏଁ !

କିନ୍ତୁ ଏ ସବୁ ଅର୍ଥହୀନ ଅଳାପ । ସେ ଏକବାରକେ ପାଗଳ ହୋଇ ଯାଇଛନ୍ତି କହିଲେ ଚଳେ । ଅଥଚ ଠିକ୍ ପରମୁହୂର୍ତ୍ତରେ ସେ ସ୍ପଷ୍ଟ ମନା କଲେ ଯେ ତାକୁ ମୋଟେ ଚିହ୍ନନ୍ତିନାହିଁ । ଆଉ ପାଗଳ ମି ଛଡ଼ା କଣ କୁହା ଯାଇ ପାରେ ?

ପାଗଳ ନୁହନ୍ତି ଅବିନାଶ ବାବୁ ! ସେ ତାଙ୍କ ଅଜ୍ଞାତରେ ସତ କହି ଯୋଉ ବଡ଼ ଭୁଲ କରି ବସୁଥିଲେ, ତାକୁ ବୋଧେ ସେ ସଂଶୋଧନ କରି ନେଲେ !

ହୋଇପାରେ—

କିନ୍ତୁ ଅବିନାଶ ବାବୁ, ଆପଣ ଆଇନକୁ ନିଜ ହାତକୁ ନିଅନ୍ତୁ ନାହିଁ । ଆପଣଙ୍କର ଏ ଭୁଲ ଯେପରି ପୁନର୍ବାର ନ ହୁଏ । ଆପଣ ଏ ସବୁ କଥା ଆଗରୁ ଆମକୁ ଜଣାଇବା ଉଚିତ ଥିଲା । ଏ ସବୁ ଅଦ୍ଭୁତ ଘଟଣା ଶୁଣି ଯେ କୌଣସି ପୋଲିସ ଅଫିସର ଆଶ୍ଚର୍ଯ୍ୟ ହେବ । ପୋଲିସକୁ ଖବର ନ ଦେଇ ଆପଣ ନିଜ ଜୀବନକୁ ବିପଦାପନ୍ନ କରିବା ସଙ୍ଗେ ସଙ୍ଗେ ଆଉ କେତୋଟି ଜୀବନକୁ ମରଣ ମୁହଁକୁ ଠେଲି ଦେଉଛନ୍ତି ।

ବାସ୍ତବିକ ସେଥିପାଇଁ ମୁଁ ଦୁଃଖିତ !

ଯୁବକଟିର ସାରଲ୍ୟରେ ପୋଲିସ ସାହେବ ସନ୍ତୁଷ୍ଟ ହୋଇ କହିଲେ, ଅଚ୍ଛା, ! ହଁ, ଆପଣଙ୍କ ଲେଡି ଟାଇପିଷ୍ଟର ଅବସ୍ଥା କିପରି ?

ଆପଣଙ୍କ ଇଙ୍ଗିତ ମୁଁ ବୁଝି ପାରୁଛି । କିନ୍ତୁ କୌଣସି ଗୋଟିଏ ହେଲେ ପ୍ରମାଣ ମୁଁ ପାଇ ପାରିନି । ହଠାତ୍ ତାଙ୍କର ମୁହଁର ଅଭିବ୍ୟକ୍ତିରେ ପରିବର୍ତ୍ତନ ଦେଖାଗଲା । ସେ ଚେୟାର ଛାଡ଼ି ଉଠି ଆସୁ ଆସୁ କହିଲେ, ମୁଁ ଆସୁଛି । ନମସ୍କାର !

ପୋଲିସ ସାହେବଙ୍କ ଅଫିସରୁ ବାହାରି ଆସି ଅବିନାଶ ରାସ୍ତା କଡ଼ରେ ଛିଡ଼ା ହୋଇ ମୁହୂର୍ତ୍ତେ ଭାବିଲା । ସବୁ କଥା ଭିତରେ ରଜନୀବାବୁ ପ୍ରଦାନ କରିଥିବା ହୀରା ହାର ଚୋରିର ନାଁଟି କେବଳ ପୋଲିସ ସାହେବଙ୍କ ପାଖରେ ଗୋପନ ରଖିଛି ସେ ।

ଦିନ ବାରଟା । ଅବିନାଶ ସିଧା ଘରକୁ ନ ଫେରି ଟ୍ୟାକ୍ସିଟାଏ କରି ଜଙ୍ଗପୁର ଭିତରକୁ ଗଲା । ନିର୍ଦ୍ଦିଷ୍ଟ ଘରଟି ଆଗରେ ପହଞ୍ଚି ଦେଖିଲା କବାଟ ବନ୍ଦ । ପାଖ ପଡ଼ୋଶୀକୁ ପଚାରିବାରୁ ସେ କହିଲା ଗୃହ ସଇଁବନ ହେଲ

ଜାଣୁ ନାହାନ୍ତି । ଅବିନାଶ ଚିନ୍ତିତ ମନରେ ଫେରି ଆସୁ ଆସୁ ପଛରୁ ଶୁଣିବାକୁ ପାଇଲା ଜଣେ ପଡ଼ୋଶୀଟି କହୁଚି, ହଁ ଆଜ୍ଞା, ସେ ଥାଇ ପାରନ୍ତି, କାଲି ରାତିରେ ମୁଁ ସିନେମାରୁ ଫେରିଲାବେଳେ ଦେଖିଲି ଘରେ ବତୀ ଜଳୁଥିଲା ।

ତାଙ୍କ ସହିତ ଆଉ କେହି ରୁହନ୍ତି ନା କଣ ?

ନାଁ, ସେ ଏକେଲା । କିନ୍ତୁ ସେ କେବଳ ନାଁକୁ ଏଠି ରୁହନ୍ତି । ସବୁବେଳେ ବାହାରେ ବୁଲିବା ତାଙ୍କ କାମ ।

ଅଚ୍ଛା, ସେ କଣ କରନ୍ତି କହି ପାରିବେ କି ?

ନା ଆଜ୍ଞା ! ତେବେ ମୋର ଯେତେଦୂର ମନେହୁଏ କୌଣସି ଦାଲାଲ-ଫାଲାଲ କାମ ସେ କରନ୍ତି ।

କେତେ ବର୍ଷ ହେଲା ସେ ଏଠି ରହିଲେଣି ?

ପ୍ରାୟ ବର୍ଷେ ହେବ ।

ଓ ! ଅଚ୍ଛା ନମସ୍କାର । ଭଦ୍ର ଲୋକଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଅପ୍ରସ୍ତୁତ କଣ୍ଠରେ ଏତକ କହି ଅବିନାଶ ଫେରି ଆସିଲା ।

ରଜନୀବାବୁ ନିଜ ଚେମ୍ବରରେ କାଗଜପତ୍ର ନେଇ ବ୍ୟସ୍ତ ଥିଲାବେଳେ ଅବିନାଶକୁ ଆସିବା ଦେଖି କହିଲେ, ଅବିନାଶ ! ତମେ ତଦନ୍ତ ଯାହା କରୁଛ କର, ମତେ ବ୍ୟବସାୟ ସଂକ୍ରାନ୍ତରେ ରାତି ମେଲ୍‌ରେ କଲିକତା ଯିବାକୁ ହେବ ।

ଆପଣ କଲିକତା ଯିବା ଅବସ୍ଥାରେ ଅଛନ୍ତି ତ ? ସ୍ୱଭାବସିଦ୍ଧ କଣ୍ଠରେ କହିଲା ଅବିନାଶ ।

ଯାଉଛି, ବେଶୀ ସଙ୍କଟ ଦେଖାଦେଇଛି ମୋ ବ୍ୟବସାୟରେ । ସେପରି କିଛି ଜରୁରୀ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ମ୍ୟାନେଜରଙ୍କର ଏକ୍ସପ୍ରେସ ଟେଲିଗ୍ରାମ

ଜର ନଥାନ୍ତେ । ଡାଗଳ୍ପଟସ ସଙ୍ଗୋଷ୍ଠୀ ଭିତରେ ଅବିନାଶ ମୁହଁକୁ ଟିକିଏ ଅନେଇ ଦେଇ ରଞ୍ଜନବାବୁ କହିଲେ, ଖୁବି ଯଦି କୌଣସି ବିଭ୍ରାଟ ଘଟେ ତୁମେ ଟେଲିଗ୍ରାମ କି ଟ୍ରଙ୍କ୍ ଟେଲିଫୋନ ଦ୍ୱାରା ଜଣାଇ ଦେବ ।

ଆପଣଙ୍କ ସହିତ ମୁଁ ଯାଇଥିଲେ ଭଲ ହୋଇଥାନ୍ତା, କିନ୍ତୁ ମୁଁ ଯେଉଁ ସମାଧାନରେ ଆସି ପହଞ୍ଚିଛି, ମୋର ଧାରଣା ସେମାନେ ଆଉ ଆପଣଙ୍କୁ ନେଇ କୌଣସି ପ୍ରକାର ଖେଳ୍ ଖେଳିବାକୁ ଚାହାନ୍ତି ନାହିଁ ।

ରଞ୍ଜନବାବୁ କେତେକ ଡକୁମେଣ୍ଟ ଫାଇଲ ଧରି ପାହାଚ ଉପରେ ଆସୁ ଆସୁ କହିଲେ, ବିପିନର ସନ୍ଧାନ ମିଳିଲା ?

ସେ ଏଠି ଗୁରୁ ପାଖି ଜନ ହେବ ନାହିଁ ।

ହୁଁ, ସେ ସମ୍ପାଦନର ଏ କାମ । ତାର ସବୁ ଗୁଳିବାଜ ମୁଁ ଚିହ୍ନି ନେଇଛି । ମୋ ଆଲମାରୀରେ ହୀରା ନେକଲେସ ଥିବା ବିଷୟ ମୋ ଛଡ଼ା ଦ୍ୱିତୀୟ ବ୍ୟକ୍ତି କେହି ଜାଣନ୍ତି ନାହିଁ ଅବିନାଶ । ସେ ଏପରି କୃତଘ୍ନ ହେବ ବୋଲି ମୁଁ ଜାଣି ଥିଲେ···ଟିକିଏ ରହି ଦୀର୍ଘ ନିଶ୍ୱାସ ନେଇ କହିଲେ, ଭଉଣୀ ତାକୁ ବିଶ୍ୱାସ କରୁଥିଲା···

ସେ ବିଶ୍ୱାସର ଆଜି ସେ ଯଥେଷ୍ଟ ସୁବିଧା ନେଲା । ତାର ପାଇଁ ଆଜି ଅନେକଙ୍କ ଜୀବନ ବିପନ୍ନ । ତାର ପାଇଁ ସହସ୍ରାଧିକ ଟଙ୍କାର ଦାମୀ ହାର ଚୋରି ଗଳ୍ପରେ ବି ଆପଣ ଚୁପ ରହିଛନ୍ତି । ଏ ରହସ୍ୟ ଆପଣ ଖୋଲି ନକହିବା ପର୍ଯ୍ୟନ୍ତ···

ଅସ୍ତ୍ରେ ଅବିନାଶ ! ତମେ ଡିଟେକ୍ଟିଭ କରିବାକୁ ଆସି ମତେ ଏପରି ଅପଦସ୍ତ କରନ···walls have ears···

ମଣିବାଲା ତା ରୁମ୍‌ରୁ ବାହାରି ଏମାନଙ୍କ ପାଖ ଦେଇ ଅଫିସ ଆଡ଼େ ଚାଲିଗଲା । ରଞ୍ଜନବାବୁ ବକ୍ର ଦୃଷ୍ଟିରେ ମଣିବାଲାକୁ ଦେଖି ନେଇ କହିଲେ, କି ଅନୁକୂଳରେ ଏଠାକୁ ଆସିଲି, ସେଇଥିପାଇଁ ଏ ।ସାଦ ଗୃହପାଖେ ଯେପରି ଏକ ରହସ୍ୟ ଜାଲ ଦେଖା ହେଉଛି । ଯାହାର କେବେ ସମାଧାନ ହେବ ଭଗବାନ କେବଳ ଜାଣନ୍ତି···

କହୁ କହୁ ସେ ନିଜ ରୁମ୍‌ରେ ପହଞ୍ଚି ଯାଇଥିଲେ ।

ଅବିନାଶ କବାଟ ବନ୍ଦ କରି ଦେଇ ଚେୟାରରେ ଜମ୍ମି ବସୁ କହିଲା, ମୋର କେତୋଟି ଜରୁରୀ ବିଷୟ ଆପଣଙ୍କଠୁ ଜାଣିବାକୁ ଅଛି !

କଣ ଏଇ କେସ୍ ସଂକ୍ରାନ୍ତରେ ?

ଅବିନାଶ ତାଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ମିନିଟିଏ ଚୁପ୍ ରହି କହିଲା, ଆପଣଙ୍କ ବ୍ୟବସାୟ କେତେଦିନ ହେଲା ଏଠାକୁ ଆସିଛି ?

ତିନି ବର୍ଷ ହେବ ।

ବିପିନବାବୁ ସହିତ ଆପଣଙ୍କର ସମ୍ବନ୍ଧ ?

ବନ୍ଧୁତା ଜଣା କିଛି ନୁହେଁ । ତେବେ ମୋ ବ୍ୟବସାୟରେ ସେ ଟିକିଏ ଇଣ୍ଟରେଷ୍ଟେଡ୍···

କିପରି ?

ଏଇ ମାନେ କଞ୍ଚା ମାଲର ଯୋଗାଣ । ଓଡ଼ିଶାକୁ କମ୍ପାନୀ ଆସିବା ପୂର୍ବରୁ ମୋ କମ୍ପାନୀକୁ ଓଡ଼ିଶାରେ ରିପ୍ରେଜେଣ୍ଟ କରୁଥିଲେ ସେ ।

ଆପଣଙ୍କର ଯେଉଁ ଉଇଲ ଚୋରି ଯାଇଛି, ସେଥିରେ ତାଙ୍କ କିଛି ସ୍ୱାର୍ଥ ଥାଇପାରେ କି ?

ଉଇଲର ନିରାପତ୍ତା ଦୃଷ୍ଟିରୁ ସେଇଟି ମୋ ପାଖରେ ରଖା ହୋଇଥିଲା । ବିପିନ ସେ ଲୋକକୁ ଚିହ୍ନେ—

ହୁଁ— ଅବିନାଶ ପ୍ରତ୍ୟେକ ବିଷୟ ମନ ଦେଇ ନୋଟ କରୁଥାଏ ।

ହେଲା ? ରଞ୍ଜନବାବୁ ଉଦ୍‌ବିଗ୍ନ ହୋଇ ପଚାରିଲେ । କିନ୍ତୁ ଏ ସବୁ ତମ ଅନୁସନ୍ଧାନ କାର୍ଯ୍ୟରେ କେତେ ସାହାଯ୍ୟ କରିବନି ଅବିନାଶ !

କିନ୍ତୁ ଏ ସବୁ ଆପଣଙ୍କଠୁ ସଂଗ୍ରହ ନ କଲେ ବିପିନଙ୍କୁ ଆରେଷ୍ଟ କରି ହବନି । ଏସବୁ ବିପିନ ବାବୁଙ୍କରେ ଖୁବ୍ ଗୁରୁତର ଅଭିଯୋଗ—

ଅଭିଯୋଗ ? ରଞ୍ଜନବାବୁ ଆଶ୍ଚର୍ଯ୍ୟରେ ଅବିନାଶକୁ ପ୍ରଶ୍ନ କଲେ, କିନ୍ତୁ ଅବିନାଶ ସ୍ପଷ୍ଟ ଦେଖି ପାରିଲା ତାଙ୍କ ଦୃଷ୍ଟି ଅନ୍ତରାଳରେ ଯେପରି ହତାଶାର ଏକ ଚିହ୍ନ ସ୍ପଷ୍ଟ ହୋଇ ଉଠିଛି ।

ଅବିନାଶ ତାଙ୍କୁ ଅପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ କହିଲା, ହଁ, ଇଞ୍ଜିନ ଅଦୃଶ୍ୟ ହବା ମାତ୍ରେ ତାର ପାଖରୁ ଉଦ୍ଧାରୂତ ଦଳର ସମସ୍ତ ତଥ୍ୟ-ତଥା ପଠେଇ, ନା—ଏ ?

ବାହାରେ କା'ର ପାଦ ଶବ୍ଦ ଅନୁମାନ କରି କ୍ଷିପ୍ରଗତିରେ କବାଟ ଖୋଲି ଦେଇ ବାହାରକୁ ଦେଖିଲା ଆସି ଅବିନାଶ, କେହି ନାହିଁ । ତାପରେ ସେ ବିଜୁଳି ବେଗରେ ପାହାଚ ପାଖକୁ ଚମକି ଆସି କାହାରିକୁ ନ ଦେଖି ଫେରିଗଲା । ପୁଣି ମଣିବାଲାର ରୁମ୍ ପର୍ଯ୍ୟନ୍ତ ଆସି ତା କବାଟରେ ହାତ ମାରି ଦେଖିଲା କବାଟ ଭିତରୁ ବନ୍ଦ ହୋଇଛି ।

କିଏ ଅବିନାଶ ? ଅବିନାଶକୁ ରୁମ୍ ଭିତରକୁ ଫେରି ଆସିବା ଦେଖି ରଞ୍ଜନ ବାବୁ କହିଲେ, ଦିନ ଦି ପହରେ ଆମକୁ ଆକ୍ରମଣ କରିବା ପାଇଁ କେହି ସାହସ କରିବେନି । ପୁଣି ତମେ ଯେ କହୁଚ ଆଜ ମୋ ଉପରେ ସେମାନଙ୍କର ଦୃଷ୍ଟି ନାହିଁ ।

ଜନ୍ମୁ ମେର ସମସ୍ତ ସ୍ଥାନକୁ ଦଖଲ କରିବା ଉଦ୍ଦେଶ୍ୟରେ ସର୍ବେ ଛୁଟ ପର ସେମାନେ ସବୁବେଳେ ଜାଗ୍ରତ ଅଛନ୍ତି ସାର !

ରଞ୍ଜନ ବାବୁଙ୍କୁ ଏକେଲା ଛାଡିଦେଇ ତାପରେ ଏକ ଭାବପୂର୍ଣ୍ଣ ଭଙ୍ଗୀରେ ତାଙ୍କ କୋଠରୀରୁ ବାହାରି ଆସିଲା ଅବିନାଶ ।

ଅବିନାଶ ତା ରୁମ୍‌କୁ ଫେରି ଆସିବା ପରେ କେତେ ମିନିଟ ପରେ କବାଟରେ କାର କରାଘାତ ଶୁଣି ପଚାରିଲା, କିଏ ?

ମୁଁ ମଣିବାଲା...

ଓ ମିସ୍ ମଣି ! ଓଃ ! ଚନ୍ଦ୍ର ଅବିନାଶ ତରଫରୁ ଗୋଲ୍‌ଡେନର ପ୍ରୋଗ୍ରାମ୍ ମଣିବାଲାଙ୍କର ମୁଖାକାଶରେ ଅଦମନୀୟ ଦୃଷ୍ଟିଆସନ୍ନ ମେଘ ଜମାଟ ବାନ୍ଧିଲା । ଦୃଷ୍ଟିର ସେ ନୀଳ ସୁଷମା କୁଆଡ଼େ ଉଭେଇ ଯାଇଛି । ଅବିନାଶ ତା' ମନର ରଙ୍ଗୀନ ଭାବନାକୁ ମନେ ମନେ ଦମନ କରି ଜାବବରେ ଆସି ଚେୟାରରେ ବସିଲେ । ମଣିବାଲା ଟେବୁଲରେ ବସିବା ପରେ ଅବିନାଶ ପଚାରିଲେ, କଣ କଣ ହୋଇଛି ମଣି ! କୌଣସି ଦୁଃସମ୍ବାଦ ପାଇଛ ନା କଣ ?

ଜଗଣସମ୍ଭା ପ୍ରେମିକାମାନଙ୍କ ପାଇଁ ପ୍ରେମିକର ପତ୍ର କେବେ ଦୁଃସମ୍ବାଦ ଆଣେ ନା ଅବିନାଶବାବୁ । ଖୁବ୍ ସୁସମ୍ବାଦ ।

ଏ ଅଞ୍ଚଳ ବ୍ୟାଙ୍କର ଇଙ୍ଗିତ ଅବିନାଶ ବୁଝି ନ ପାରି ସନ୍ଦେହାତ୍ମକ ଦୃଷ୍ଟିରେ ମଣିବାଲାଙ୍କୁ ଖାଲି ଅନାଇ ରହିଲେ ।

କଣ ଲେଖିଛନ୍ତି, ଯଦି ମୋ ଦ୍ୱାରା କୌଣସି ପ୍ରକାର ସାହାଯ୍ୟ—

ସାହାଯ୍ୟ ନିଶ୍ଚୟ ! ପ୍ରେମ ପତ୍ର ଦେବା ପରେ ଆଉ ବାକି କଣ ରହିଲା ?

ପ୍ରେମ ପତ୍ର ? କି ପ୍ରେମ ପତ୍ର ? ମାନେ—କ୍ଷମା କରିବ, ତୁମେ କୌଣସି ନବଜନ୍ମୀ ଚିଠି ପାଇ—

ପ୍ରେମିକ କେବେ ବେନାମୀ ଚିଠି ଦିଏନା ଅଜ୍ଞ ! ଖୁବ୍ ସୁନ୍ଦର ଭାବରେ ଦସ୍ତଖତ କରି ପଠେଇଛନ୍ତି । ବ୍ୟାଗ୍‌ର ଭିତରେ କହୁ କହୁ ଡାକରେ ଆସିଥିବା ଲଫାପାଟିକୁ ଅବିନାଶ ହାତକୁ ବଢ଼େଇ ଦେଇ ମଣିବାଲା କହିଲେ, ଦେଖନ୍ତୁ ଏ ଦେଶର ଦାୟିତ୍ୱସମ୍ପନ୍ନ ଯୁବକମାନେ ଆତ୍ମଶୂନ୍ୟ । ଯୁବତୀମାନଙ୍କୁ କିପରି ନିର୍ଲଜ୍ଜ ଭାବରେ ପ୍ରେମ ସମ୍ଭାଷଣ ଜଣେଇ ପାରନ୍ତି—

ଅବିନାଶ ରଙ୍ଗୀନ ଲଫାପାଟି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତା ଭିତରୁ ଚିଠିଟି କାଢ଼ି ଦେଖିବାମାତ୍ରେ ତାଙ୍କ ମୁହଁ କାଗଜ ପରି ଧଳା ହୋଇଗଲା । ପଢ଼ିସାରି ସେ ମଣିବାଲା ମୁହଁକୁ ନିର୍ବୋଧ ପରି ଅନେଇ କହିଲେ, ମୁଁ ଲୁଚେଇଁ ମିସ୍ ମଣି ! ମତେ ଭୁଲ ବୁଝନା, ନିଶ୍ଚୟ କେହି ଜାଲ୍ କରିଛି ।

ହୁଁ, ପ୍ରେମଫାନ୍ଦ ଧରା ପଡ଼ିଲେ ଅବିବେକୀ ଯୁବକମାନେ ସାଧାରଣତଃ କହନ୍ତି, ଆପଣ ସେଥିରୁ କିଛିଏ ହେଲେ ବ୍ୟତିକ୍ରମ ନୁହନ୍ତି । ବାବୁଙ୍କର

ଆଡ୍ଭଲବେ ଆପଣ ଦେଶ ପ୍ରେମର ସ୍ୱାଦ ଗ୍ରହଣ କରୁଛନ୍ତି । ଆପଣଙ୍କ ଦୃଷ୍ଟିରେ ଆମେ ବୋଧହୁଏ ଯେ ହାଏ ଖେଳନା···ନୁହେଁ ?

କ୍ୟାଙ୍ଗ ଷଡ଼ ସ୍ୱରେ ଜର୍ଜରିତ ହୋଇ ଅବିନାଶ ମୁଣ୍ଡରେ ହାତ ଦେଇ ବସି ପଡ଼ିଲ । ସେ ଅଭିଯୋଗର କପଟ ଖଣ୍ଡନ କରିବ କିଛି ଭାବି ପାରିଲ ନା ।

କି ଦୁଃସମୟରେ ତୁମ ସହିତ ଦେଖା ହେଲ ମିସ୍ ମଣି, ତମ ଦୁଃଖ ମୁଁ ବୁଝି ପାରୁଛି । କିନ୍ତୁ ମୁଁ innocent. ଏ ଚିଠି ମୁଁ ଲେଖିନି···ମତେ ଅନ୍ତତଃ ବିଶ୍ୱାସ କର···

ଲେଖିନି—ଲେଖିନ, ଆଉ କିଏ ଲେଖିଲ କୁହନ୍ତୁ ! ଏତକ ପ୍ରମାଣ ନଥିଲେ ଆପଣ ଯେପରି ମିଥ୍ୟାର ଆଶ୍ରୟ ନେଉଛନ୍ତି ଆମ ଅସହାୟ ଝିଅମାନଙ୍କର ଯେ କି ଦୁର୍ଦ୍ଦଶା ହୁଅନ୍ତା—

ବେଶ୍, ତମେ ଚାହଁ କଣ ?

ମେ ନ ସର୍ବନାଶ କରିବା ପରେ ଆପଣ ପଚାରୁଛନ୍ତି କ'ଣ ଚାହଁ !

ସର୍ବନାଶ ?

ସର୍ବନାଶ ନୁହେଁ ଆଉ କଣ ? ଏ ଅଫିସରେ ଆଉ ମୁଁ ମୁହଁ ଦେଖେଇ ପାରିବ ? ଏ ଚିଠିର ବିଷୟବସ୍ତୁ ରଞ୍ଜନବାବୁଙ୍କ କାନକୁ ଗଲେ ସେ ଆପଣଙ୍କୁ ବାହାର ଦେଇ ପାରନ୍ତି, କିନ୍ତୁ—

ମିସ୍ ମଣିବାଲା ! ଅବିନାଶ ଆର୍ଦ୍ର କଣ୍ଠରେ ଅନୁରୋଧର ସ୍ୱର ତୋଳି ମଣିବାଲା ପାଖରେ ଆସି ଅପରାଧୀ ପରି ଛିଡ଼ା ହେଲ । ତାପରେ ଧୀର୍ ଧୀର କଣ୍ଠରେ କହିଲ, ଯେଉଁ ବିପଦରେ ପଡ଼ି ମୁଁ ଏ ଚିଠି ଲେଖିଛି ତମେ ତା କଳ୍ପନା କରି ପାରିବ ନାହିଁ । ସରକାରୀ ଦାୟିତ୍ୱ ଦୃଷ୍ଟିରୁ ମୁଁ ଏ କଥା ପ୍ରକାଶ କରି ପାରୁନି । ବାଧହୋଇ ମୁଁ ଯେଉଁ ଭୁଲ କରିଛି, ସହକର୍ମୀ ହିସାବରେ ଆଶା କରେ କ୍ଷମା କରିବ···

ଏଇମିତି ସ ମୟିକ ଅନୁକମ୍ପାରେ ତରଳି ଯାଇ ସରଳା ବାଳିକାମାନେ ନିଜର ସର୍ବନାଶ କରିଥାନ୍ତି । ଏଥିରୁ ଆପଣ ବାଦ୍ ଯିବେ କିପରି ? ହଉ ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । କିଛି ଝିପ୍ର ଗତିରେ ଦକାଠ ଖୋଲି

ତାହାର ଆସିଲା ମଣି ଶାଳ । କିନ୍ତୁ ତାହାରକୁ ଆଉ ଜରବରରେ ମୁହଁ ଲଗେଇ ଭୁମାଲିଆ ତୁଲାଇ ନେଇ ତେଣୁ ପ୍ରଫୁଲ୍ଲ ମନରେ ଖାଟ'ର ଉପରେ ଭେଙ୍କି ଭେଙ୍କି ଉପରକୁ ଗଲାଗଲା ।

ସେଇ ଗ୍ରାଣ୍ଡ ମେଲରେ ରଜନୀବାବୁ କଲିକତା ଗଲେ । ତା ପରଦିନ ସକାଳୁ ଆଉ ଅବନୀଙ୍କ ଦେଖିଲ ମଣିବାଲା ଧରଣୀ ତାଙ୍କ କନ୍ୟା ।

ଦୋମହଲର ଏକ ପ୍ରଶସ୍ତ ଅପରିଷ୍କାର ଘରର ମହମବତୀଟିଏ ଜଳୁଛି ବାହାରେ ନିବିଡ଼ ଅନ୍ଧକାର । ସନ୍ଧ୍ୟାର ସ୍ତବ୍ଧତା ଭୀଷଣ ରୂପ ଧାରଣ କରୁଛି ।

ଘରର ଗୋଟିଏ ପାଖ କାନ୍ଥରେ ଝୁଲୁଥିବା ଶିକୁଳିରେ ହାତ ଗୋଡ଼ ବନ୍ଧା ହୋଇ ଦୀର୍ଘ ଶରୀର ବଳିଷ୍ଠ ଗୋଟିଏ ଲୋକ ଛିଡ଼ା ହୋଇଛି । ତା ସାମନା ଚେୟାରରେ ବସିଛି ଏକ ସୁବେଶଧାରିଣୀ ନାରୀ । ସୁନ୍ଦରୀ ସେଇ ଦସ୍ୟୁରମଣୀ । ଫୁଲପ୍ୟାଣ୍ଟ ଉପରେ ବୁସ୍ ସାର୍ଟ । ଚମଡ଼ା ବେଲ୍ଟ ପରିବେଷ୍ଟିତ ଅଭିନବ ପରିପାଟୀ ତରୁଣୀଟିର ସୌନ୍ଦର୍ଯ୍ୟକୁ ଆହୁରି ବର୍ଦ୍ଧନ କରୁଥାନ୍ତା ଯଦି ନୀଳ ଚଷମାରେ ତା ଚକ୍ଷୁ ଯୁଗଳ ଆଚ୍ଛନ୍ନ ହୋଇ ନ ଥାନ୍ତା, କଳା କନାରେ ଆବୃତ ହୋଇ ନ ଥାନ୍ତା ମୁଖର ସମସ୍ତ ଅଂଶ ।

ଟ୍ରୋଲି ଦିଆ ହାତରେ ଖଣ୍ଡିଏ ମୋଟା କାଗଜ ଧରି ଶୃଙ୍ଖଳିତ ଲୋକଟି ଆଗକୁ ଆସି ତାକୁ ଭଲ ଭାବରେ ଦେଖିବା ପରେ ଅଦ୍ଭୁତ

କହୁଣୀଟି ଭଦ୍ରଲୋକ, ତମେ କେବେ ଶୁଣିନ ପଟ୍ଟନାୟକ ? ରଜନୀ ମହାନ୍ତିଙ୍କ ଅତୀତର ଅନ୍ତରଙ୍ଗ ବନ୍ଧୁ ଓ ଗ୍ରହିମ ନର ହ୍ଲାକେମଲର !

ଦେଖନ୍ତୁ ବିପିନ ବାବୁ ! ନିଖୁଣ ଅବସ୍ଥାରେ ପଡ଼ ଫେରିବାକୁ ଗୃହ'କୁ ସେମା ପ୍ରଶ୍ନର ଯେ.ଟିଏ ଭେ ଟିଏ ଉତ୍ତର ଦେଇଯାନ୍ତୁ, ନଚେତ ପରିଣତି କଣ ହେବ କଳନା କରି ପାରୁଥିବେ । ଏ ରଜନୀ ମହାନ୍ତି ସହିତ ତମର କି ସମ୍ପର୍କ ?

ବନ୍ଧୁତା—

କିପରି ବନ୍ଧୁତା ?

ବ୍ୟବସାୟ ସମ୍ବନ୍ଧୀୟ—

ଦେଖ ! ସମୟ ନଷ୍ଟ ନ କରି ସତ ସତ କଥା କହିଲେ ପ୍ରତ୍ୟେକ ପୂର୍ବରୁ ଭଲି ଦିଆ ପରି ଘରେ ପହଞ୍ଚାଇ ଦିଆଯିବ । ହଁ...ରଜନୀ ବାବୁଙ୍କ କଲିକତାରେ ଥିବା ବ୍ୟବସାୟ ସମ୍ବନ୍ଧରେ କିଛି ଜାଣ ? ଦେଖ, ସତ କହିଲେ, ତମେ ପୁରସ୍କୃତ ହେବ ।

ସେ ଫାର୍ମ ଟି ତାଙ୍କର ନୁହେଁ । ସେ ଜଣେ ଶ୍ରେଷ୍ଠ ଅଂଶୀଦାର ।

ତେବେ ବଡ଼ ଅଂଶୀଦାରଟି କିଏ ?

ନରେନ୍ଦ୍ର କୁମାର ରାୟ । ସେ ମରି ଗଲେଣି ।

କେବେ ?

କଲିକତାରେ ହଣାକଟା ଲାଗିଥିବା ବେଳେ—

ତାଙ୍କ ମରିବା ବିଷୟରେ କିଛି ଜାଣ ?

ସେ ସମୟରେ ମୁଁ କଲିକତାରେ ନ ଥିଲି । ତେବେ ପରେ ଶୁଣିଲି ମୁସଲମାନମାନେ ତାଙ୍କୁ ନିର୍ମମ ଭାବେ ହତ୍ୟା କଲେ ।

ଓଃ ! ତେବେ ନରେନ୍ଦ୍ର ବାବୁଙ୍କର ହେଉଛନ୍ତି ସେ ମିତ୍ର । ତାଙ୍କର ଆଉ କେହି ଉତ୍ତରାଧିକାରୀ ନାହାନ୍ତି ?

ନାଁ—

ସତ୍ୟେନ ! ଗୁରୁଦତ୍ତାକୁ ଖୁବ୍ ଜୋରରେ କେମିତି ଚିଠି ଦେଇ ବ୍ୟୁଗନାସ୍ତିକା ଗର୍ଜନ କରି ଉଠିଲା, ଅରେ କହୁଛ ମିଛ କଥା ଠକିବାକୁ

ଚେଷ୍ଟା କଲେ···ପର ମୁହୂର୍ତ୍ତରେ ଅଜ୍ଞାତ ବେଗରେ କମରୁ ଫିଟିକି ଗୋପନ ଛୁରୀଟାକୁ ବାହାର କରି ବନ୍ଦୀ ଉଦ୍ଦେଶ୍ୟରେ ଫିଙ୍ଗିଲା । ବନ୍ଦୀଟି ଆତଙ୍କରେ ଓ ଭୟରେ ଆଖି ବୁଜି ଦେଲା । ଛୁରୀକାଟି ଯାଇ ବନ୍ଦୀର କାନ୍ଧ ଉପରେ ଛୁଇଁ ଯାଇ କାନ୍ଥରେ ବିଦ୍ଧ ହୋଇଗଲା ।

ତମକୁ ଏତେ ଶୀଘ୍ର ମାରୁନି ଶଶିନବାବୁ ! ତମଠାରେ ଅନେକ କାମ ବାକି ଅଛି···ହଁ, କଣ କହୁଥିଲି ନରେନ୍ଦ୍ର ବାବୁଙ୍କ ଉତ୍ତରାଧିକାରୀଙ୍କୁ ତମେ ନିଶ୍ଚୟ ଜାଣ ।

ହଁ ପ୍ରକୃତ ଉତ୍ତରାଧିକାରୀ ଥିଲା ତାଙ୍କ ଝିଅଟି । ତାକୁ ମଧ୍ୟ କଲିକତାରେ ଧ୍ୱଂସଲୀଳା ସୃଷ୍ଟି କରିଥିବା ଗୁଣ୍ଡାମାନେ ଧରିନେଇ ଗଲେ ଆଉ···

ହୁଁ !

ନରେନ୍ଦ୍ର ବାବୁଙ୍କ ସ୍ତ୍ରୀ ବଞ୍ଚିଛି—

ବେଶ । ତା ଠିକଣା ତମେ ନିଶ୍ଚୟ ଜାଣିଥିବ·ଆଉ ରଜନୀବାବୁ ତାକୁ ଯେଉଁଠି ରଖିଥିଲେ ସେଠୁ ତମେ ନିଶ୍ଚୟ ତାଙ୍କୁ ସ୍ଥାନାନ୍ତରିତ କରି ସାରିଲଣି । ତମଠୁ ଠିକଣାଟା ମିଳିଯିବ ଅବଶ୍ୟ—ଜନ୍ମୁ ହାତରେ ଧରିଥିବା ୱାଲେଟା ଉପରେ ଦୃଷ୍ଟି ବୁଲେଇ ଆଣି ପୁଣି କହିଲା, ରଜନୀବାବୁ ତେବେ ଏଇପରି ଭାବରେ ନରେନ୍ଦ୍ର ବାବୁଙ୍କର ସମସ୍ତ ସମ୍ପତ୍ତି ଓ ବ୍ୟବସାୟକୁ ହସ୍ତଗତ କରିବା ପାଇଁ ତାକୁ ଦେଉଳିଆ ଘୋଷଣା କରୁଥିଲେ ଆଉ ସେ ଘୋଷଣାର ମୁଖପାତ୍ର ହୋଇଥିଲ ତମେ···

କିଛିକ୍ଷଣ ବନ୍ଦୀ ମୁହଁକୁ ଚାହିଁ ପୁଣି ଦସ୍ୟୁନାୟିକାଟି କହିଲା, ନରେନ୍ଦ୍ର ବାବୁ ମଲା ବେଳେ ବ୍ୟାଙ୍କରେ ତାଙ୍କର କେତେ ହଜାର ଟଙ୍କା ଜମା ଥିଲା ?

ପଚିଶ ହଜାର ।

ତମ ଭାଗ କେତେ ପଡ଼ିଲା ?

ସବୁ କାଗଜପତ୍ର ନିଜ ନାଁରେ କରି ରଜନୀ ବାବୁ ସବୁ ଟଙ୍କା ଆତ୍ମସାତ କରିଛନ୍ତି ।

ଅଚ୍ଛା, ସେ ଗୁହରେ ହୀରା ହାର ସଙ୍ଗେ ଜାଲ ଚାହିଁକି ରଖି ଛଥିଲ ?

ତାର ଏ ସବୁ ଚକ୍ରାନ୍ତକୁ ଗୁପ୍ତ ରଖିଲେ ମତେ ଯେଉଁ କୋଡ଼ିଏ ହଜାର ଟଙ୍କା ଦେବବୋଲି ପ୍ରତିଶ୍ରୁତି ଦେଇଥିଲା ସେଥିରୁ ମୋଟେ ପାଞ୍ଚ ହଜାର ଦେଇ ବର୍ଷ ବର୍ଷ କାଳ ଅପେକ୍ଷା କରି ସୁଦ୍ଧା ଗୋଟିଏ ପଇସା ଦେଲା, ନାହିଁ—

ଓ, ସେଇଥି ପାଇଁ ମୂଲ୍ୟବାନ ହୀରା ହାର ଥିବା ସ୍ଥାନ ଜାଣିଥିବାରୁ ତମକୁ ସୁବିଧା ହେଲା । କିନ୍ତୁ ଜାଲ ନେବା ଉଦ୍ଦେଶ୍ୟ ?

ଜାଲ ଜରିଆରେ ମୁଁ ନରେନ୍ଦ୍ର ବାବୁଙ୍କ ସ୍ତ୍ରୀକୁ ବାହାରକୁ ଆଣି ବିକାଶ ମହାନ୍ତିକୁ ପୋଲିସ ଜିମା କରିଥାନ୍ତି—

ବାଃ, ତମ ବୁଦ୍ଧିକୁ ତାରିଫ୍ କରୁଛି । ଆମ ଜିଁରେ କୁକ ମେଲି ଅମ୍ଭେ କହିବା ସାଙ୍ଗେ ସାଙ୍ଗେ ଅବନୀଶକୁ ଦୋଷୀ କଲେଇ ଗୁପ୍ତ ଅଲମିରାରୁ ହାର ସମେତ ଜାଲକୁ ବି ହାତ ହରେଇ ନେଲ । ମୋ ଲୋକ ଠିକଣା ଜାଗାରେ ନ ଥିଲେ ତମେ ମତେ ବେଶ ପାଠ ପଢ଼େଇଥିଲ । ହୀରା ହାରର କେଉଁ ! ଖୁଣିଟାକୁ ଚାଲାକ ହସ୍ତଗତ ତମେମାନେ ? ନିରୀହା ଅବଳାଟିକୁ କୌଶଳରେ ହୀରା ହାର ହାତ ଘେର କରି ତା ମୃତ ସ୍ୱାମୀକୁ ଦେଇଥିଆ ଘୋଷଣା କଲେ ତମେ ଜାଣିବ ଯେଉଁ ଚକ୍ରାନ୍ତ କରିଛ ତାର ଉଚିତ ଶାସ୍ତି ତମମାନଙ୍କୁ ମିଳିବ···ଜଣେ ନିଜଲୋକର ଛାଡ଼ି ଲୋକଟି ଉଦ୍ଦେଶ୍ୟରେ ଲକ୍ଷ୍ୟ କରିବା ମାତ୍ରେ ସେ ଅଣ୍ଡି ଚଳାଇରେ ଘର ଫଟେଇ ଦେଲା ।

ଜଦେହଞ୍ଚା ମୁଁ କରେନା । କିନ୍ତୁ ତମପରି ଜାଲିଆ ଆଉ ଧପ୍ପାବାଜ ରହିଲେ ସମାଜ ଉଚ୍ଛନ୍ନ ହୋଇଯିବ । ଗୋଟିଏ ଝଡ଼ିରେ ତମକୁ ମୁଁ ଛାଡ଼ି ଦେଇପାରେ—

ପଲିତ ଲୋକେ ହେଲିଣି ପ୍ରାଣରେ ତନ୍ମୟମଣୀକୁ ଗୃହିଁଲ ମୁକ୍ତ ପାଇବେ ।

ରଜନୀବାବୁ ଯେଉଁ ଗୁଇନାଙ୍କୁ ନିଯୁକ୍ତ କରିଛନ୍ତି ତାର ଉଦ୍ଦେଶ୍ୟ ଲକ୍ଷ୍ୟ କରି ଆମକୁ ଉପେର୍ଟ ହେବାକୁ ଆଉ ନରେନ୍ଦ୍ରବାବୁଙ୍କ ବିଧବା ପତ୍ନୀଙ୍କୁ ଖୋଜା ଖୋଜି କରୁ ତ ତାଙ୍କୁ ଉଦ୍ଧାର କରିବାରେ ଆମକୁ ସାହାଯ୍ୟ କରିବ ।

ପୁନସ୍କାର ?

ରଜନୀବାବୁଙ୍କ ପ୍ରତିଶ୍ରୁତ ମୁଦ୍ରା । କିନ୍ତୁ ଦୁଇଦିନ ଉତ୍ତାରୁ ପରେ ଉମେଶ୍‌ଙ୍କୁ ଏଠୁ ମୁକ୍ତ କରାଯିବ । ରଜନୀ କଲିକତା ଯାଉଛି । ସେ ନିଶ୍ଚୟ ଜାଣି ସାରିଛି ନରେନ୍ଦ୍ରବାବୁଙ୍କ ବିଧବା ପତ୍ନୀ ଆଉ ସେ ପୂର୍ବ ସ୍ଥାନରେ ନାହାନ୍ତି । ଏବେଣି ନରେନ୍ଦ୍ରବାବୁଙ୍କ ଉଇଲ ମଧ୍ୟ ଗାଏବ୍...ବୁଝିଲ ? ହଁ ସୁରଜିତ ! ବନ୍ଧୁବରଙ୍କୁ ମୁକ୍ତକର ଭଲ ଭାବରେ ତର୍ଜମା କର...କହି ଦସ୍ୟୁରମଣୀ ହିଁ କର୍ଯ୍ୟାନ୍ତରିତ ହେଲା ।

ଦୁଇଦିନ ଅତୀତ ହୋଇଗଲାଣି । ରଜନୀବାବୁଙ୍କ କଲିକତା ଯିବା ସଙ୍ଗରେ ମଣିବାବୁ ମଧ୍ୟ ଯାଇଥିଲେ, ଏପର୍ଯ୍ୟନ୍ତ ଫେରିନି । ମଣିବାବୁଙ୍କର ଅଦ୍ଭୁତ ବ୍ୟବହାର, ହସ କଥା ଯେମିତି ସବୁ ଅଦ୍ଭୁତ ଧରଣର । ରହସ୍ୟାଚ୍ଛନ୍ନ ତା ମନର ଭାବ । ତାକୁ ଯେପରି ବୁଝି ହୁଏ ନା । ସେଦିନ ଦସ୍ୟୁରମଣୀ ଯେଉଁ ଚିଠିଟି ଫେଲିଦେଇ ନେଇଥିଲା, ସେଇଟି ମଣିବାବୁ ପାଖକୁ କିପରି ଆସିଲା ? ସେ କି ଦୈବତ ପୋଲିସ କିମ୍ବା ରଜନୀବାବୁଙ୍କ ହାତରେ ପଡିଥିଲେ କି ବିଭ୍ରାଟ ସୃଷ୍ଟି ହୋଇ ନ ଥାନ୍ତା ସତେ ! ମଣିବାବୁ ସେଦିନ ଯିଏକର ପଞ୍ଚ ଓ ଏମ୍, ଏଲ, ଏଙ୍କ ସହିତ ଶରଣାର୍ଥୀ କ୍ୟାମ୍ପ ବୁଲି ଯାଇଥିଲେ । ମଧ୍ୟ ପଟେ ଆଜ ଦୁଇଟି ତରୁଣୀ ସହିତ ରେଷ୍ଟୁରାଣ୍ଟରେ ପ୍ରବେଶ କରିବା ସେ ଦେଖି ଲକ୍ଷ୍ୟ କରିଛି । ତାହାପରେ ଯାହା ସବୁ ଘଟିଛି ଅଜ୍ଞାନାଙ୍କ ପାଖରେ ସେ ସବୁ ଅଦୃଶ୍ୟ ରହି ଯାଇଛି । ଦସ୍ୟୁରମଣୀର ଚରମାନେ ସବୁବେଳେ ତା ଉପରେ ଯେପରି ସତର୍କ ଦୃଷ୍ଟି ରଖିଛନ୍ତି । ସ୍ୱଭାବ କେତେ

ପ୍ରହରଠୋ ଏ ସବୁ ଘଟିଥିଲେହେଁ ରେଷ୍ଟୁରାଣ୍ଟ ଘଣ୍ଟାର ସମୟ ନିର୍ଦ୍ଦେଶ ତାକୁ ଆଶ୍ଚର୍ଯ୍ୟ କରିଥିଲା । ସେତେବେଳେ ତାର ଦୃଷ୍ଟିଶକ୍ତି ବନ୍ଦ ହୋଇ ଯାଇଥିଲା ' କିନ୍ତୁ ସେଠୁ ମଣିବାଲା କେତେବେଳେ ଆସିଲା ସେ ଜାଣି ପାରିନି । ରଜଗାରାବୁ କଥା ପ୍ରସଙ୍ଗରେ କହିଥିଲେ ସିନେମା ଦେଖି ସେ ଗୋଟାକ ବେଳେ ଆସିଲା । ଟ୍ରକୁଅନ ମଧ୍ୟ ସେଇଆ କହିଥିଲା । ହଲ୍ ଘଣ୍ଟା ସହିତ ତା ରିଷ୍ଟୱାଚରେ ଟାଇମ୍ ମିଳେଇ ନେଇ ନ ଥିଲେ ହଲ୍ କ୍ଲକକୁ ଯେ ଦୁଇ ଘଣ୍ଟା ଅଗ୍ରୀମ କରି ଦିଆ ଯାଇଥିଲା, ଏ ରହସ୍ୟ ତା ପାଖରେ ଅଜ୍ଞାତ ରହି ଯାଇଥାନ୍ତା ।

ଦସ୍ୟୁ ରମଣୀର କୌଶଳକୁ ଅବିନାଶ ସେଦିନ ମନେ ମନେ ପ୍ରଶଂସା କରିଥିଲା । ଏହି ପ୍ରାସାଦ ସହିତ ତାର ଯେ ଘନିଷ୍ଠ ଯୋଗାଯୋଗ ରହିଛି ଏ ବିଷୟ ଅବିନାଶ ଭଲ ଭାବରେ ବୁଝିଥିଲେହେଁ ଠିକ ଖାପଟାରେ ନପଡିଲେ ଲୀଳାମୟୀର ଲୀଳା ଧରିବା ଏକବାରେ ଅସମ୍ଭବ ।

ବିଭ୍ରାନ୍ତ ମନ ନେଇ ଏସବୁ ଭାବୁଥିବା ବେଳେ ତାର ଦୃଷ୍ଟି ପଡିଲା ତଳେ ପଡିଥିବା ଏକ ଲଫାପା ଉପରେ । ଅଜ ଡାକରେ ସେଇଟି ଆସିଛି । ଖୋଲି ଦେଖିଲା ଭିତରେ ଏକ ରଙ୍ଗିନ ଚିଠି—

ବନ୍ଧୁବରେଷୁ,

ମୋର ବ୍ୟବହାରରେ ଆପଣ ନିଶ୍ଚୟ ସେଦିନ କ୍ଷୁଣ୍ଣ ହୋଇଥିବେ । କିନ୍ତୁ ଆପଣଙ୍କର ପ୍ରେମ ଗଭୀରତା ଦେଖିବା ପାଇଁ ସେଦିନ ମତେ ଅଭିନୟ କରିବାକୁ ହୋଇଥିଲା । ଆପଣ ଏତେ ଶୀଘ୍ର ଅପରାଧ ସ୍ୱୀକାର କରି କ୍ଷମା ମାଗିବେ ବୋଲି ମୁଁ ଆଶା କରି ନଥିଲି । ଦୁର୍ଦ୍ଧର୍ଷ ଦସ୍ୟୁଦଳ ଦମନ ଅଭିଳାଷୀ ସାହସୀ ଗୁଇନ୍ଦା ତା ପ୍ରେମିକାର ଛଳନା ପାଖରେ ହାରିଯିବା ଲଜ୍ଜାର କଥା । କିନ୍ତୁ ତୁମର ପରାଜୟ ଯେ ମୋର ପ୍ରିୟ ! ମୋର ସ୍ନେହ ଚୁମ୍ବନ ନେବ ।

ସ୍ନେହାସ୍ପଦା
ମଣି

ଚୁମ୍ବନ ! ପ୍ରିୟାର ଚୁମ୍ବନ ! କି ମଧୁର ! ମଣି, ମଣି···ତମକୁ ସତରେ ମୁଁ ଭଲ ପାଏ । ଭଲ ପାଏ ତମ ଅନ୍ତର ତଳେ ଯେଉଁ ଅତୃପ୍ତ, ଉଦ୍ଗ୍ରୀବା ପ୍ରକୃତି ଲୁଚି, ଡାକୁଛି । ସେ ଭଳି ମୁଗ୍ଧାର ବଙ୍କିମ କଟାକ୍ଷ ବନ୍ଦନର ଅବିନାଶର କାମ୍ୟ ନୁହେଁ । ତମେ ଲେଡି ଟାଇପିଷ୍ଟ୍ ନୁହଁ କି ଆଶ୍ରୟ ପ୍ରାର୍ଥିନୀ ନିରୀହା ଅବଳା ନୁହଁ, କି ଧନୀଯୁବକ ଲୁବ୍ଧଦୃଷ୍ଟିର ଶସ୍ତା ଶିକାର ନୁହଁ, ତମେ ବାସ୍ତବରେ ଯାହା ସେଇ ବିଶ୍ୱବିକାଶର ପ୍ରେମ-କମଳାର୍ଦ୍ଧ ଅବିନାଶର କାମ୍ୟ··· ।

ହଠାତ୍ ଉଠି ପଡ଼ି ସୁଇଚଟା ଅନ୍ କରିଦେଲା ଅବିନାଶ । ଏତକ୍ଷଣ ଧରି ଅନ୍ଧାରରେ ବସି ପ୍ରିୟା ଭାବନାରେ ବିଭୋର ଥିଲା ସେ । ବିଦ୍ୟୁତ ଆଲୋକରେ କୋଠରୀଟି ଉଜ୍ଜ୍ୱଳ ହୋଇ ଉଠିଲା । ତା ପରେ କବାଟ ଆଉଜେଇ ଅଣି ଉପର ମହଲକୁ ଆସିଲା । ରଜନୀବାବୁଙ୍କ ଅନୁପସ୍ଥିତିରେ ଉପର ମହଲଟା ନିସ୍ତବ୍ଧ ଜଣା ପଡ଼ୁଛି । ଏତିକିବେଳେ ମଣିବାଲା ନଥିବାରୁ ଅବିନାଶ ଏକପ୍ରକାର ନିଃସଙ୍ଗ । ସେ ଉପର ମହଲର ଗୃହଆଡ଼େ ବୁଲି ଆସି ଯେତେବେଳେ ହଲ୍‌କୁ ଫେରିଲା, ଦେଖିଲା ତା ରୁମ୍‌ରେ କିଏ ବତୀ ଜଳେଇଛି । ସେ ଦ୍ରୁତ ପଦକ୍ଷେପରେ ନିଜ ରୁମ୍ ଆଡ଼େ ଅଗ୍ରସର ହେଲା ।

ଅବିନାଶ ନିଜ ରୁମକୁ ଆସି ଦେଖିଲା ଚେୟାରରେ ଜଣେ ଦୀର୍ଘକୃଷ୍ଣ ଅପରିଚିତ ଲୋକ ବସିଛି । ମୁହଁରେ କଅଁଳ ଦାଢ଼ୀ । ଆଖିରେ ସନ୍ଧାନୀ ଦୃଷ୍ଟି । ହାତରେ ଖଣ୍ଡିଏ ସୌଖୀନ ଯଷ୍ଟି ଧରି ଖେଳଉଛି । ତାର ମନେ ହେଲା ଏପରି ଲୋକର ବର୍ଣ୍ଣନା ସେ କାହାଠୁ ଶୁଣିଛି ବା କୌଣସି ପୋଲିସ ଡାଇରୀରେ କେବେ ପଢ଼ିଛି ।

ଅବିନାଶ ପାଖକୁ ଆସିବା ମାତ୍ରେ ଆଗନ୍ତୁକଟି ପଚାରିଲେ, ଆପଣ ଶ୍ରୀ ଅବିନାଶ ସାନସିଂ, ରଜନୀବାବୁଙ୍କର ନିଯୁକ୍ତ ପ୍ରାଇଭେଟ ଡିଟେକ୍ଟିଭ ?

ଆପଣ କିଏ ମୁଁ ଜାଣି ପାରେ କି ? ଅବିନାଶ ପ୍ରତିକୂଳ ପ୍ରଶ୍ନକଲା ।

ଜଣେଇବା ପାଇଁ ଯେତେବେଳେ ଆସିଚ, ଆପଣ ନିଶ୍ଚୟ ଜାଣିବେ । ସବୁ ବିଷୟ ଜଣେଇବା ପୂର୍ବରୁ ମୋ ସହିତ ଚୁକ୍ତିବଦ୍ଧ ହବାକୁ ହେବ !

ଏଇଟା ସେୟାର ମାର୍କେଟ ନୁହେଁ ମହାଶୟ ! ବକ୍ତବ୍ୟ ଶୀଘ୍ର ଶେଷ କର ରାସ୍ତା ଦେଖନ୍ତୁ—

ଆପଣ ଜାଣିବା ଉଚିତ ଯେ ବ୍ୟବସାୟ ଛଡ଼ା ମୁଁ ମୂଲ୍ୟହୀନ କଥା କୁହେ ନା । ଆପଣ ଯଦି ମୋର ସାହାଯ୍ୟ ଚାହାଁନ୍ତି, ତେବେ କୁହନ୍ତୁ । ମୁଁ ଅବଶ୍ୟ ବଳେ ବଳେ ଆସିନି । ଶୁଣିଲି ଆପଣ ଦି'ଦିନ ତଳେ ମୋ ଘର ଆଗରେ ମୋ ଖୋଜରେ ପର୍ଯ୍ୟନ୍ତ ମାଡ଼ିଥିଲେ ?

ଅବିନାଶ ମନେ ମନେ ଆଶ୍ଚର୍ଯ୍ୟ ହେଲା । ତାପରେ ତୀକ୍ଷ୍ଣ ଦୃଷ୍ଟିରେ ଲୋକଟିକୁ ଥରେ ଦେଖି ନେଇ କହିଲା, ଓଃହୋ...ତମକୁ ମୋର ଖୁବ୍ ଦରକାର ଥିଲା ବିପିନ ବାବୁ ! ତମର ଏ ବେଶ କେବେଠୁ ? ବସ୍ତୁତଃ ତମରି ଅପେକ୍ଷାରେ ମୁଁ ଥିଲି । କଲିକତାରୁ କେବେ ଆସିଲେ ?

କଲିକତା ମୁଁ ଯାଇନି ଅବିନାଶ ବାବୁ ! ଦସ୍ୟୁରମଣୀର କାରାଗାରରେ ମୁଁ ବନ୍ଦୀ ଥିଲି । ସେ କିନ୍ତୁ ଆପଣଙ୍କର ଖୁବ୍ ତାରିଫ୍ କରୁଥିଲେ ।

ମୁଁ ଜାଣେ । କିନ୍ତୁ ବିପିନ ବାବୁ, ଦସ୍ୟୁରମଣୀ ଏତେ ଶୀଘ୍ର ତମକୁ କିପରି ନିମନ୍ତ୍ରଣ କଲା ?

ନିମନ୍ତ୍ରଣ ନ ହେଲେ ମଧ୍ୟ ବେଳେବେଳେ ଅଯାଚିତ ଭାବରେ ଅତିଥି ସାଜିବାକୁ ହୁଏ ଗୁଇନ୍ଦା ମହାଶୟ ! ବିଶେଷତଃ ମୋ ବ୍ୟବସାୟ ଦୃଷ୍ଟିରୁ...

ବ୍ଲାକମେଲିଂ ବ୍ୟବସାୟ କେବେଠୁଁ ଆରମ୍ଭ କଲେ ବିପିନ ବାବୁ ?

ମୁଁ କାହାରିକୁ ବ୍ଲାକମେଲ କରେନା । ଏ ଘୃଣ୍ୟ ପନ୍ଥାଠୁ ମୁଁ ସବୁବେଳେ ଦୂରେଇ ଥାଏ । ସତ ଘଟଣା ଯୋଗାଇ ମୋର ପ୍ରାପ୍ୟ ଅସୁଲ କରି ନେବାର special technic ମତେ ବେଶ୍ ଜଣା—

ଗତ ଦୁଇଦିନ ତଳେ ରଜନୀବାବୁଙ୍କ ହୀରା ହାର ଆଉ ଘଡ଼ିଟି ଚୋରି ଯାଇଚି, ଶୁଣିଥିବେ !

ଖାଲି ଶୁଣିନି, ଦେଖିଚି ଅଚ୍ଛା ମଧ୍ୟ ଜାଣେ । ତସ୍କର ଅଭିନବ ଅଡ଼ଭୁ ଖାଁ ହାତଟି ବଢ଼େଇ ହସ୍ତ ପୃଷ୍ଠିଲେ ।

ରଜନୀ ବାବୁ କୁହନ୍ତି ତାଙ୍କର ଜଣେ ବଶିଷ୍ଠ ବନ୍ଧୁ ସେଇଟିକୁ ହରଣଗୃଳ କରିଛନ୍ତି । ରଜନୀ ବାବୁ ଆଉ ତାଙ୍କ ଛୋଟା ଡ୍ରାଇଭ ବ୍ୟକ୍ତି ଜେଙ୍କୁ ସେ ଗୁପ୍ତ ଆଲମାରି କଥା କୁଆଡ଼େ ଜାଣି ନଥିଲେ । ସେ ମଧ୍ୟ ଜଣେ···

ମୁଁ ଜାଣେ ମିଃ ମନସିଂ । ସେଇଥିପାଇଁ ଆପଣ ପୋଲିସକୁ ଖବର ନ ଦେଇ ମନେ ମନେ ମତେ ହିଁ ଖୋଜୁଥିଲେ ।

ଜାଣନ୍ତି, ଏବେଣି ଚାହିଁଲେ ମୁଁ ଆପଣଙ୍କୁ ପୋଲିସରେ ଦେଇ ପାରେ—

ଯେଉଁଥିପାଇଁ ପୋଲିସକୁ ତମେ ମୋ ନାଁ କହୁନାହଁ, ଜାଣେ । ଆଉ ଯେଉଁ ବୁଦ୍ଧିରୁ ମୋର ଫୁଲ ବନ୍ଧୁ—ତମେ ମୋଠୁ ଫୁଲ ଫାଏଦା ନ ଉଠେଇ ପୋଲିସକୁ କହୁନାହଁ ।

ତମେ ଜାଣ, ତମେ ଏବେଣି ମୋ ଅକ୍ତିଆରରେ— ?

ଭଲ ଭାବରେ ଜାଣେ, ଆଉ ମୋ ସ୍ୱାର୍ଥ ବୁଦ୍ଧିରୁ ମଧ୍ୟ ମୁଁ ଏଠାକୁ ଆସିଚି । ଏ ପଇସାର ଯେଉଁଠି ଯୋଗାଡ଼ ନ ଥାଏ, ମୁଁ ସେ ସ୍ଥାନ ଭୁଲରେ ବି ମାଡ଼େ ନା—ଦସ୍ୟୁରମଣୀର ସେ ହାଏ ଜରୁରୀ ଅନୁସନ୍ଧାନରେ ମୁଁ ଆସିଚି ।

ଶପିନ ବାବୁ ! ସେ ସବୁ ଗୃଳ ମୋ ପଖରେ ଚଳିବ ନାହିଁ । ସେ ଭଇଲ ସହ୍ୱକ ତମର କ ସ୍ୱାର୍ଥ ?

ଯେଉଁ ସ୍ୱାର୍ଥ ରଜନୀ ବାବୁଙ୍କର ଅଛି, ଠିକ ସେଇଆ । ଯେଉଁଥିପାଇଁ ସେ କଲକତା ଯାଇଛନ୍ତି, ଠିକ୍ ସେଇଥିପାଇଁ ମୁଁ ଏଠିକି ଆସିଚି—

ମାନେ ?

ତମକୁ ଭଣି ରଖିବା ଉଚିତ ଅବିନାଶ ବାବୁ ! ମୋର ଗୋଟାଏ ଲୁର ମୂଲ୍ୟ ଏକ ସହସ୍ର ମୁଦ୍ରାରୁ କମ ନୁହେଁ—

ସତ ।

କେତେ ?

ମୋ ପୁରସ୍କାରର ଏକ ତୃତୀୟାଂଶ ତମର ପ୍ରାପ୍ୟ—

ନା, ନା ···ହାଫ୍ ହାଫ୍ କର—

ବେଶ୍ !

ବିପିନ ହିଁ ଭିଏ ରହ ଆରମ୍ଭ କଲା, ମୋର ଏ ବ୍ୟବସାୟର ଗୁରୁ କିଏ ଜାଣନ୍ତି ଅବିନାଶ ବାବୁ ?

କିଏ ?

ଶିଲଶ୍ରୀର ନକଲ ପ୍ରେ ପ୍ରାଇଭର ରଜନୀକାନ୍ତ ମହାନ୍ତି ।

ଏଁ··· ?

ହଁ—ସେ ଗୋଟାଏ ଲମ୍ବା ଇତିହାସ । ବିପିନ ପଟ୍ଟନାୟକ ଘଟଣାର ସଂକ୍ଷିପ୍ତ ସାର ଶୁଣାଇ ଶେଷରେ କହିଲେ, ଯାହାହେଉ ମୁଁ ଚାହିଁଲେ ଯେ କୌଣସି ମୁହୂର୍ତ୍ତରେ ତାଙ୍କୁ ପୋଲିସରେ ଧରାଇ ଦେଇ ପାରେ । ନରେନ୍ଦ୍ର ବାବୁଙ୍କ ଝିଅ ଟିକାର ଫଟୋ ମଧ୍ୟ ମୁଁ ଖୁବ୍ ହୁସିଆରରେ ଯୋଗାଡ଼ କରିଛି । ଆଉ ଯା ମଧ୍ୟ ଜାଣିବାକୁ ପାଇଛି ଯେ ଏ ଝିଅଟି ଏବେ ବି ବଞ୍ଚିଛି । ଆଉ ଯଦି ବଞ୍ଚିଥାଏ ତା ବୟସ ହୋଇଥିବ ୨୨ ବର୍ଷ । ପୂର୍ଣ୍ଣ ଯୌବନା । ଏଇଟି ତାର ପନ୍ଦର ବର୍ଷର ଫଟୋ···କହି ପକେଟରୁ ଗୋଟିଏ ଫଟୋ ବାହାର କରି ଅବିନାଶ ଆଖି ଆଗରେ ଟେକି ଧରିଲେ ।

ଅବିନାଶ ଦେଖୁ ଦେଖୁ ତା ଭ୍ରୂ ଦୁଇଟି ଉପରକୁ ଟେକି ହୋଇଗଲା । ତା ଦୃଷ୍ଟିରେ ବିସ୍ମୟର ସହସ୍ର ପ୍ରଶ୍ନବାଚକ ଚିହ୍ନ ସୃଷ୍ଟି କରିଛନ୍ତି ଯେପରି ।

—ହା—ହା—ହା···କି ଚୋପା ଅବିନାଶ ବାବୁ !

ବିପିନର ହସରେ ଅବିନାଶ ଚମକି ପଡ଼ି ଯେତେବେଳେ ତାକୁ ଅନାଇଲା, ସେ ଶୁଣିଲା ବିପିନ କହୁଛି—ଦେଖିଲେ ? ଏଥର ବୁଝନ୍ତୁ ଯଦି ସହଯୋଗ କରିବେ, **We will be man of fortune ! I am not a liar friend !** ମୁଁ କେବେ ମିଛ କୁହେନା । ରଜନୀ ମହାନ୍ତିର ଗୁଳବାଜ ଶୁଣିଲେତ କିନ୍ତୁ—ହଜ ବନ୍ଧୁ ବିଦାୟ ! ହା-ହା-ହା ।

ବିପିନର ଅଟ୍ଟହାସ ତା ପଛେ ପଛେ ମିଳେଇ ଗଲା । କିନ୍ତୁ ସେଦିନ ତାପରୁ ଅବିନାଶର ଉଚ୍ଚାକାଂକ୍ଷା ଏ ପର୍ଯ୍ୟନ୍ତ ନିବୃତ୍ତ ହୋଇନି । ଝିଅଟିକୁ

ଦେଖୁ ଦେଖୁ ଏକ ବଳିଷ୍ଠ ବାଳିକାର ଅଙ୍ଗସୌଷ୍ଠବ ତାଙ୍କ ଆଖି ଆଗରେ ଚଳଚିତ୍ର ପରି ଭାସି ଉଠିଲା—ସେ କେହି ନୁହେଁ, ସେ ହେଉଛି ତାଙ୍କ ଅତି ପରିଚିତ ସୁନ୍ଦରୀ ମଣିବାଲା ।

ସେଇ ରାତି । କଳା ବାଦଲର ଭାସମାନ ସ୍ତରରେ ପୃଥିବୀର ଦୃଶ୍ୟମାନ ପ୍ରକୃତି ବେଳେବେଳେ ଅସ୍ପଷ୍ଟ ହୋଇ ଉଠୁଛି । ଗୋପାଳପୁର 'ସିଭ୍ୟୁ—ରେଷ୍ଟୁରାଣ୍ଟ୍'ର ଦ୍ୱିତଳ ପ୍ରାସାଦ ଗୃହଗବାକ୍ଷେ ସଶସ୍ତ୍ର ଛାୟାମୂର୍ତ୍ତି ପହରା ଦେଉଛନ୍ତି । ରାତ୍ରୀ ପ୍ରହରୀ ଶଶଧର ଛଡ଼ା ଆଉ କାହାର ସତର୍କ ଦୃଷ୍ଟି ସେମାନଙ୍କୁ ଅନୁଭୂତ କରୁନଥିଲା । ଅଦୂରରେ ସମୁଦ୍ରର ଗର୍ଜନ । ତା' ଭିତରେ କାହାର କ୍ଷୀଣ ଚିତ୍କାର ଛାୟାମୂର୍ତ୍ତିଙ୍କ ପ୍ରାଣରେ ଆତଙ୍କ ସୃଷ୍ଟି କରୁଛି । ସଶଙ୍କ ପ୍ରାଣରେ କା'ର ଇଙ୍ଗିତକୁ ସେମାନେ ଅପେକ୍ଷା କରୁଛନ୍ତି ଯେପରି ।

ସ୍ତବ୍ଧତା ଭଙ୍ଗ କରି ଏତିକିବେଳେ ଏକ ହୁଇସିଲ ବାଜିଉଠିଲା । ସମସ୍ତ ଛାୟାମୂର୍ତ୍ତିଗୁଡ଼ିକ ଚଞ୍ଚଳ ହୋଇ ଉଠି ପ୍ରାସାଦ ଭିତରେ ପଶିବାକୁ ଲାଗିଲେ ।

ହଠାତ୍ ଉପର ମହଲାର ଗୋଟିଏ ରୁମ୍‌ର ବତୀ ନିଭିଗଲା । ସେତିକିରେ କେତେଟିର ଚିତ୍କାର ବନ୍ଦ ହୋଇଗଲା । ଏଣେ ତଳମହଲାର ପ୍ରତି ରୁମ୍‌ରେ ପୋଲିସ ଦଳ ଦମନଲୀଳା ଆରମ୍ଭ କରିଛନ୍ତି । ରେଷ୍ଟୁରାଣ୍ଟ୍‌ର ଗ୍ରାହକମାନେ ଦୁର୍ଘଟଣାର କାରଣ ବୁଝିନପାରି ଏପାଖ ସେପାଖ ହେଉଛନ୍ତି । ପୋଲିସ ସାହେବ ଓ ପୋଲିସ ଇନ୍‌ସପେକ୍ଟର ଉପସ୍ଥିତିରେ ଯାଇଁ

ପାଇଁ ଅନ୍ଧାରରେ କାହା ସହିତ ଧକ୍କା ଖାଇଲେ । ପୋଲିସ ସାହେବ ଟର୍ଚ୍ଚ ଲାଇଟ୍ ମାରି କହିଲେ, କିଏ ? ଓଃ ମିଃ ମାନସିଂ ! ଉପରେ କିଏ ? ମାନେଜର କାହିଁ ?

ମାନେଜରର କୌଣସି ଠିକଣା ନାହିଁ । ଉପରେ ଗୋଟିଏ ଲୋକ ବନ୍ଧା ହୋଇ ପଡ଼ିଛି । ଆପଣ ତାକୁ ମୁକ୍ତ କରନ୍ତୁ । ମୁଁ ଦେଖେ ଦସ୍ୟୁଦଳର କେହି ଯେପରି ନ ପଳାନ୍ତି··· ! କହି ଦ୍ରୁତ ବେଗରେ ପାହାଚରେ ଓହ୍ଲାଇବାକୁ ଲାଗିଲା ଅବିନାଶ । କିନ୍ତୁ ତଳ ମହଲାର ପ୍ରତ୍ୟେକ ସ୍ଥାନ ଖୋଜି କାହାରିକୁ ନ ପାଇ ବିବ୍ରତ ହୋଇପଡ଼ିଲା ସେ । ମେନ୍ ସୁଇଚ୍ କିଏ କାଟି ଦେଇଥିବାରୁ ସାରା କୋଠାଟା ଅନ୍ଧାରରେ ବୁଡ଼ି ରହିଛି । ଅବିନାଶ ହଲ୍ ଦେଇ ଅଫିସ୍ କୋଠରୀଟିକୁ ଯିବା ମାତ୍ରେ ତା ପଛପଟ ଦରଜା ଖୁବ୍ ଧୀରେ ବନ୍ଦ ହୋଇଗଲା । ସେ ଅନ୍ଧାରରେ କିଛି ଠଉରେଇ ନପାରି ପାଦେ ଆଗକୁ ଯେମିତି ଯାଇଛି ତା ଉପରେ କିଏ ଲମ୍ଫ ପ୍ରଦାନ କଲା । ଅବିନାଶ ପାଟି କରିବାକୁ ଚେଷ୍ଟା କରୁ କରୁ ଏକ ତୀବ୍ରଗନ୍ଧର ଆଘ୍ରାଣରେ ତା'ର ଚେତା ବୁଡ଼ିଗଲା ।

ଉପରେ ଶୃଙ୍ଖଳିତ ଲୋକଟିକୁ ବନ୍ଧନ ମୁକ୍ତ କରି ପୋଲିସ ସାହେବ ସେ ଲୋକଟିକୁ ପଚାରି ବୁଝିବା ଫଳରେ ଜଣାଗଲା ଯେ ସେ ଗୋଟାଏ ବଡ଼ ବ୍ୟବସାୟୀ । ବ୍ୟବସାୟ ସଂକ୍ରାନ୍ତରେ ଜଣେ ସାହେବ ପୋଷାକ ପିନ୍ଧି ତାକୁ ଦେଖା କରି ଏଠାକୁ ନେଇ ଆସିଲା କଥାବାର୍ତ୍ତା କହିବା ପାଇଁ । ସରବତ ପିଇ ପିଇ ସେ ବେହୋସ ହୋଇଗଲା । ଯେତେବେଳେ ଚେତା ହେଲା ସେ ଦେଖିଲା ଗୋଟିଏ ଘରେ ସେ ବନ୍ଧା ହୋଇ ପଡ଼ିଛି । ପୋଲିସ ସାହେବ ସବୁ ବିଷୟ ମନେ ମନେ ହିସାବ କରି ଲୋକଟିକୁ ରିଲିଜ୍ କଲେ । ଲୋକଟି କଳା ମାର୍କେଟିଂ କରି କିଛିଦିନ ତଳେ ଧରା ହୋଇଥିଲା କିନ୍ତୁ ପ୍ରମାଣ ଅଭାବରୁ ଖସି ପଳାଇଥିଲା । ଏ ଦଳ ତାକୁ କୌଶଳରେ ଧରି ଚାବୁକରେ ପ୍ରହାର କରନ୍ତି । ସ୍ୱୀକୃତ କ୍ରିମିନାଲ ଅଫେନ୍ସ । ଏ ଦଳ

ପଛରେ ନିଶ୍ଚୟ କୌଣସି ସ୍ୱଇମ୍ୟାନଙ୍କ ଦଳର ସମ୍ପୂର୍ଣ୍ଣ ସ୍ୱାର୍ଥ[illegible] ନଚେତ…

ହଠାତ୍ ଦୂରରେ ଘୋଡ଼ା ଟାପୁର ଶବ୍ଦ ଶୁଣି ପୋଲିସ୍ ସାହେବ ସଜାଗ ହୋଇ ଉଠିଲେ । ସେ ବାହାରକୁ ଆସି ଦେଖିଲେ ତାଙ୍କୁ ପ୍ରାପ୍ତ ଘୋଡ଼ା ପ୍ରଧାନ ରାସ୍ତା ଛାଡ଼ି ଅବାଟରେ ଦୁରନ୍ତ ବେଗରେ ଛୁଟି ଚାଲିଛି । କାଳବିଳମ୍ବ ନ କରି ପୋଲିସ୍ ଇନ୍‌ସପେକ୍‌ଟର ଶ୍ରୀକାନ୍ତ ବାବୁ ତା ପଛରେ ମଟର ବାଇକ୍ ଛୁଟାଇ ଦେଲେ ।

ପୋଲିସ ସାହେବ ହଲ୍‌କୁ ଆସି ସମବେତ ସିପାହୀମାନଙ୍କୁ ଭର୍ତ୍ସନା କରି କହିଲେ, ତମରି ଆଖି ଆଗରୁ ଖସି ଚାଲିଗଲା, କେହି ଜାଣି ପାରିଲ ନାହିଁ । ଯାଅ, ପ୍ରତ୍ୟେକଟି ରୁମ୍ ତନ୍ନ ତନ୍ନ କରି ଦେଖ ।

କିନ୍ତୁ ଅଧଘଣ୍ଟା ପରେ ସିପାହୀ ଦଳ ନିରାଶରେ ବାହାରି ଆସି କହିଲେ କେହି ନାହିଁ ହଜୁର !

ଠିକ୍ ସେତିକିବେଳେ ଗୋପାଳପୁର ଲେଭଲ କ୍ରସିଂ ପାଖରେ ଶ୍ରୀକାନ୍ତବାବୁ ଖୁବ୍ ଜୋରରେ ବ୍ରେକ୍ ଚାପି ତାଙ୍କ ମଟର ବାଇକ୍‌ଟିକୁ ଛିଡ଼ା କରାଇ ନଥିଲେ ହାଲ୍‌କା ବେଗରେ ଧାଇଁଥିବା ମାଲଗାଡ଼ି ତଳେ ମଟର ବାଇକ୍ ସୁଦ୍ଧା ଚାପିହୋଇ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯାଇଥାନ୍ତେ । ତାଙ୍କ ଅଭିଯାନ ବ୍ୟର୍ଥ ହୋଇ ଯିବାରେ ସେ ଯେତେ ହତାଶ ହେଲେନି, ତାଠୁ ବେଶି ଆଶ୍ଚର୍ଯ୍ୟ ହେଲେ ଦସ୍ୟୁଦଳର ଜୀବନ ମୂର୍ଚ୍ଛା ସାହସ ଦେଖି । ଦସ୍ୟୁଦଳର ଘୋଡ଼ାଟି ସହିତ ତାଙ୍କ ବାଇକର ଯେତିକି ବ୍ୟବଧାନ ଥିଲା ତାହିଁରୁ, ସେ ଠିକ୍ ଅନୁମାନ କରି ନେଇଥିଲେ ଯେ ଲେଭଲ କ୍ରସିଂ ପାଖରେ ଘୋଡ଼ାଟିକୁ ସେ ନିଶ୍ଚୟ ଧରି ପାରିବେ । କିନ୍ତୁ ଟ୍ରେନ ଗାଡ଼ିଟି କ୍ରସିଂ ପାର ହେବାକୁ ମୁହୂର୍ତ୍ତିକ ପୂର୍ବରୁ ଆଖି ପିଛୁଳାକେ ଦସ୍ୟୁଦଳର ଏକ ସାହସୀ ଯୁବକ ରହସ୍ୟମୟୀ ଦସ୍ୟୁରମଣୀଟିକୁ ଘୋଡ଼ାରେ ବସେଇ ଏକ ଲମ୍ଫରେ କ୍ରସିଂ ଡେଇଁ ପଳାୟନ କଲେ । ଶ୍ରୀକାନ୍ତବାବୁ ହତାଶ ହୋଇ ଭାବ ବାଡ଼ି ଯିବା

ପରେ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ପିଲାର ସ୍ତ୍ରାଇକ୍ କରି ପାରିଲେ ନାହିଁ । ଆଖ ପାଖ ସ୍ଥାନରେ ଅନେକ ଖୋଜି ଗୋପାଳପୁରରେ ଅପେକ୍ଷା କରିଥିବା ପୋଲିସ ସାହେବଙ୍କ ପାଖକୁ ରାତି ପାହିବା ପୂର୍ବରୁ ଫେରି ଆସିଲେ ।

ଗତ ରାତିର ଆକସ୍ମିକ ଘଟଣା ନେଇ ପୋଲିସ ସାହେବ ବିବ୍ରତ । ବ୍ରହ୍ମପୁର ଥାନା ଇନ୍‌ସପେକ୍ଟର ଶ୍ରୀକାନ୍ତବାବୁ ମଧ୍ୟ ଦସ୍ୟୁଦଳର ଅଦ୍ଭୁତ ଦୁଃସାହସିକ କାର୍ଯ୍ୟ ବିଷୟରେ ଭାବି ଚିନ୍ତି କୌଣସି ପ୍ରକାର କୂଳ କିନାରା ପାଉ ନାହାନ୍ତି । କାଲି ରାତିର ଦୁର୍ଘଟଣା ସମୟରୁ ଏ ପର୍ଯ୍ୟନ୍ତ ଘଟଣାର ଗୁଇନ୍ଦା ଅବିନାଶ ମାନସିଂଙ୍କର ମଧ୍ୟ ପତ୍ତା ମିଳୁନି । ଦସ୍ୟୁଦଳର କୌଣସି ଲୋକକୁ ଅନୁସରଣ କରି ସେ ଆଉ ଫେରି ନାହାନ୍ତି । କେତେବେଳେ ଭାବିଚିନ୍ତି ଶ୍ରୀକାନ୍ତବାବୁ କହିଲେ, ସାର୍ ! ମୁଁ ଭାବୁଛି ଅବିନାଶବାବୁ ସେମାନଙ୍କୁ ଫଲୋ କରୁଛନ୍ତି । ତା ନ ହୋଇ ବି ପାରେ । ମୋର ଅନୁମାନ ସୁଯୋଗ ଦେଖି କୌଣସି ଅଣ୍ଡର ଗ୍ରାଉଣ୍ଡ ରୁମ୍‌ରେ ଅବିନାଶବାବୁଙ୍କୁ ବନ୍ଦୀ କରିଛନ୍ତି । ଆଉ ଆମର ଅନୁସନ୍ଧାନକୁ ଭିନ୍ନମୁଖୀ କରି ଦେବା ପାଇଁ ଦସ୍ୟୁଦଳର କେହି ଜଣେ ଦସ୍ୟୁ ରମଣୀକୁ ସଙ୍ଗରେ ନେଇ ପଳେଇଛି—

କିନ୍ତୁ ଯେଉଁ ବ୍ୟବସାୟୀଟିକୁ ସେମାନେ ପ୍ରହାର କରୁଥିଲେ ସେ କୁହେ ତା ସାମନାରେ ଗୋଟିଏ ସ୍କୁଟ ବେଶୀ ସ୍ତ୍ରୀ ଆଖିରେ ନେଳି ଚଷମା ପିନ୍ଧି, ମୁହଁରେ କଳାପଟି ବାନ୍ଧି ଛିଡ଼ା ହୋଇଥିଲା । ସେ କୁଆଡ଼େ ଗଲା ?

ମୋର ସ୍ପଷ୍ଟ ଧାରଣା ହେଉଛି ଗୁପ୍ତ ରହିଥିବା କୌଣସି ଅଣ୍ଡର ଗ୍ରାଉଣ୍ଡ ରୁମ୍‌ରେ ସେମାନେ ଲୁଚି ରହିଛନ୍ତି ।

କିଛିକ୍ଷଣ ନୀରବତା ପରେ ପୋଲିସ୍ ସାହେବ କହିଲେ, ଏଇ କେଇ ମାସ ହେଲା ଦସ୍ୟୁ ଦଳର କାରସାଦି ଆମ ଦୃଷ୍ଟିକୁ ଆସିଛି । ପୁଣି ତାଙ୍କର

ସବୁ ଷଡ଼ଯନ୍ତ୍ର ନିରଞ୍ଜନବାବୁଙ୍କୁ କେନ୍ଦ୍ର କରି । ଏ ସବୁ ବିଷୟରେ କିଛି ଅବଧାରଣା କରିପାରୁଛନ୍ତି ଶ୍ରୀକାନ୍ତବାବୁ ! କୌଣସି ବିଶେଷ ଭାବଣ ନଥିଲେ—

ଆପଣ ଠିକ୍ ଅନୁମାନ କରିଛନ୍ତି । ଯା' ଭିତରେ କୌଣସି ଗୂଢ଼ ରହସ୍ୟ ଅଛି—

ପୁଣି ଦେଖନ୍ତୁ, ସେ ଲେଡ଼ି ଟାଇପିଷ୍ଟ୍ ମଣିବାଲା···ସେ ହଠାତ୍ କୁଆଡ଼ୁ ଆସି ନିଯୁକ୍ତି ପାଇଲା । ତା ଗତି ବିଧି ମଧ୍ୟ ସସ୍ପେକ୍ଟେଡ୍ । ଅବିନାଶବାବୁ ମଧ୍ୟ ତା ବିଷୟରେ କିଛି କହି ପାରୁ ନାହାନ୍ତି । ଏ କେଇଦିନ ହେଲା ସେ ମଧ୍ୟ ନାହିଁ ।

ନା, ନିରଞ୍ଜନବାବୁ କଲିକତା ଯିବା ପରେପରେ ସେ ଅନ୍ତର୍ଦ୍ଧାନ, ଅନେକ ସମୟ ସେ ଗୋପାଳପୁର କ୍ଲବ୍‌ର କାଉଣ୍ଟରେ କଟାଏ । କ୍ଲବ୍‌ର ଆସୋସିଏସନ ପାଇଁ ଅଜସ୍ର ଚାନ୍ଦା ମଧ୍ୟ ସଂଗ୍ରହ କରେ ।

କିନ୍ତୁ···କିନ୍ତୁ ଶ୍ରୀକାନ୍ତବାବୁ, ଏସବୁ ଦେଖିବାପରେ ଓ ମୋର ମନେ ହୁଏ ହେଲେ ନିଶ୍ଚୟ କୌଣସି ବୃହତ୍ତର ଅଭିସନ୍ଧିକୁ ପ୍ରଶ୍ରୟ ଦିଆ ହେଉଛି । ଏ ସବୁ ଉପରେ ଭଲ ଭାବରେ ଦୃଷ୍ଟି ରଖିବାକୁ ହେବ··· ।

ମଣିବାଲା ଘୋଷ ! ଅପ୍ରାପ୍ତ ପ୍ରାର୍ଥନା ! ଏ ସବୁ ବାସ୍ତବିକ ଛଳନା··· କିଛି କିଛି ଅଧୀର ହୋଇ ଉଠି ଶ୍ରୀକାନ୍ତବାବୁ କହିଲେ, ବୁଝିଲେ ସାର ! ମଣିବାଲାହିଁ ଏ ସବୁର କେନ୍ଦ୍ର । ନିରଞ୍ଜନବାବୁଙ୍କ ଏଇ ଜୀବନର କୌଣସି ଭୁଲର ସୁଯୋଗ ନେଇ ଏ ଦଳଟି ତାଙ୍କ ପଛେ ଲାଗି ରହିଛି । ଦସ୍ୟୁଦଳ ସହିତ ତାର କେତେଦୂର ସମ୍ବନ୍ଧ ନଜାଣିଲେ ମଧ୍ୟ ମୋର ସନ୍ଦେହ ହୁଏ ସେଦିନର ହିଂସ୍ର ହାତଟି ମଣିବାଲାହିଁ ତୈୟାର କରିଛି ।

ହେଉଥାଉ, କିନ୍ତୁ ବିନା ପ୍ରମାଣରେ ମଣିବାଲାକୁ ଗିରଫ କରିବା ଅସମ୍ଭବ । ଅଚ୍ଛା, ନିରଞ୍ଜନବାବୁ କେବେ କଲିକତାରୁ ଆସୁଛନ୍ତି ?

ଆଜି ରାତିରେ ଅଟିବାର କଥା—

ଆପଣ ତାଙ୍କ ଜୀବନର ସବୁ ଇତିହାସ ସଂଗ୍ରହ କରି ମତେ ଜଣାନ୍ତୁ । ତାପରେ ଆମେ ଆଗେଇବା ।

ଭଗବାନ ନ କରନ୍ତୁ ରଜନୀବାବୁ ଦସ୍ୟୁଦଳ କବଳରେ ନ ପଡନ୍ତୁ ! କହି ପୋଲିସ ସାହେବଙ୍କୁ ନମସ୍କାର କରି ଶ୍ରୀକାନ୍ତବାବୁ ବାହାରି ଆସିଲେ ।

ସାହେବମାନେ ଏ ଦେଶ ଛାଡ଼ିଲା ପରେ ଭାରତରେ ଅନେକ ଗ୍ରୀଷ୍ମା-ବକାଶ ସ୍ଥାନ ପରି ଗୋପାଳପୁରରେ ମଧ୍ୟ ଅନେକ ଗୁଡ଼ିଏ ପ୍ରାସାଦ ଖାଲି ପଡ଼ିଛି । କେତେକର ଭଗ୍ନାବଶେଷ ମାତ୍ର ରହିଛି । ତଳମହଲର ସମସ୍ତ ଝୁମ୍‌ପୁଡ଼ିକ ବାଲୁକାମୟ । ହଠାତ୍ ଦେଖିଲେ ଜଣା ପଡ଼େ ତାର ଯେପରି କେହି ଉତ୍ତରାଧିକାରୀ ନାହାନ୍ତି । ସଙ୍ଗୀତମୁଖର ବିଳାସ ଭୂମି ନିର୍ଜନ ମରୁରେ ପରିଣତ ହୋଇଛି । ସମୁଦ୍ର କୂଳର ଅନତିଦୂରରେ ଥିବା ଏହିପରି ଏକ ପ୍ରାସାଦର ଉପର ମହଲରେ କ୍ଷୀଣ ମହମବତୀଟିଏ ଜଳୁଛି । ଅସ୍ଥାୟୀ ପନ୍ଥ ନିବାସ ପରି ଘରଟି ସାମାନ୍ୟ ସଜ୍ଜାର ହୋଇଛି । ଏକ ତକ୍ତପୋଷ ଉପରେ ଯୁବକଟିଏ ଉଦାସ ଚାହାଣୀରେ ବସିଛି, ତା ଦୃଷ୍ଟି ଯାହା ଉପରେ ନିବଦ୍ଧ ସେ ତା ପାଖରେ ଏକ ରହସ୍ୟମୟୀ । ତା ରହସ୍ୟର ମାୟା ସୃଷ୍ଟି କରି ଯୁବକକୁ ମୋହାବିଷ୍ଟ କରିବା ସଙ୍ଗେ ସଙ୍ଗେ ତାର ସମସ୍ତ ଶକ୍ତିକୁ ସେ ଯେପରି ନିଃଶେଷ କରି ଦେଉଛି । ସେହି ପୋଷାକ, ଅବିନାଶ ପ୍ରଥମ ରାତିରେ ଯାହା ଦେଖିଥିଲା; ସେଥିରେ ଟିକିଏ ହେଲେ ଅଦଳ ବଦଳ ନାହିଁ । ଗୋଟିଏ ରାତି ଅତିବାହିତ ହେବା ପରେ ତା ଆଖି ବନ୍ଦ କରି ଏଠାକୁ ସ୍ଥାନାନ୍ତରିତ କରି ହେଉଛି । ଅପରାହ୍ନରେ ଯାହାର ଆଗମନ କଳନା କରି ସେ ଉଠି ବସିଲା, ସେ ସେଇ

ଦସ୍ୟୁରମଣୀ । ଅବିନାଶର ସନ୍ଧାନୀ ଦୃଷ୍ଟି 'ରହସ୍ୟମୟୀର' ନେଲୀ ଚଷମା ଉପରେ ଛନ୍ଦହତ ହୋଇ ଫେରି ଆସିଲା ।

ଓହୋ ! କଇଁଠା ବନରେ ବନ୍ଧୁକର ଦେହେସ୍ ନାରଖାର ହୋଇ ଗଲାଣି···ଢ଼ୁ···ଢ଼ୁ··· ! ମଣିବାଲ୍ ଜଣ୍ଡସ୍ ମତେ ଅଭିସମ୍ପାତ କରନ୍ତୁ । ଏ ଉଦାସ ଦୃଷ୍ଟିରେ ନୂତନ ଶିକାରର ଆଶା ଛାଡ଼ ବନ୍ଧୁ ! ପ୍ରେମର ଆଦାନ ପ୍ରଦାନ କ୍ଷେତ୍ରରେ ଏ ଗୃହାଣୀର ମୂଲ୍ୟ ଥାଏ, ମହତ୍ତ୍ୱ ବି ରହେ; ଏଠି ଏସବୁ ନିରର୍ଥକ···ମୂଲ୍ୟହୀନ !

ଟେଁଠାଏ ଶୁଖିଲା ହସ ହସିଲା ଅବିନାଶ ।

ତମକୁ କଣ ବୋଲି ସମ୍ବୋଧନ କରିବି ଭାବି ପାରୁନି । ହର ହାଇନେସ ମାନନୀୟା କି ଦେବୀଜି ? ଯାହାହେଉ ମଣିବାଲ୍ ପ୍ରତି ତମର ସହଜାତ ହିଂସା ଥିଲା ପରି ମନେହୁଏ ! ଜାଣେ ନା କେତେଦୂର ତା ସହିତ ତମର ବନ୍ଧୁତା ଅଛି ?

ପ୍ରେମିକ ଛଡ଼ା ଏ ଦୃଷ୍ଟିକୋଣ ସମସ୍ତଙ୍କର ନ ଥାଏ ଅବିନାଶ ବାବୁ ! ଏଁ, ଏପରି ଚମକି ଉଠୁଛ କାହିଁକି ? ତମ ନାଁଟା ସମ୍ବୋଧନ କଲି ବୋଲି ! ବାସ୍ତବିକ ମଣିବାଲ୍ ତମକୁ ଉଦ୍‌ଭ୍ରାନ୍ତ କରିଛି, ତାର ମୋହିନୀ ଶକ୍ତିକୁ ମୁଁ ତାରିଫ କରୁଛି । ତମେ ଯେପରି ମୋ ଉପରେ ଦୃଷ୍ଟି ଦେଉଛ ଯେ କୌଣସି ନାରୀ ପ୍ରେମରେ ପଡ଼ିବା କଥା ! କିନ୍ତୁ ଏ ନେଲୀ ଚଷମା ତଳେ ମଣିବାଲ୍‌ର ଭ୍ରୂ ବିଳାସ ନାହିଁ କି ଏ କଳାପଟି ତଳେ ଓଠର ସେ ମୃଦୁ ସ୍ପନ୍ଦନ ନାହିଁ । ସେ କୁତ୍ସିତ ଗୃହାଣୀ ଆଉ ଦନ୍ତୁରିତ ଓଷ୍ଠ ତମକୁ ହତାଶ କରିବ ବନ୍ଧୁ ! କିନ୍ତୁ ତମ ପରି ପ୍ରିୟତମ ସବୁ ନାରୀର ଯେ ଏକାନ୍ତ କାମ୍ୟ ମୁଁ ମାନୁଛି—

ଏ ଗମ୍ଭୀରରେ ଖୁବ୍ ବ୍ୟସ୍ତ ଥିଲା ପରି ମନେହୁଏ—

ନ ଥିଲେ ତମ ପରି ରସିକଙ୍କୁ ଫାନ୍ଦରେ ପକାଇବା ଆମ ପକ୍ଷେ ସହଜ ହୋଇ ନ ଥାନ୍ତା । ହୁଁ···ରସିକଟି ଫୁକ୍ ହୋଇଗଲା । ଏଥର ଦସ୍ୟୁମାନ ଗୁଇନା ମିଃ ମାନସିଂ ଲୁହାକୁ ! ଭଣିଜଠାରୁ ସବୁ ଶୁଣିଲା ପରେ ତମର ଏ ନୂତନ ଅଭିଯାନ ଆରମ୍ଭ ହେଲା, ନୁହେଁ ? କିନ୍ତୁ ରକ୍ଷୀ ମହାନ୍ତିର ପ୍ରକୃତ ରୂପ ଜାଣିଲା ପରେ କି ଷ୍ଟେପ୍ ନେବାକୁ ବସିଛ ?

କଠିନ ଗୋଟାଏ ଶୃଙ୍ଖଳ, ଜ୍ୟୋତି ! ତା ଭିତରୁ ମୋର ବିଶ୍ୱାସ ନାହିଁ

କିନ୍ତୁ ତା ସାଥିରେ ଥରେ ଯିଏ ଖେଳିଲା ସେ ଫସିଲା । ତୁମେ କି ସେଥିରୁ ବାଦ ଯାଇ ନଥିବ ଭେଲ ବିଶ୍ୱାସ । ଆମକୁ ଧରେଇ ଦେଇ ପୁରସ୍କାରଟି ପାଇବ, ସେଥିରୁ ଗୋଟାଏ ଅଂଶ ସେ ନିଶ୍ଚୟ ଦାବୀ କରିଥିବ । ଯାହାହେଉ ରଜନୀ ଭଟେନ ତା ଠାରୁ ଯେଉଁ ଫାଇଦା ଉଠେଇ ଥିଲେ ତାର ପ୍ରତିଦାନ ସେ ନିଶ୍ଚୟ ଦେବ ।

ରଜନୀବାବୁ ବିଷୟରେ ତୁମେ ଯେପରି ଅନେକ କିଛି ଜାଣିଚ ମନେହୁଏ—

ତୁମ ପରି ଗୁଣ୍ଡା ଦସ୍ୟୁଙ୍କ ଅପେକ୍ଷା ନିଶ୍ଚୟ ବେଶୀ । ସେମାନଙ୍କ ଅର୍ଥଲୁବ୍ଧ ବୃତ୍ତି କେତେବେଳେ କେତେ ନିରୀହ ନିର୍ଦ୍ଦୋଷମାନଙ୍କୁ ଶୋଷଣ କରେନା । ଅସ୍ତ୍ର ଭକ୍ତିକ ଭଳରେ ଅପ୍ରାକୃତିକ ଉପାୟରେ ଯେଉଁମାନେ ପର ଧନ ଅପହରଣ କରି, ପରର ଶ୍ରେଷ୍ଠ ଚପି ଗୁଡାଏ ବଡ ଲୋକ ହୋଇ ବସନ୍ତି ସେଇମାନଙ୍କ ଅନୁଗ୍ରହ ପ୍ରାର୍ଥୀ ହେବାପାଇଁ ତୁମେମାନେ ସବୁବେଳେ ବ୍ୟାକୁଳ । ଗେଳ୍ଗୁ 'ବଜାରରେ ଗୃହୁଙ୍କ ଯେଉଁମାନଙ୍କର ପ୍ରାପ୍ୟ ସେମାନଙ୍କ ସମ୍ମୁଖ ତୁମେମାନେ କର ମର୍ଦ୍ଦନ କରି, ଦଲ୍ଲାଲବୃତ୍ତି ଯେଉଁମାନଙ୍କ ଉପଜୀବିକା ପେଶା, ସେମାନଙ୍କ ସମ୍ମୁଖ ହସି କଥା କୁହ । ପୋଲିସ ରାଜ୍ୟର ତୁମେମାନେ ଦ୍ୱାରପାଳ । ମିଛ ପ୍ରମାଣ ଥୋଇ, ସରକାରଠୁ ବାହାବା ଓ ନବାରେ ତୁମେ ସବୁ ଧରନ୍ଧର । ଯେଉଁମାନେ ଏ ସବୁ ପାଇଁ ବିପ୍ଳବ କରିବେ, ତୁମମାନଙ୍କ ଦୃଷ୍ଟିରେ ସେମାନେ କ୍ରିମିନାଲ ! **I hate your scandal sociely !** ଆଜି ଦେଶର ଅବସ୍ଥା ପାଇଁ ତୁମ ପରି ତୋଷାମୋଦକାରୀମାନେହିଁ ଦାୟୀ । ଯାହାଙ୍କୁ ଦସ୍ୟୁ ଆଖ୍ୟା ଦେଇ ଅଶ୍ଳୀଳ ଇଙ୍ଗିତରେ ଶାସନ କରିବାକୁ ବସିଚ, ସେମାନଙ୍କଠାରୁ ଯଥେଷ୍ଟ ନୀଚ ତୁମେମାନେ । ଭବିଷ୍ୟତ ଏ ସବୁର ନିଶ୍ଚୟ ବିଚାର କରିବ…

**Too socialistic !**

ଫଣିମାର ଶତସହସ୍ର ହାତ କ୍ତ ଫଣାଘାତରେ ଅବିନାଶଙ୍କ ମନ କ୍ଷତବିକ୍ଷତ ହୋଇଥିଲେ ହେଁ ଏତିକ ଟିପଣୀ ଦେବାକୁ ସେ ଭୁଲିଲେ ନାହିଁ । ଏତିକିବେଳେ ବ ଦ୍ୱାରେ ବାହାର ପ ଦଶବ ଶୁଣି ବସୁନ୍ଧରା ପ୍ରି କାଶି ଭିତରକୁ ଆସିବା ପାଇଁ ଇଙ୍ଗିତ ଦେବା ମତେ ଅବିନାଶ ତା ଆଡ଼କୁ ଅନାଇଲେ । ପାର୍ଶ୍ୱବରଟି ନାରକରେ କଣ ବନ୍ଧ ନିଷ୍କ୍ରାନ୍ତ ହେବାକୁ ଯୁବତୀଟି ସାମାନ୍ୟ ହସ କହିଲେ, ଗୋଟାଏ ସୁସମ୍ବାଦ ଅବିନାଶ ବାବୁ ! ତମର ପୂଜ୍ୟ, ଦେବୋପମ ସନ୍ତ ଜ୍ଞ ରଜନୀକାନ୍ତ ମହାନ୍ତି ଆମ ନିମନ୍ତ୍ରଣ ରକ୍ଷା କରିଛନ୍ତି ।

ଅବିନାଶ ଅସ୍ପୁଷ୍ଟିରେ ଯୁବତୀଟିକୁ ଅନେଇ ରହିଲେ ।

ଅଧଘଣ୍ଟା ଭିତରେ ରଜନୀବାବୁଙ୍କ ମୁଖ ନିଃସୃତ ବୟାନ ତମେ ଶୁଣି ପାରିବ ମି. ମାନସିଂ ! କିନ୍ତୁ ଦେଖ ବନ୍ଧୁ, ଆମ ଶୃଙ୍ଖଳାରେ ଟିକିଏ ହେଲେ ବ୍ୟତିକ୍ରମ ଘଟିଲେ ଶାସ୍ତିପାଇଁ ପ୍ରସ୍ତୁତ ଥିବ ବୋଲି ଆଶାକରେ···

ଏଥରକ ବିଦାୟ ବନ୍ଧୁ ! ଏ ବୋଧେ ଶେଷ ଦେଖା ! ତମ ସଭ୍ୟ ଦୁନିଆର ଆଲୋକିତ ରାଜପଥ ଉପରେ ଯଦି ପୁଣି କେବେ ଦେଖା ହୁଏ, ଭୁଲିଯିବ ନାହିଁ । ମଣିବନ୍ଧକୁ ମୋର ଆନ୍ତରିକ ଶୁଭେଚ୍ଛା—ଗୁଡ୍ ବାଇ !!

ଅବିନାଶ ଗୃହୁଁ ଗୃହୁଁ ରହସ୍ୟମୟୀଟି ତା ଦୃଷ୍ଟି ପଥରୁ ଅନ୍ତର୍ହିତ ହୋଇଗଲେ । ସାଙ୍ଗେ ସାଙ୍ଗେ ଘରର ସୁଦୃଢ଼ କବାଟଟି ବନ୍ଦ ହୋଇଗଲା । ମହମ ବତୀଟି ଜଳି ଜଳି ଶେଷ ହେଉଥାଏ ।

ରଜନୀବାବୁଙ୍କ ଆଖିରୁ କଳା କନାର ପଟିଟି ଖୋଲି ନିଆ ହେବା ପରେ ସେ ଦେଖିବାକୁ ପାଇଲେ ଏକ ବିଶିଷ୍ଟ ନାରୀ ମୂର୍ତ୍ତି ସୁଠ୍ ପିନ୍ଧି ଛିଡ଼ା ହୋଇଚି । ଏ ମୂର୍ତ୍ତି ସହିତ ସେ ପୂର୍ବ ପରିଚିତ । ମହମବତୀର କ୍ଷୀଣ ଆଲୋକ

ସିଧା ପ୍ରଶସ୍ତ ରାସ୍ତାଟିକୁ ଯଥେଷ୍ଟ ପରିମାଣରେ ଆଲୋକିତ କରିଛି । ରାସ୍ତାଟିର ଦୁଇ ପାର୍ଶ୍ୱରେ ଦୁଇଟି ଅନୁଚର ଦଳପତିଙ୍କ ହୁକୁମ ଅପେକ୍ଷାରେ ସବୁବେଳେ ସଜାଗ । ରଜନୀବାବୁ ଏକ ଚେୟାର ଉପରେ ବସି ନିସ୍ତବ୍ଧ ଭାବରେ ପରିସ୍ଥିତିକୁ ଲକ୍ଷ୍ୟ କରୁଥାନ୍ତି ।

ଅଭିବାଦନ ଜଣାଉଛୁ ରଜନୀବାବୁ ! ସ୍ୱଦେଶ ଓ ବିଦେଶର ବିଶିଷ୍ଟ ବ୍ୟବସାୟୀ ଭାବରେ ଖ୍ୟାତି ଅର୍ଜନ କରିଥିବା ରଜନୀକାନ୍ତ ମହାନ୍ତିଙ୍କୁ ଏ ସଙ୍ଘର ଦଳର ନେତା ଭାବରେ ପ୍ରଥମେ ଅଭିବାଦନ ଜଣାଉଛି ।

ହଁ, ଆଗେ କେତେଟି ଜରୁରୀ ପ୍ରଶ୍ନର ସମାଧାନ ହେଲା ପରେ ଅନ୍ୟ ବିଷୟ ଆଲୋଚନା କରାଯିବ । ଆମ ପଛରେ ଗୁଇନ୍ଦା ଲଗେଇବା ମୂଳରେ ଆପଣଙ୍କର କ'ଣ ଉଦ୍ଦେଶ୍ୟ ରହିଛି ?

ରଜନୀ ବାବୁଙ୍କୁ ନୀରବ ରହିବା ଦେଖି ନେତା ଏକ ଅଟ୍ଟହାସ୍ୟ ହସି ପୁଣି କହିଲେ, ଚୁପ ରହିଲେ ଚଳିବନି ମି: ମହାନ୍ତି । ଭଦ୍ରଭାବରେ କଥାର ଉତ୍ତର ନ ମିଳିଲେ ଅଭଦ୍ର ପନ୍ଥାର ଆଶ୍ରୟ ନେବାକୁ ବାଧ ହେବୁ··· ଅଳ୍ପ ନିକଟରେ ଆପଣଙ୍କର ଯେଉଁ ହୀରା ହାର ଓ ତାଠୁ ବଳି ମୂଲ୍ୟବାନ ହୀରକ ଲକେଟ ଗଲା ତାକୁ କିଏ ନେଇଛି ?

ମତେ ଏପରି ଜେରା କରିବା ମାନେ ? ରଜନୀବାବୁ ପୂର୍ଣ୍ଣ ନିର୍ଭୀକ ଭାବରେ ପ୍ରଶ୍ନକର୍ତ୍ତାଙ୍କ ମୁହଁକୁ ଅନେଇ କହିଲେ ।

ଆଉ ଜେରା କରୁଛି ମି ମହାନ୍ତି ! ଆମର ଯେତେକ ତଥ୍ୟ ଆବଶ୍ୟକ ସେତିକି ଆପଣଙ୍କଠୁ ଯେ କୌଣସି ମତେ ଆଦାୟ କରିବାକୁ ଆମେ ବଦ୍ଧ-ପରିକର । ଆମେ ଜାଣୁ ଆମର ସନ୍ଦେହ ବିଷୟଗୁଡ଼ିକର ଯଥାର୍ଥ ଉତ୍ତର ଅନ୍ୟ କାହାଠାରୁ ମିଳି ପାରିବନି । ଏଣୁ ସଭାସ୍ଥଳୀରେ ଆପଣଙ୍କୁ ନିମନ୍ତ୍ରଣ କରିଛୁ । ହଁ ବୁଝନ୍ତୁ, ମୋ ହାତରେ ସମୟ ଖୁବ୍ ଅଳ୍ପ !

ଚୋର କିଏ ମୁଁ ଜାଣିଥିଲେ ପୋଲିସକୁ ଖବର ଦେବା ଦରକାର ପଡ଼ ନଥାନ୍ତା—

ଦେଖନ୍ତୁ ପ୍ରଥମ ଓ୍ୱାରନିଂ ଆପଣଙ୍କୁ ଦେଉଛି । ମୋ ପ୍ରଶ୍ନର ସିଧା ଉତ୍ତର ନ ଦେଇ ଯଦିଏ ଏ ପ୍ରଶ୍ନ ସେ ପାଶ କଲେ ଏ ଗୃହକର ସଦ୍ବ୍ୟବହାର କରିବାକୁ ମୁଁ କୁଣ୍ଠିତ ହେବିନି । କହନ୍ତୁ କିଏ ସେ ସ୍ତୁର୍ ?

ମୁଁ କହୁଛି...ମୁଁ...

Shut up you liar...ରଜନୀବାବୁଙ୍କ ଦେହ ସ୍ପର୍ଶ କରି ବଜ୍ରର ବେଗରେ ଗୃହକର୍ତ୍ତା ଗର୍ଜ୍ଜନ କରି ଉଠିଲେ । ରଜନୀବାବୁ କାର୍ଯ୍ୟଟି ପୂରଣ କରି ନ ପାରି ଭୟରେ ଶିହରି ଉଠିଲେ ।

ଏ ଏକାନ୍ତସରେ ଶାନ୍ତି ସାଙ୍ଗେ ସାଙ୍ଗେ ଭାଙ୍ଗିବ ବୁଝି ହୁଏ, ଏ କଥା ସେପରି ଗିଲକ୍ରିଷ୍ଟ ଏଣ୍ଡ କୋ: ପ୍ରୋପାଇଟରଙ୍କର ମନେ ବୁଝେ...ବଟିକା କିଏ ?

ମୋର ପରିଚିତ ବନ୍ଧୁମାନଙ୍କ ଭିତରୁ ଜଣେ...

ମୁଁ ବିଶ୍ୱସ୍ତସୂତ୍ରରୁ ଖବର ପାଇଛି ଯେ ଆପଣ ତାକୁ ଚୋରି ଅପରାଧରେ ଅଭିଯୁକ୍ତ କରିବାକୁ ଚାହାନ୍ତି—

ନା, ମୁଁ କେବଳ ତାକୁ ସନ୍ଦେହ କରିଥିଲି—

ପୋଲିସ ଆଗରେ ତା ନାଁ ପ୍ରକାଶ ନ କରିବା ମାନେ ?

ରଜନୀବାବୁ ନୀରବ ।

ଦେଖନ୍ତୁ, ଆପଣଙ୍କ ନୀରବତା ମାନେ ଆପଣଙ୍କ ଅଜ୍ଞତା ନୁହେଁ । ବାଧ୍ୟ ହୋଇ ଆମେ ଧରିନେବୁ ଯେ ସେଗୁଡ଼ିକୁ ଆପଣ ସମର୍ଥନ କରୁଛନ୍ତି ।

ରଜନୀବାବୁ ପ୍ରଶ୍ନିକ ଦୃଷ୍ଟିରେ ଅନେଇଲେ !

ବେଶ, ବସିନକୁ ଆପଣ ସନ୍ଦେହ କରନ୍ତି । ଯାହାର ନିଶ୍ଚୟ ଗୋଟାଏ ମଜବୁତ କାରଣ ଥିବ, ଯାହାକୁ Strong back ground ଆଖ୍ୟା ଦିଆ ଯାଇପାରେ । ଚୋରି ଯାଇଥିବା ହାର ସହିତ ବସିନର କୌଣସି ସ୍ୱାର୍ଥ ଅଛି କି ?

ସେ ହାର ମୋର ନୁହେଁ—

କାହାର ?

ମୋର ଜଣେ ଆତ୍ମୀୟର—

ବିପିନ ସେ ଆତ୍ମୀୟ ନୁହନ୍ତି ତ ?

ରଜନୀବାବୁ ମଥା ଟେକି ଅନେଇ କହିଲେ, ନା —

ତେବେ ବିପିନ ସେ ଆତ୍ମୀୟଙ୍କୁ ନିଶ୍ଚୟ ଚିହ୍ନନ୍ତି ?

ହଁ ।

ଓହୋ ! ସେଇଥିପାଇଁ ଆପଣଙ୍କର ସନ୍ଦେହ ଯେ ବିପିନ ସେ ଉଇଲ ହରଣଚୁରି କରି ପାରିଥାଏ । କିନ୍ତୁ ସ୍ୱାର୍ଥ ତା'ର ନେଇ କପର ? ଆପଣ ନୁହନ୍ତି ବିପିନ ଛଡ଼ା ସେ ଗୁପ୍ତ ଆଲମିରା କଥା କେହି ଜାଣି ନଥିଲେ ?

ରଜନୀବାବୁ ଆଶ୍ଚର୍ଯ୍ୟରେ ଅନେଇଲେ ତରୁଣୀଟି ମୁହଁକୁ ।

ଆଶ୍ଚର୍ଯ୍ୟ ହେବାର ଯଥେଷ୍ଟ କାରଣ ଅଛି ମିଃ ମହାନ୍ତି । ଏଇଟା ତ ପ୍ରଥମ ଷଟ । ବିପିନର ବୟାନ ମଧ୍ୟ ଆମ ପାଖରେ ରହିଛି । ସେଗୁଡ଼ିକ ଯଦି ଆପଣଙ୍କ ବୟାନ ସହିତ ନ ମିଳେ ତେବେ ସବୁଦିନ ପାଇଁ ହୁଏତ ଏଇଠି ଏମିତି ଅପଣଙ୍କୁ ବସି ରହିବାକୁ ହେଇପାରେ···

ଯାହାହେଉ, ଆମେ ଯେତେ ଦୂର ଜାଣୁ, ବିପିନ ଆପଣଙ୍କର ବିଶିଷ୍ଟ ବନ୍ଧୁ, ଉପଦେଷ୍ଟା ଆଉ ପରଧନ ଆତ୍ମସାତ୍ କରିବା ଷଡ଼ଯନ୍ତ୍ରର ସହକାରୀ । ଏଇ ବିପିନଙ୍କୁ ଅଜି ଆମର ଆଲୋଚ୍ୟ ବିଷୟ । ବିପିନବାବୁଙ୍କର ବୟାନରୁ ଆମେ ଜାଣିବାକୁ ପାଇଛୁ ନରେନ୍ଦ୍ର ରାୟ ନାମକ ଏକ ଶିଳ୍ପପତି ତା ଝିଅ ନାଁରେ ସେ ଉଇଲ କରି ଦେଇଥିଲେ, ସତ କି ?

ରଜନୀବାବୁ ନୀରବ ।

ନରେନ୍ଦ୍ର ରାୟଙ୍କୁ ଆପଣ ନିଶ୍ଚୟ ଜାଣନ୍ତି ?

ହଁ ।

ସେ ନିଜେ ଆପଣଙ୍କ ପାଖେ ସେ ଉଇଲ ରଖିଥିଲେ ?

ହଁ ।

ମିଥ୍ୟା କହି ଏଠୁ କେହି କେବେ ଖସି ପାଇନି ! ଆଖିରେ ନେଳୀ ଚଶମା ନ ଥିଲେ ସ୍ପଷ୍ଟ ଜଣା ପଡ଼ିଥାନ୍ତା ତରୁଣୀଟିର ହିଂସ୍ର ଦୃଷ୍ଟି ସ୍ୱରରେ କପଟ ଜାଲ ଛଟିଛି ।

ନରେନ୍ଦ୍ର ଏବେ ଜୀବିତ କି ନାହିଁ ?

ସେ ମଲାଣି ।

ସେ ଉଇଲର ଉତ୍ତରାଧିକାରୀ ତା ଝିଅ ଅଛି କି ନାହିଁ ?

ନାଁ ।

ଚମତ୍କାର ! ନରେନ୍ଦ୍ର ଆଉ ତା ଝିଅକୁ ଜୀବନରେ ଶେଷ କରି ଉଇଲସ୍ଥ ସବୁ ସମ୍ପତ୍ତିକୁ ମାରି ନେବାର ବେଶ୍ କୌଶଳ ଖଞ୍ଜିଛ ! ଆଉ ଏ ସବୁର ମଧ୍ୟସ୍ଥି ହେଉଛ ବିପିନ !

ଆଚ୍ଛା...ବିପିନ ଆପଣଙ୍କୁ ଉଚ୍ଛନ୍ନ କରିବାକୁ କାହିଁକି ବସିଛି ?

ମୋ ବ୍ୟବସାୟ ସମ୍ବନ୍ଧ ସେ ସନ୍ଦିଗ୍ଧ । ଗୋଟାଏ ଟର୍ମିସରେ ସେ ରାଜି ନହେବାରୁ ମୋ ବିରୁଦ୍ଧରେ ସେ କାରସାଦି କରୁଛି ।

ସେ ଟର୍ମିସ ଅମଳୁ ଜଣା । ନରେନ୍ଦ୍ରକୁ ସର୍ବସ୍ୱାନ୍ତ କରିବାରେ ସାହାଯ୍ୟ କରିଥିବାରୁ ତାର ଯାହା ପ୍ରାପ୍ୟ, ତାଙ୍କୁ ନଦେଇ ସବୁ ପେଟରେ ପକେଇଛ । ସେଇଥିପାଇଁ—ଅଚ୍ଛା, ସେ ଉଇଲର ଆଉ କେହି ଉତ୍ତରାଧିକାରୀ ଅଛନ୍ତି କି ?"

ନା—

ବିପିନ କାହିଁକି ସେ ଉଇଲ ନେବାକୁ ବସିଥିଲା ?

ମୁଁ ଜାଣେନା—

ସୁତ୍ରଜ୍ଞତ !

ପଲକ ମାତ୍ରେ ଏକ ବଳିଷ୍ଠ ଯୁବକ ଆସି ହାତରେ ବନ୍ଧୁକଟାଏ ଧରି ଛିଡ଼ା ହେଲା ।

ଏଥରକ କହନ୍ତୁ ମି. ମହାନ୍ତି ! ୧୨୧ । ୧-ଏ, ମ୍ୟାଙ୍ଗୋଲେନ୍, କଲିକତାରେ ଆପଣଙ୍କ କେହି ରହନ୍ତି କି ?

ହଁ, ମୋର ଜଣେ ଆତ୍ମୀୟ ।

କଲିକତାସ୍ଥ ଆପଣଙ୍କ ବାସଭବନରେ ତାଙ୍କୁ ନରଖି ଦୂରରେ ରଖିବା ମନେ ?

ତାଙ୍କୁ ସାମାନ୍ୟ କିଛି ଖର୍ଚ୍ଚ ଯୋଗାଇବା ଛଡ଼ା ତା ସହିତ ମୋର କୌଣସି ସମ୍ବନ୍ଧ ନଥାଏ ।

ତା ନାଁ ?

ସରଳା ।

ସେ ନରେନ୍ଦ୍ରବାବୁଙ୍କ ସ୍ତ୍ରୀ ହୋଇ ପାରନ୍ତି କି ?

ନା—

ଲେକମାନେ ସୁରଜିତ୍ ଚମକି ଯାଇ ଚାବୁକ ପ୍ରହାର କଲା । ରଜନୀ ମହାନ୍ତି ଯନ୍ତ୍ରଣାରେ ଚିତ୍କାର କରି ଉଠିଲା ।

ବଦମାସ୍ । ସଭ୍ୟ ସମାଜର ତମେମାନେ ସମ୍ଭ୍ରାନ୍ତ ଭଦ୍ରଲୋକ । ହା-ହା- ହା- ନରକର କୀଟ ତମେମାନେ··· ତମକୁ ସବୁ ଜବଦ୍ କରିବା ପାଇଁ ଦେଶର ଚାରିଆଡ଼େ ଏଇପରି ଦଳ ତିଆରି କରିବାକୁ ହେବ । ନରେନ୍ଦ୍ରର ସ୍ତ୍ରୀକୁ କୌଣସି ଏକ ଅପରିଚ୍ଛନ୍ନ ଗଳିରେ ବନ୍ଦୀ କରି, କୌଶଳରେ ସାରା ହାର ତାଠୁ ମାରି ଆଣି ତା ମିଲ୍‌ର ଏକଚ୍ଛତ୍ର ମାଲିକ ହେବାର ଯେଉଁ ଅଭିଳାଷ, ତା ଆଉ ବେଶି ଦିନ ନୁହେଁ । ସୁରଜିତ୍ ! ସବୁ କାଗଜ ପ୍ରସ୍ତୁତ କରିଚ ?

ସୁରଜିତ୍ କକ୍ଷାନ୍ତର ହୋଇ ଏକ ଫାଇଲ ସହ ପୁଣି ପ୍ରବେଶ କଲା ।

ଆପଣଙ୍କୁ କଷ୍ଟ ଦେଇ ଆପଣଙ୍କ କୋମଳ ଅଙ୍ଗରେ ଚାବୁକର ଚୁମ୍ବନ ଦେବାକୁ ଚାହୁଁନା । ଏ ଷ୍ଟେଟମେଣ୍ଟଟି ପଢ଼ି ଯା' ତଳେ ସୁନା ପୁଅ ପରି ଦସ୍ତଖତ କରିଦେବା ପରେ ଆପଣଙ୍କୁ ନିର୍ବିଘ୍ନରେ ବ୍ରହ୍ମପୁରରେ ପହଞ୍ଚାଇ ଦିଆଯିବ ।

ସୁରଜିତ ଫାଇଲଟି ନେଇ ରଜନୀବାବୁଙ୍କ ଆଗରେ ରଖିଲା । ରଜନୀ ବାବୁ ପଢୁ ପଢୁ ତାଙ୍କ ମୁହଁରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଗଲା । ଭୟରେ ସେ ଚିତ୍କାର କରି କହିଲେ—

ନା-ନା- ଏସବୁ ମିଛ—ଏସବୁ ମିଛ—

ହା-ହା-ହା- ମିଛ ? ଏପଣି ଯା'ହା ସବୁ ବୟାନ ଦେଇଚ ଅବିକଳ ତାର ନକଲ ଟେପ୍ରେକର୍ଡରେ ସାହେବ । ଆପଣଙ୍କ ଆଗରେ ଏପଣି ହୁଇଟି

ପନ୍ଥା । ପ୍ରଥମଟି ହେଉଛି ଏଥିରେ ଦସ୍ତଖତ କରିବା ପରେ ଆପଣଙ୍କୁ ମୁକ୍ତ ଦିଆଯିବ । ଦ୍ୱିତୀୟରେ ଦସ୍ତଖତ ନକଲେ ଚିରଦିନ ବନ୍ଦୀ ହୋଇ ରହିବ—

ହଠାତ୍ ଗୋଟିଏ ପ୍ରହରୀ ଆସି କହିଲା, ମା ! ଶତ୍ରୁ ପଳେଇଛି ।

ଏଁ ! ତମେ ସବୁ କଣ କରୁଚ ? ସୁରଜିତ, ଦେଖ ବନ୍ଦୀ ଯେପରି ପଳେଇ ନପାରେ—

ସୁରଜିତ ତତ୍‌କ୍ଷଣାତ ପାଖ ରୁମ୍‌କୁ ଆସି ଦେଖିଲା, ପ୍ରକୃତରେ ବନ୍ଦୀ ପଳେଇଛି । କିନ୍ତୁ ରୁମ୍‌ପାଖେ କେଉଁଠି ହେଲେ ରାସ୍ତା ନାହିଁ ଯେ ଖିଡ଼କି ଡ଼ିଙ୍ଗି ପଳେଇବା ମଧ୍ୟ ସହଜ ନୁହେଁ । ସେ ଉପରକୁ ଅନେଇ ଦେଲା ମାତ୍ରେ ଦେଖିଲା ଭେଣ୍ଟିଲେଟର କାଚଟି ଭଙ୍ଗା ହୋଇଛି । ଭେଣ୍ଟିଲେଟର ବାଟେ ବାହାରିଗଲେ ସହଜେ ଛାତ ଉପରକୁ ଯାଇ ହେବ । ସୁରଜିତ ରୁମ୍ ଭିତରୁ ବାହାରି ଆସି ଛାତ ଉପରକୁ ଆସିଲା । ଦୁଇଜଣ ଅନୁଚରଙ୍କୁ ଉଭୟ କାଳୁ ପାଖେ ରଖିଦେଇ ଦସ୍ୟୁରମଣୀଟି ମଧ୍ୟ ସୁରଜିତ ପଛେ ପଛେ ଆସିଲେ ।

ପ୍ରକାଣ୍ଡ କୋଠାର ଛାତ ଓ ଭଙ୍ଗା ରୁମ୍‌ଗୁଡ଼ିକ ତନ୍ନ ତନ୍ନ ଖୋଜି କୌଣସିଠାରେ ଅବିନାଶକୁ ନପାଇ ନୁହେଁ ଫେରି ଆସୁ ଆସୁ ହଠାତ୍ ସୁରଜିତର ଦୃଷ୍ଟି ଟାଣିହୋଇଗଲା ଅଦୂରସ୍ଥ ଗଛ ମୂଳ ତଳକୁ । ଗଛ ମୂଳ ତଳେ ସୁରଜିତ ସ୍ପଷ୍ଟ ଦେଖିଲା ଗୋଟିଏ ଛାଇ ଯେପରି କ୍ରମେ କ୍ରମେ ଅପସରି ଯାଉଛି ।

ସୁରଜିତ ପିସ୍ତଲ ଉଠେଇ ଲକ୍ଷ୍ୟ ଠିକ୍ କରୁ କରୁ ଦସ୍ୟୁରମଣୀ ପଛ ପଟୁ ଆସି ସୁରଜିତ ହାତକୁ ଧରି ପକେଇ କହିଲା, ନା, ତାକୁ ମାରି ଆମର କୌଣସି ଲାଭ ହେବ ନାହିଁ ।

କିନ୍ତୁ ସେ ଯେ ସାଙ୍ଗେ ସାଙ୍ଗେ ପୋଲିସକୁ ଖବର ଦେବ—

ତା ଆଗରୁ ଆମକୁ ଏଠୁ ଚାଲିଯିବାକୁ ହେବ । ମୁଁ ଅଳ୍ପ ବାହାରକୁ ଯାଉଛି । ତମେ ସବୁ ପ୍ରସ୍ତୁତ ହୋଇଯାଅ···କହି ଛାତରୁ ଆସ୍ତେ ଆସ୍ତେ ଓହ୍ଲେଇ ଆସିଲେ ରହସ୍ୟମୟୀ ନାରୀଟି । ସୁରଜିତ କିନ୍ତୁ ରହି ନପାରି ଅନ୍ଧାରରେ ଅନୁଧାବନ କଲା ।

ସୁରଞ୍ଜନର ଅନୁମାନ ଅନୁଯାୟୀ ସେଇ ରାତିର ଶେଷ ପ୍ରହରରେ ପୋଲିସ ଆସି ଗୋପାଳପୁରର ସେ ଅଡ୍ଡା ସ୍ଥାନଟି ଘେରାଉ କଲେ । ପଣ୍ଡିତଙ୍କୁ, ଜୀର୍ଣ୍ଣ ପ୍ରାସାଦଟିର ଉପର ମହଲାର ଏକ ରୁମ୍‌ରେ ଶୃଙ୍ଖଳିତ ଅବସ୍ଥାରେ ରଞ୍ଜନ ବାବୁଙ୍କ ଛଡ଼ା ଆଉ କାହାରିକୁ ପାଇଲା ନାହିଁ ପୋଲିସ ।

ଠିକ୍ ସେଇ ଭୋରରେ ବ୍ରହ୍ମପୁରର ହିଲଷ୍ଟ୍ରୀ ଏଣ୍ଡ କୋ: ଫାଟକ ଭିତରେ ଏକ ହୃଷ୍ଟପୁଷ୍ଟ ଶରୀର ବିଶିଷ୍ଟ ଗୋଟିଏ ସୁଟ୍ ପିନ୍ଧା ଲୋକ ପ୍ରବେଶ କଲା । ବାରଣ୍ଡା ଉପରକୁ ଉଠିବା ପୂର୍ବରୁ ଦରୁଆନଟି ଆସି ପଚାରିବାରୁ ସେ ତାଠୁ କ'ଣ ବୁଝି ଫେରି ଆସିଲା । ତା'ପରେ ମେନ୍ ରୋଡ଼ରୁ ଝଟକାଟିଏ କରି ଷ୍ଟେସନ ଅଭିମୁଖେ ଆସିଲା । ଷ୍ଟେସନ ନିକଟରେ ଥିବା 'ସାଗ୍ରଡ଼ାଇଭ୍' ହୋଟେଲରେ ପ୍ରବେଶ କରିବା ପର୍ଯ୍ୟନ୍ତ ଆଉ ଗୋଟିଏ ଝଟକାରେ ତାକୁ ସିଏ ଅନୁସରଣ କରୁଥିଲା, ଭଦ୍ରଲୋକଟି ହୋଟେଲ ଭିତରେ ଅଦୃଶ୍ୟ ହୋଇଯିବା ପରେ ଅନୁଗାମୀଟି ଫେରି ଆସିଲା । ସେ କେହି ନୁହେଁ—ସେ ଆମ ପରିଚିତ ବିପିନ ପଟ୍ଟନାୟକ ।

ଦିବା ଭୋଜନ ପରେ ପୁଣି ଯାଇଁ ବିପିନ ଯେତେବେଳେ ସେହି ହୋଟେଲରେ ଉକ୍ତ ଲୋକଟିର ସନ୍ଧାନ ନେଲା, ସେ ତା ରୁମ୍‌ରେହିଁ ଥିଲା । ହୋଟେଲ ରେଜିଷ୍ଟରରେ ସେ ତା ନାଁ ଲେଖେଇଛି ଶ୍ରୀଚରଣ ସିଂ । ତାକୁ କେହି ଦେଖା କରିବ ଶୁଣି ପ୍ରଥମେ ସେ ଆଶ୍ଚର୍ଯ୍ୟ ହେଲା । ତାପରେ ବାହାରକୁ ଆସି ଯେତେବେଳେ ବିପିନକୁ ପ୍ରତ୍ୟକ୍ଷ ଦେଖିଲା ତା ଆଶଙ୍କା କେତେକାଂଶରେ କଟିଗଲା । ପାଖକୁ ଆସି ପଚାରିଲା, ମତେ ଚାହୁଁଛନ୍ତି ?

ଆଜ୍ଞା !

ଆପଣଙ୍କ ପରିଚୟ ଜାଣି ପାରେ କି ?

ମତେ ଜଣେ ଅଚେନା ବନ୍ଧୁ ଭାବରେ ଗ୍ରହଣ କରି ପାରନ୍ତି, I may be of some service to you—

ତେବେ ଆସନ୍ତୁ ଭିତରକୁ ।

ରୁମ୍ ଭିତରେ ବିପିନ ପଶିବା ପରେ ଭଦ୍ରଲୋକଟି କବାଟ ବନ୍ଦ କରିଦେଇ ନିକଟସ୍ଥ ଚଉକିରେ ଆସି ବସିଲେ ।

କହନ୍ତୁ, କି ପ୍ରକାର ସାହାଯ୍ୟ ମତେ କରିପାରନ୍ତି ?

ଦେଖନ୍ତୁ, ମୋ ଦୃଷ୍ଟିଶକ୍ତିରେ ଯଦି କୌଣସି ପ୍ରକାର ଗୋଳମାଳ ନଥାଏ, ମୋ ଅବଧାରଣା ପ୍ରାୟ ଠିକ୍ । ଆଉ ମୋର ପୂର୍ଣ୍ଣବିଶ୍ୱାସ ମୋ ଦୃଷ୍ଟି cent percent correct !

ଓଃ, ବିଷୟଟା କୁହନ୍ତୁ...ଅଗାଧ ବିସ୍ମୟରେ ଭଦ୍ରଲୋକଟି ବିପିନ ମୁହଁକୁ ଅନେଇ ରହିଲେ ।

ସତ କହିଲେ ଆପଣ କିଏ ମୁଁ ଏପର୍ଯ୍ୟନ୍ତ ଜାଣିନି । ତେବେ ଆପଣ ଯେ ରଞ୍ଜନ ବାବୁଙ୍କ ବ୍ୟବସାୟ ସମ୍ପର୍କରେ interested—

ମାନୁଛି, କିନ୍ତୁ...

ଆପଣ ପଚାରି ପାରନ୍ତି ମୁଁ ଏ ସବୁ କିପରି ଜାଣିଲି ? ଟିକେ ରହି ପୁଣି କହିଲା ବିପିନ, ଆଜି ବଡ଼ି ଭୋରୁ ଆପଣ ଷ୍ଟିଲଶ୍ରୀ ଏଣ୍ଡ କୋ: ଅଫିସ ଭିତରେ ପଶିଥିଲେ । ଆପଣ ନିଶ୍ଚୟ ରଞ୍ଜନ ବାବୁଙ୍କୁ ଦେଖା କରିବାକୁ ଆସିଥିଲେ, କିନ୍ତୁ ନପାଇ ହତାଶରେ ଫେରିଲେ । ମୁଁ ଆପଣଙ୍କୁ ହୋଟେଲ ପର୍ଯ୍ୟନ୍ତ ଅନୁସରଣ କରିଥିଲି ।

ଓହୋ...ବିଷୟଟି ବେଶ୍ ଇଣ୍ଟରେଷ୍ଟିଂ । କିନ୍ତୁ ଆପଣଙ୍କ ଅନୁମାନରେ ଟିକେ ଭୁଲ ରହିଗଲା । ମୋର ଉଦ୍ଦେଶ୍ୟ...ହଁ—ହଁ ତ, କଥାର ମୋଡ଼ ବଦଳାଇ ଭଦ୍ରଲୋକଟି କହିଲେ, ଯେତେବେଳେ ଆମ ଭିତରେ ଗୋଟାଏ ବନ୍ଧୁତ୍ୱର ସୂତ୍ରପାତ ହେଲାଣି, ସେତେବେଳେ କେହି କାହାକୁ ସନ୍ଦେହରେ ରଖିବା ଅନୁଚିତ । ଯଦି ଆପଣଙ୍କର କୌଣସି ସ୍ୱାର୍ଥ ଥାଏ—

ମୋର ମନେହୁଏ ଆମ ବ୍ୟବସାୟରେ ଆମେ ଦୁହେଁ ଧୂରନ୍ଧର । ଆମ ବ୍ୟବସାୟ ଏକେଇ ଧରଣର ହୋଇ ପାରିଥାଏ..ତାହା ହେଉ, କିନ୍ତୁ

ଆପଣ ଜାଣିବା ଉଚିତ ମୋ ବ୍ୟବସାୟ ହେଉଚି Sale of words. ଯାହାର କି ଗୋଟାଏ ନିର୍ଦ୍ଦିଷ୍ଟ ଅର୍ଥନୈତିକ ମୂଲ୍ୟ ଅଛି···

ବାସ୍ତବିକ ଆପଣ ବିଚକ୍ଷଣ ! ଆପଣଙ୍କ ବୁଦ୍ଧିର ବିନିଯୋଗ ହେଇ ପାରିଲେ ହୁଏତ ତାଠୁ ସୁନାର ଅଣ୍ଡା ଆମଦାନି ସମ୍ଭବ ହେଇ ପାରନ୍ତା । ବେଶ୍, ଆପଣଙ୍କ ସହିତରେ ରାଜି ହେବା ପୂର୍ବରୁ ଆପଣଙ୍କ ମୂଲ୍ୟ ଜାଣିବା ଉଚିତ—

ଆଗେ ଦେଖନ୍ତୁ ମୋର ଅନୁମାନ ଠିକ୍ କି ନୁହେଁ । ଯଦ୍ଦୃଷ୍ଟ ରଜନୀ ବାବୁ ଆପଣଙ୍କ ପ୍ରକୃତ ଲକ୍ଷ୍ୟ ନୁହେଁ, ଆସଲ ଲକ୍ଷ୍ୟ ହେଉଛି ଲେଡ଼ି ଟାଇପିଷ୍ଟ୍ ମଣିବାଲା, ଯିଏ କି କେତେଦିନ ହେବ ଛୁଟିରେ ଅଛି ।

ବର୍ତ୍ତମାନ ଆପଣ ନିର୍ବ୍ବାଲ—

ଏଥରକ ବୁଝନ୍ତୁ ଆପଣ କଣ ଚାହାନ୍ତି ? ବିପିନ ଟର୍ଯ୍ୟାକ ଗୃହାଣୀରେ ଉତ୍ତ୍ରେଳକଟିକୁ ଅନେଇ ରହିଲା ।

ମୋର ମନେହୁଏ ମଣିବାଲା ଉପରେ ଆପଣ ଗୋଟାଏ ସତର୍କ ଦୃଷ୍ଟି ରଖିଛନ୍ତି ।

**Really, you are an expert seller of otherman's secret—**

ଯାହା କହି ପାରନ୍ତି ! ପୋଲିସ ଏବଂ ଗୋଇନ୍ଦାଙ୍କ ସିକ୍ରେଟ୍ ଜାଣିବାରୁ ମତେ ମିନିଟିଏ ବି ଲାଗିବନି । ମୋର ତଥ୍ୟ ଆପଣଙ୍କୁ ଖୁବ୍ ସାହାଯ୍ୟ କରିବ । ଆପଣ ଜାଣନ୍ତି ବୋଧେ ଗୋଟାଏ ସ୍ମଗ୍ଲର ହାର ନିକଟରେ ରଜନୀ ବାବୁଙ୍କର ଯୋଗ ଯାଉଚି—

ଏଁ, ସ୍ମଗଲର ହା'ର ?

ହଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ରଜନୀବାବୁ ଜଣେ ଝୁଣ୍ଡା କୌଶଳୀ । ଅଜ ସକାଳୁ ଆପଣ ଅସିଲେ ପରର ଘଟଣାର ଖୁବ୍ ଡେଭ୍‌ଲପ ହେଉଚି । ରଜନୀବାବୁ କଲିକତାରୁ ଫେରି ଗୋପାଳପୁର ଗାଁ ଙ୍ଗ୍ ଜାଲରେ ପଡ଼ିଲେ । ଏଇ ଦଳଟି ସ୍ମାଗ୍ଲ ପ୍ରାଇଭେଟ୍ ଡିଟେକ୍ଟିଭ ମଧ୍ୟ ହନ୍ତସନ୍ତ ହେଉଥିଲେ । ଖୁବ୍ ଧୂର୍ତ୍ତ ସେମାନେ । ଗତ ରାତିରେ ପୋଲିସ

ତାଙ୍କ ଆଡ୍ଡା ସ୍ଥାନ ରେସ୍ତୁରାଁ ଭଳି ଅଡବଡ ଅବସ୍ଥାରେ ରଜଙ୍କ ବାବୁଙ୍କୁ ପାଇଲେ ।

ତାପରେ ?

ରଜଙ୍କବାବୁ ଅସୁସ୍ଥ । ପୋଲିସ ସେ ଦଳର ଗୋଟିଏ ଲୋକକୁ ଆରେଷ୍ଟ କରି ଦସ୍ୟୁଦଳ ବିଷୟରେ ଜାଣିବାକୁ ଚେଷ୍ଟାକରୁଛି ।

ଆଚ୍ଛା, ଆପଣ ତେବେ ଅନେକଗୁଡ଼ିଏ ଖବର ରଖିଛନ୍ତି । କିନ୍ତୁ ଏ ସବୁର ଫାଏଦା ଆପଣ ନ ଉଠେଇ କାହିଁକି ଯେ ଅଲଗା ରହୁଛନ୍ତି ବୁଝି ହେଉନି । ଆପଣଙ୍କ ଉପକାର ପାଇଁ ଅଶେଷ ଧନ୍ୟବାଦ । ହଁ ଆପଣଙ୍କ ମୂଲ୍ୟଟା ଯେ କହିଲେ ନାହିଁ ?

ବିପିନ କିଛି ନକହି ଟେବୁଲ ଉପରେ ପଡ଼ିଥିବା ପେନସିଲଟି ଉଠେଇ ଖଣ୍ଡେ କାଗଜ ଉପରେ ଚାରି ଅଙ୍କ ବିଶିଷ୍ଟ ଏକ ଅଙ୍କ ଲେଖିଦେଲା ।

ହୁଁ ଠିକ । ଠିକ ଆଠଟାରେ ଏ ପାର୍କ ପାଖରେ ଅପେକ୍ଷା କରିଥିବ ।

ଧନ୍ୟବାଦ କହି ବିପିନ ଉଠିଲା । ଦୁଆର ମୁହଁରୁ ଫେରି ଆସି ପୁଣି କହିଲା, ସବୁ ପେମେଣ୍ଟ ଯେପରି ଇନ୍ କ୍ୟାସ୍ ହୁଏ ମହାଶୟ ! ଏଇଟା ଭୁଲ କରୁନା !

ଆଚ୍ଛା, ଅଚ୍ଛା !

ବିପିନ ବାହାରି ଆସିବା ପରେ ଲୋକଟିର ନିର୍ଲିପ୍ତ ମୁହଁରେ କଠୋର ଏକ ଭୀଷଣ ହସ ଫୁଟି ମଉଳି ଗଲା ।

ସେଇ ସଂଧ୍ୟା ଆଠଟା । ନିର୍ଦ୍ଦିଷ୍ଟ ସ୍ଥାନରେ ବିପିନ ପହଞ୍ଚି ସେ ଲୋକଟିକୁ ଦେଖିଲେ । ପକେଟରୁ ଗୋଟିଏ ନୋଟ ବାହାର କରି କହିଲା, ଆପଣ ପ୍ରସ୍ତୁତ ହୋଇଛ ?

ସେ ବିଷୟରେ ମତେ ଆଉ ଶିଖେଇବାକୁ ହବନି ମହାଶୟ ! ଜାଣନ୍ତୁ, ଗଣି ଜାଣନ୍ତୁ । କହି ବଡ଼ାଏ ଗଦେ ହଙ୍କିଆ ନୋଟ ବିପିନ ହାତକୁ ବଢ଼େଇ ଦେଲ ।

ବିପିନ ଟିକେ ଇତଃସ୍ତତଃ ହେଇ ଗଣିସାର ହାତରେ ଧରିଥିବା କାଗଜଟି ବଢ଼େଇ ଦେଇ କହିଲ, ଜାଣନ୍ତୁ ମଣିବାଲ୍ଲର କଲିକତା ଠିକଣା । ଏଠି ତା ମା ମଧ୍ୟ ଅଛି ।

ମା ?

ହଁ, ସେ ଗୋଟିଏ ଇତିହାସ । ସେସବୁ ଆପଣଙ୍କ କାମରେ ଆସିବନି । କିନ୍ତୁ କ୍ଷମା କରିବେ, ପଚାରି ପାରେକି ମଣିବାଲ୍ଲ ସହିତ ଆପଣଙ୍କର କି ଧରଣର ସ୍ୱାର୍ଥ ?

ଆପଣ ଅଳ୍ପେ ଅଳ୍ପେ ସେ ସବୁ ଜାଣିବେ । କିନ୍ତୁ ଏ ଠିକଣାରେ ଯଦି ନ ପାଏ—

ନିଶ୍ଚୟ ପାଇବେ, ନଚେତ୍ ଫେରି ଆସିଲେ ରଜନୀ ବାବୁଙ୍କ ଅଫିସରେ ପାଇବେ । ଆଚ୍ଛା ନମସ୍କାର !

ଦୁହେଁ ବିଦାୟ ହେଇଯିବା ପରେ ଭଦ୍ରଲୋକଟି ହଠାତ୍ ଅଦୃଶ୍ୟ ହେଇ ଗଲ । ବିପିନ ଅନ୍ଧାର ଅତିକ୍ରମ କରି ମେନ୍ ରୋଡ଼ ଆଲୁଅକୁ ବାହାରିଯିବା ପୂର୍ବରୁ ପଛପଟୁ ଶକ୍ତ ଏକ ବଜ୍ରମୁଷ୍ଟି ଆସି ତା ମୁଣ୍ଡରେ ଆଘାତ କଲ । ସେଥିରେ ସେ ଜଗୃଡ଼ ହେଇ ତଳେ ପଡ଼ିଗଲ । ପରମୁହୂର୍ତ୍ତରେ ପକେଟରେ ହାତମାରି ଦେଖିଲ ନୋଟ ବିଡ଼ାଟି ଅଦୃଶ୍ୟ ହେଇ ଯାଇଛି ।

ଧୀରେ ଧୀରେ ଉଠି ପାଦେ ଆଗେଇଛି ଅଦୂରରେ ସେହି ହୋଟେଲ ଭିତରକୁ ପୋଲିସ ଇନ୍ସପେକ୍ଟର ଶ୍ରୀକାନ୍ତ ବାବୁଙ୍କୁ ପଶିବା ଦେଖି ପାର୍କ ପଛପଟ ରାସ୍ତାରେ ଛପି ଛପି ପଳେଇଲ ବିପିନ ପଟ୍ଟନାୟକ ।

କଲିକତାର ଏକ ଅଖ୍ୟାତ ଗଳି । ରେମନ ଷ୍ଟ୍ରିଟରୁ ସେଇ ଗଳିରେ କିଛିଦୂର ଗଲା ପରେ ଗୋଟିଏ ସୁଟ୍‌ପିନ୍ଧା ବଳିଷ୍ଠ ଲୋକ ଏକ ସାଧାରଣ ପକାଘର ଆଗରେ ଆସି ଛିଡ଼ା ହେଲା । ରାତରେ କଲିକତାର ରାସ୍ତାଗୁଡ଼ିକର କୋଳାହଳ କମି ଆସିବା ସଙ୍ଗେ ସଙ୍ଗେ ଗଳି ରାସ୍ତାଗୁଡ଼ିକ ନିସ୍ତବ୍ଧ ହୋଇଯାଇଛି । କିଛିକ୍ଷଣ ପରେ ଲୋକଟି ଘର ପଛପଟ ଅନ୍ଧାର ଭିତରେ ଅଦୃଶ୍ୟ ହୋଇଗଲା । କିନ୍ତୁ ପ୍ରାୟ ପନ୍ଦର କୋଡ଼ିଏ ମିନିଟ ପରେ ସେଇ ଘର ଭିତରୁ ଯେପରି ନାରୀ କଣ୍ଠର ଏକ କରୁଣ ଚିତ୍କାର ଶୁଣାଗଲା, ସେଥିରେ ଯେକୌଣସି ଲୋକ ଭୟଭୀତ ହେବା କଥା । ଚିତ୍କାର ପରେ ପରେ କର୍କଶ ଗଳାର ଏକ କ୍ଷୀଣ ଅଟ୍ଟହାସ ଘରର ସ୍ତବ୍ଧ ପରିବେଶକୁ ଆନ୍ଦୋଳିତ କରି ଗୁମୁରି ଉଠିଲା । ରୁମ୍ ଭିତରେ ବତୀ ଜଳିବା ପରେ ଦେଖାଗଲା ରୂପସୀ ଯୁବତୀଟିଏ ଶଯ୍ୟା ଧାରରେ ଉଠି ବସି ସମ୍ମୁଖସ୍ଥ ଦୁର୍ଦ୍ଧର୍ଷ ଲୋକଟିକୁ ଭୀତ-ସନ୍ତ୍ରସ୍ତ ଦୃଷ୍ଟିରେ ଅନେଇ ରହିଛି । ତାର ନିଦ୍ରାଳୁଳିତ ମୁହଁରେ ଆତଙ୍କର ଚିହ୍ନ ଫୁଟି ଉଠିଛି ।

ମିସ୍ ! ମତେ ଚିହ୍ନିବାରେ ବୋଧେ ଭୁଲ୍ କରୁନାହଁ ?

ଏଁ ତମେ ? ଖୁବ୍ ପରିଶ୍ରମ କରିଚ ଦେଖୁଚି—ଏ ଠିକଣା କିପରି ପାଇଲ ସର୍ଦ୍ଦାର ?

ବସ୍ତରକ୍ ତୁ ଗୋଟାଏ ଗୃହିଣୀ ସୃଷ୍ଟି କରିଚୁ, କିନ୍ତୁ ତୁ ମତେ ଧରେଇ ଯେଉଁ ସଂସାରର ଆୟୋଜନ କରି ସାରିଚୁ ତା ତୁ କରିପାରୁ, କିନ୍ତୁ ମୋର ପ୍ରତିଶୋଧ ଯେପରି ମିଳିଯାଏ—

ପାଉଣା ?

ଓହୋ ! ତୁମେ କହିବାକୁ ଦେବ ତା ହେଲେ ! ରଞ୍ଜନଠୁ ଯାହା ଲୁଟ କଲ, ତାର ଗନ୍ଧ ବି ମୁଁ ପାଇଲି ନାହିଁ । ସୁରଜିତକୁ ହାତ କରି ଖୁବ୍ ଝ ଏଡ଼ା ଉଠେଇଲ । ସେତେ ସ୍ୱାଧୀନତା ଦେଇଥିବା ଫଳରେ ମୁଁ ଆଜ ବେଶ ଶିକ୍ଷାଟାଏ ପାଇଲି । ତେବେ ତୁ ଯେତିକି ପଳେଇଚୁ

ଖେଳେଇଛୁ, ଆଉ ତତେ ଖେଳେଇବାକୁ ହେବନାହିଁ କି ମୁଁ ବି ଗୋଳେଇବାକୁ ଚାହେଁନା । ଏତେ ବର୍ଷର ଶିକ୍ଷା ଦୀକ୍ଷା ଏପରି ପଣ୍ଡ ହେଇଯିବ ଜାଣିଥିଲେ ଚଢ଼େଇ ଉଡ଼ିବା ପୂର୍ବରୁ ପକ୍ଷ ନଷ୍ଟ କରିଦ ଦେଇଥାନ୍ତି । ତେବେ କି କଣ ବୁଝେଇ କହିବାକୁ ହେବ ମୋ ଯାତଣାଟା କଣ ?

ଦେଖ ସର୍ଦ୍ଦାର ! ତମ ସହିତ ମୋର ଯେଉଁ ସମ୍ବନ୍ଧ, ତାହା ଏ ସଭ୍ୟ ଜଗତର ନୁହେଁ । ତମ ଦୟାରୁ ମୁଁ ଯେତେବେଳେ ମୋ ପୂର୍ବ ସ୍ଥାନକୁ ଫେରିଆସିବାକୁ ଚାହେଁ, ତମ ସହିତ ଗୋଟାଏ ଶେଷ ନିଷ୍ପତ୍ତି ମୁଁ କରିବି ରେ, କିନ୍ତୁ ତା ଏଠି ନୁହେଁ । ଦୟାକରି ଯାଞ୍ଚ କରନା । ଏଥିପାଇଁ ମତେ ଯେଉଁଠିକି ଡାକିବ ମୁଁ ଯାଇପାରେ—

ଚାବୁକ ଆଉ ଶିଖେଇବାକୁ ହେବନି ଟାସା ! ତୋ ବାପ ଭଉଣୀ କାଳରେ ତୁ ଯେ ଉତ୍ତମ ମହନ୍ତ ଅନୁଶାସନ ଭଙ୍ଗ କରିଥିବା ସମସ୍ତ ସମ୍ପତ୍ତି ଫେରି ଯାଉଛି ତା ଜାଣିବାକୁ ମୋର ଆଉ ବାକି ନାହିଁ । ତୋ ଇଙ୍ଗଲ୍ ଅଡ୍ଭାଇଜର୍ ମୁହଁରୁ ସବୁ ଶୁଣିଛି ମୁଁ—କିନ୍ତୁ ତୁ ଅସ୍ତ୍ରଧାରୀ ହେଇଥିବୁ ଏଠାକୁ ମୁଁ ଜାଣିଥିଲି, ନୁହେଁ ?

ମୁଁ ସମସ୍ତ ନଷ୍ଟ କରିବାକୁ ଚାହେଁନି । ତମେ କଣ ଚାହଁ ?

ରଙ୍ଗୀ ମହାନ୍ତର ଗୁପ୍ତ ଆଲମାରୀ ଭିତରେ ଥିବା ସ୍ୱର୍ଣ୍ଣ ହାରଟି ହେଲେ ମୁଁ ଚୁପ ରହିପାରେ—

ହୁଁ, ଚତୁର ବୁଦ୍ଧିମାନ ଲୋକମାନେ ବି ବେଳେବେଳେ ପାଗଳଙ୍କ ପରି କଥା କହନ୍ତି । ଜବୁଣୀର ଓଠରେ ବିଦ୍ରୂପର ହସ ।

କହକର ତୋ ଗୁଲବାଜି···ମୁଁ ପାଗଳ ? କାହିଁ ସେ ହାର ?

ତମେ ନିଶ୍ଚୟ ଖବର ପାଇଥିବ ଆଉ କାଗଜରେ ପଢ଼ିଥିବ ଯେ ସେଇଟି ତାଙ୍କ ପାଖରୁ ଚୋରି ହେଇ ଯାଇଛି । ପୁଣି ସେଇଟିକୁ ତାଙ୍କର କେଉଁ ଘନିଷ୍ଠ ବନ୍ଧୁ ଚୋରି କରିଛି—

ସେ ବନ୍ଧୁକ୍ ର ମୁଁ ଶକ୍ତ ଆଉ ଭାଙ୍ଗ୍, ପିଏ ନେଇଛ ସେ ସ୍ୱପ୍ନ ମୋ ଆଗରେ ଭଗ୍ନ ହୋଇଛ…ହା-ହା-ହା-ମିସ୍ ! ହୁସିଆର ! ତରୁଣ ଛନ୍ଦେ ହାତ ଦେବାକୁ ଚେଷ୍ଟା କଲେ…ପିସ୍ତଲଟିକୁ ହାତରେ ଜୋରର ଖେଳଇ ସର୍ଦ୍ଦାର ଗର୍ଜି ଉଠିଲ ।

ଦେଖ ସର୍ଦ୍ଦାର, ସେ ହାର ମୋ ପକେଟରେ ନାହିଁ । ଆଉ ସତ କହିବାକୁ ଗଲେ ମୋ ପାଖରେ କ୍ୟାସ୍ କିଛି ନାହିଁ । ମୁଁ ଯେତେବେ ଯାହା ଆଣିଛି, ସେ ସବୁ ବନ୍ୟା, ଡିସପେନ୍‌ସରି ଆଉ ଭୂମିହୀନମାନଙ୍କୁ ଦାନ କରି ଦେଇଛି । ଏ କଥା ତମେ ଭଲ ଭାବରେ ଜାଣ । ଜନ୍ମ ଜନ୍ମର ଉପକାର ମୁଁ ଜୀବନରେ ଭୁଲି ପାରିବିନି । ହିନ୍ଦୁ-ମୁସଲମାନ ଗୋଳମାଳ ବେଳେ ମୋ ବାପକୁ କୌଶଳରେ ଉଦ୍ଧାର କରି, ପୁଣି ତମମାନଙ୍କ ହାତରେ ରକ୍ଷା ମହାନ୍ତ ମଠରେ ଯେପରି ସମର୍ପଣ କରିଦେଲ, ସେ ଦୃଶ୍ୟ ଏବେ ବି ମୋ ଆଖି ଆଗରେ ସ୍ପଷ୍ଟ ଦେଖାଯାଉଛି । ଏ କେଉଁଠି ଗର୍ଭ ତମେ ମଠେ ଜନ୍ମ ପର ସାଲ ଆସିଛ । ଏଥିପାଇଁ ମୁଁ ତମ ପାଖରେ ଋଣୀ ।

ହେଉ ତଥା ! ହସାଉଛ ସ୍ୱାଦୁ ଆମେ ଜାଣେ ବୁଝିଛୁ । ସେ ସବୁ ଆମ ପାଖରେ ଜବା ପୁଷ୍ପ ପରି…ତା ପରେ ସେ ହଠାତ୍ ଗମ୍ଭୀର ହୋଇ କହିଲା, ଏ ଅଲମିରାର ଚାବି କାହିଁ ?

ଚାବି ?

ମୋ ଉଦ୍ଦେଶ୍ୟ ବୋଧେ ବୁଝି ପାରୁନ ।

ତରୁଣୀଟି ଝରକରେ ଚାବି ନେଇ ଅଲମିରା ଖୋଲି ଖୋଲି ଅଲମିରା ପାଖ ପୁଡ଼ିଆଟିକୁ କୌଶଳରେ ଅଫ୍ କରି ଦେଲା । ଅନ୍ଧାରରେ କେହି କାହାକୁ ଦେଖି ପାରେଲେ ନାହିଁ । ସର୍ଦ୍ଦାର ସେଇ ଅନ୍ଧାରରେ ତରୁଣୀଟିକୁ ଧରିବାକୁ ଚେଷ୍ଟା କରୁ କରୁ ସେ ଅନୁଭବ କଲା ନାୟକ ଛୁରିକାଟିଏ ତା ପିଠିକୁ ସ୍ପର୍ଶ କରୁଛି । ବାପରେ ଜେମାଲ ଭଳିର ସ୍ୱର ଶୁଣାଗଲା, ଏଥର ସର୍ଦ୍ଦାର ବୋଧେ ସିଧା ରାସ୍ତା ଦେଖିବେ । march on devil…ହୁସିଆର

ଖୋଜୁଅଛୁ ସର୍ଦ୍ଦାର, କିଏ ହଲଚଲ ହେଲେ ତମର ଗାଲ ଚିରିବ ଛୁରିକା ତମ ବୁକୁର ରକ୍ତ ପିଇବ…

କିଛି ମୁହୂର୍ତ୍ତ ଭିତରେ ସବୁ ବିପର୍ଯ୍ୟସ୍ତ ହୋଇଗଲା । ସର୍ଦ୍ଦାର ଦୁଆର ମୁହଁ ଆଡ଼କୁ ଆଗେଇ ଆଗେଇ ହଠାତ୍ ନଇଁପଡ଼ି ପଛ ଆଡ଼ୁ ଲାତ ମାରିବା ମାତ୍ରେ ଯୁବତୀଟି ଗଡ଼ୁଡ଼ି ହୋଇ ପଡ଼ିଲା । କିଛିକ୍ଷଣ ପରେ ଯେତେବେଳେ ବତୀ ଜଳି ଉଠିଲା, ଦେଖାଗଲା ଦୁର୍ବୃତ୍ତ ଲୋକଟି ତାହାକୁ ତକ୍ତପୋଷ ସହିତ ଖୁବ୍ ଜୋରରେ ବାନ୍ଧି ଦେଇଛି । ତାପରେ ସେ କ୍ଷଣ ବିଳମ୍ବ ନ କରି ଆଲମିରା ଭିତର ତନ୍ନ ତନ୍ନ ଖୋଜ ତଲାସ ହେଲା । ଆଉ ସବୁ ଟ୍ରଙ୍କ ତରବରରେ ଖୋଲି ଅନୁସନ୍ଧାନ କରି କିଛି ପାଇଲାନି । ସେ ହଠାତ୍ ବୁଲି ପଡ଼ି ତାହାକୁ ଅନାଇବା ମାତ୍ରେ ଦେଖିଲା ତାହା ତଳକୁ ମୁହଁ ପୋତି ମୁକ୍ତ ପାଇବାକୁ ଚେଷ୍ଟା କରୁଛି । ସର୍ଦ୍ଦାର ମୁହଁରେ ହସର ଆଭାସ ଦେଖାଗଲା । ସେ ଚମକି ଆସି ତାହା ମୁହଁକୁ ଟେକି ଦେଇ ତା ଗଳାରୁ ହୀରା ନେକ୍‌ଲେସ୍‌ଟି ଖୋଲି ନେଲା ।

ତାହା ଚିତ୍କାର କରିବା ପୂର୍ବରୁ ତା ମୁହଁରେ ରୁମାଲଟାଏ ମାଡ଼ି ଦେଇ କହିଲା, ଏଥର ତ ମୁଁ ବିଦାୟ ନେଉଛି ମିସ୍ ! ମୋର ପ୍ରାପ୍ୟ ମୁଁ ପୂରା ମାତ୍ରାରେ ପାଇ ଗଲି । ଆଉ ଆସି କେବେ କଷ୍ଟ ଦେବିନି । ଲବ୍ଧ ହାରଟିକୁ ଲବ୍ଧବସ୍ତୁରେ ଗୁଞ୍ଜି ଦୁଆର ମୁହଁକୁ ଆଗେଇ ଆଗେଇ ହଠାତ୍ ନିର୍ବୋଧ ପରି ଛିଡ଼ା ହୋଇଗଲା ସେ । ସେ ଯାଦେ ଆଗକୁ ଆସି ପାରିଲା ନାହିଁ ତ, ପଛକୁ ବି ଫେରି ପାରିଲା ନାହିଁ । ହାତ ତାର ଯେଉଁଠି ଯେପରି ଥିଲା ସେଇପରି ରହିଗଲା । ପକେଟକୁ ହାତ ନେବାକୁ ବି ସେ ସମୟ ପାଇଲାନି ।

Good night gentleman ! ମୁଁ ଜାଣେ ତମେ ଠିକ୍ ଜାଗାରେ ପହଞ୍ଚିଛ । ଦେଖ ବନ୍ଧୁ, ପକେଟରେ ହାତଘାତ ଦେବାକୁ ଚେଷ୍ଟା କରନା । ତମ ବୁଲେଟ୍‌ଠାରୁ ଆହୁରି ସ୍ପିଡ଼ରେ, ମୁଁ ଛୁରୀ ଫିଙ୍ଗିପାରେ···କହି ବପିନ୍ ତୀକ୍ଷ୍ଣ ଛୁରୀଟିକୁ ସର୍ଦ୍ଦାର ଉପରକୁ ଫିଙ୍ଗିବା ଭଙ୍ଗୀରେ ଛିଡ଼ା ହୋଇ ରହିଲା । ସର୍ଦ୍ଦାର ବାଁ ହ ତଥର ହାତଟି ସେଇପରି ଝୁଲୁଚି, ଡାହାଣ ହାତଟି ଅଳ୍ପ ଉପରକୁ ଟେକି ଜ୍ୱଳନ୍ତ ଦୃଷ୍ଟିରେ ବପିନକୁ ଅନେଇ କହିଲା, Oh you old devil ! ମୋ ରାସ୍ତା ଛାଡ଼ି ଦେ ବପିନ !

ଦେଖୁଚ ମୋ ପରିଶ୍ରମ ବ୍ୟର୍ଥ ହୋଇନ । କିନ୍ତୁ ତମ ନାଁରେ ସେ ପୋଲିସ୍ ୱାରେଣ୍ଟ ହୋଇଛି ବନ୍ଧୁ । ବପିନ କେବେ ମିଥ୍ୟା କଥା କହେନା । ମୋର ବ୍ୟବସାୟ ଖୁବ୍ ସଫା, ସେଥିପାଇଁ ମୋ କଥାଗୁଡ଼ିକ ମଧ୍ୟ ଖୁବ୍ ମୂଲ୍ୟବାନ and that is equal to a diamond necklace, hurry up···କହି ହାର ଉଦ୍ଦେଶ୍ୟରେ ବାଁ ହାତଟି ବଢ଼େଇଲା ।

ଅଚ୍ଛା ? କହି ସର୍ଦ୍ଦାର ହାରଟିକୁ ହ'ତରୁ ତଳେ ଖସେଇ ପକେଇଲା । ଖସେଇ ପକେଇଲା ବପିନକୁ ସମର୍ପଣ କରିଦେବା ଉଦ୍ଦେଶ୍ୟରେ ନୁହେଁ । ଏତିକିବେଳେ ବାହାରେ କାହାର ପାଦଶବ୍ଦ ଶୁଣି ସେ ଯେପରି ପକେଟରେ ହାତ ଦେଇଚି ବପିନ ବତୀଟିକୁ ଲକ୍ଷ୍ୟକରି ତା ଛୁରୀଟିକୁ ଖୁବ୍ ଜୋରରେ ଫିଙ୍ଗିଲା ଏବଂ ସର୍ଦ୍ଦାର ଆସି ଥିବା ଘର ପଛପଟ ରାସ୍ତାରେ ଅନ୍ତର୍ଦ୍ଧାନ ହୋଇଗଲା । ଏଣେ ସର୍ଦ୍ଦାର ପକେଟରେ ହାତ ଦେଇ ପିସ୍ତଲଟିକୁ ଛୁଇଁ ଛୁଇଁ ଅନ୍ଧାର ହୋଇଯିବା ମାତ୍ରେ ତା ଉପରେ ଆସି ଏକ ଟର୍ଚ୍ଚ ଲାଇଟର ଫୋକସ୍ ପଡ଼ିଲା । ତାପରେ ଶୁଣିବାକୁ ପାଇଲା, put up your hands ! ପୋଲିସ୍ ଇନ୍‌ସପେକ୍‌ଟରଙ୍କ ପଛେ ପଛେ ଦୁଇଜଣ ସଶସ୍ତ୍ର ସିପାହୀ ପଶି ଆସି ସର୍ଦ୍ଦାର ଆଗରେ ବନ୍ଧୁକ ଟେକି ଧରିଲେ । ଆଉଜଣେ ସାଧା ପୋଷାକ ପିନ୍ଧିଥିବା ସହକାରୀ ପୋଲିସ୍ ଅଫିସର ବପିନ ଉଦ୍ଦେଶ୍ୟରେ ଦେଖୁ ଦେଖୁ ଫେର ଆସି

କହିଲେ, Wonder, that fellow has completely disappeared…ତାପରେ ସେ ଯୁବତୀଟିକୁ ବନ୍ଧନମୁକ୍ତ କଲେ ।

ସେତିକିବେଳେ ଇନ୍‌ସପେକ୍ଟର ସର୍ଦ୍ଦାର ପକେଟରୁ ଗୋଟିଏ ରିଭଲଭର କାଢ଼ି ତାଙ୍କ ସହକର୍ମୀଙ୍କୁ ଦେଖାଇ ଦେଖାଇ କହିଲେ, A silencer fitted autometic !

ତାପରେ ସର୍ଦ୍ଦାର ହାତରେ ହାତକଡ଼ି ପିନ୍ଧାଇ ପିନ୍ଧାଇ କହିଲେ, ଭଲକଥା ହଣାକଟାରେ ଲିପ୍ତ ଥିବା ଅଭିଯୋଗରେ ତମକୁ ଆରେଷ୍ଟ କରାଗଲା ।

ନେଭର ମାଇଣ୍ଡ୍ ଇନ୍‌ସପେକ୍ଟର ! ସର୍ଦ୍ଦାର ମୁହଁରେ ତାଚ୍ଛଲ୍ୟର ହସ ।

ପୋଲିସମାନେ ସର୍ଦ୍ଦାରକୁ ନେଇ ଯିବା ପରେ ପୋଲିସ୍ ଇନ୍‌ସପେକ୍ଟର ତରୁଣୀଟି ନିକଟକୁ ଆସି ପଚାରିଲେ, ତମ ନାଁ ?

ମିସ୍ ଶତାବ୍ଦୀ ରାୟ ।

ବାପା ନାଁ ?

ସ୍ୱର୍ଗୀୟ ନରେନ୍ଦ୍ର କୁମାର ରାୟ ।

ସେ କ'ଣ କରୁଥିଲେ ?

ଇଷ୍ଟର୍ଣ୍ଣ ଜୁଟ୍ ମିଲ୍‌ର ମାଲିକ ।

ଓଃହୋ ! ମି. ସିନ୍‌ହା ! This is a misterious game…ମିସ୍ ରାୟ ! ତମେ ଏଠି କେତେଦିନ ହେଲା ଅଛ ?

ପ୍ରାୟ ସପ୍ତାଏ ହେବ ।

ମଣିବାଲା ଦେଈ ନାମ୍ନୀ କେହି ଆତ୍ମୀୟା ତମର ଅଛନ୍ତି କି ?

ନା—

ଏଠି ତମକୁ କେହି ଅପହରଣ କରି ଆଣିଲେ ?

ହଁ, ମୋର ଜଣେ ପରିଚିତ ଶ୍ରୀ ନୃପେନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ।

ସବୁ ନୋଟ କରି ନେଇ ଇନ୍‌ସପେକ୍ଟର ଥରେ ତାଙ୍କ ସହକାରୀଙ୍କୁ ଚାହିଁ ନେଇ କହିଲେ, ମିସ୍ ରାୟ ! ତମ ନାଁରେ କେତେକ ଅଭିଯୋଗ-

ଥିବାରୁ ତାଙ୍କୁ ନଜରବନ୍ଦୀରେ ରଖାଯାଇଛି ଆଉ ସେଥିପାଇଁ ମୁଁ ମୋ ବନ୍ଧୁ ମି. ସିନ୍ହାଙ୍କ ଗୃହକୁ ନେଇ ଆସିଛି । ହୋଟେଲର ଶୃଙ୍ଖଳା ଦୃଷ୍ଟିରୁ ଆଶାକରେ ମୋ ବନ୍ଧୁଙ୍କୁ ସାହାଯ୍ୟ କରିବେ ! ଆଚ୍ଛା ! ଗୁଡ଼୍‌ନାଇଟ୍ ମି. ସିନ୍ହା ! ଗୁଡ୍ ନାଇଟ୍, ମି ହେଡ଼ଗାର୍ଡ ଇନ୍‌ସପେକ୍ଟର ।

ମି: ସିନ୍ହା ଘର ଚୁଲିପାଖ ଆଡ଼େ ସନ୍ଦେହ ଦୃଷ୍ଟି ବୁଲେଇ ନେଲେ । ତାପରେ ଶାନ୍ତ ଗଳାରେ କହିଲେ, ମିସ୍ ଚନ୍ଦା ! ତମେ ଭିତରେ ବିଶ୍ରାମ ନେଇପାର, ମୁଁ ଏଇଠି ବସିଛି । ତାପରେ କାନ୍ଥରେ ଝୁଲୁଥିବା ଏକ ବୁଢ଼ୀ ଫଟୋକୁ ଦେଖି ଦେଖି କହିଲେ, ଏଇଟି ବୋଧେ ତମ ମା ଫଟୋ ?

ଆଜ୍ଞା ! କହି ନିଜ ଶଯ୍ୟାରେ ବସିଲା ସୁଜାତା ।

ହୁଁ ! ଶୃଙ୍ଖଳ ସ୍ୱଭାବ ପରିସ୍ଥିତି ଅନ୍ୟମନସ୍କ ହେବାକୁ ଚେଷ୍ଟା କରି କହିଲେ, ଓ ତମେ ଏଇଠି ଶୋଇବ ? ମୁଁ ଡେରେ ବାହାରେ ଅଛି । କହି ଯିବାକୁ ଉଦ୍ୟତ ହେବା ମାତ୍ରେ ଚନ୍ଦା କହିଲା ନା ଆଜ୍ଞା, ଆପଣଙ୍କ ଭିତିରେ ମୁଁ ବାଧା ଦେବାକୁ ଚାହେଁ ନା । ବରଂ ଆପଣ ସେଇଠି ବସନ୍ତୁ ।

ଧନ୍ୟବାଦ । ଚେୟାରଟିକୁ ବୁଲେଇ ନେଇ ବସିଲେ ମି: ସିନ୍ହା ।

କିଛିକ୍ଷଣ ନୀରବତାରେ କଟିଲା ପରେ ଚନ୍ଦା ପ୍ରଶ୍ନ କଲା, ଅନୁରୋଧ କରି ପାରେ କି ମୋ ବନ୍ଧୁଙ୍କରେ କି କି ଅଭିଯୋଗ ରହିଛି ?

ଦେଖନ୍ତୁ ଏ ସବୁ ପୋଲିସ ସିକ୍ରେଟ୍ । ତାଙ୍କଉପର ସନ୍ଦେହ ଦୂର ନ ହେବା ପର୍ଯ୍ୟନ୍ତ ତାଙ୍କୁ ନଜରବନ୍ଦୀରେ ରଖାଯିବ ।

କିନ୍ତୁ କାରଣ ନ ଦର୍ଶାଇ କୌଣସି ନାଗରିକ ସ୍ୱାଧୀନତା ହରଣ କରିବା ମାନେ ?

ଏ ସବୁ ଆଇନ୍ ବ୍ୟାପାର ମିସ୍ ଚନ୍ଦା ! ଟିକେ ରହି କହିଲେ, ତମ ବନ୍ଧୁଙ୍କରେ ଦେଶଦ୍ରୋହ ମୂଳକ ଅଭିଯୋଗ ହୋଇଛି । ସବୁ ବିଷୟ ମୁଁ ଅବଶ୍ୟ ଜାଣେ ନା । ତେବେ ଓଡ଼ିଶା ପୋଲିସ ରିପୋର୍ଟ ଅନୁସାରେ ମିସ୍ ମହିକାଲ ନାମ୍ନୀ ଏକ ବଙ୍ଗୀୟ ତରୁଣୀ ଗୋଟିଏ ଗ୍ୟାଙ୍ଗ୍ ସହିତ ଲିପ୍ତ

ରହ୍ମ ଓଭରସିଅର ଏକ ବ୍ରିଲିଆଣ୍ଟ ରଜନୀକାନ୍ତ ମହାନ୍ତିଙ୍କ ଶକ୍ତିରେ ଷଡ଼ଯନ୍ତ୍ର କରୁଥିଲେ । ମିସ୍ ମଣିକା ତାଙ୍କ ଅଫିସର ଟାଇପିଷ୍ଟ ଥିଲେ । କିନ୍ତୁ ସପ୍ତାହେ ହେବ ମିସ୍ ମଣିକାଙ୍କର ପତ୍ତା ମିଳୁନି । ପୁଣି ରଜନୀକାନ୍ତ ତାଙ୍କ ସନ୍ଦୁକର ଲାଗିଥିବା ଏକ ବ୍ୟାଗ୍‌ରୁ ଧରିବା ପାଇଁ ଏକ ଘରୋଇ ଗୁଣ୍ଡା ନିଯୁକ୍ତ କରିଥିଲେ । କିନ୍ତୁ ଆମେ ପୋଲିସବାଲା ଏଭଳି ଘରୋଇ ଗୁଣ୍ଡା ମାନଙ୍କୁ ବେଶୀ ପ୍ରଶ୍ରୟ ଦେଉ ନା, କାରଣ ଦାୟିତ୍ୱହୀନ ସେମାନେ ଠିକ୍ ଭୁଲେଇ ପାରନ୍ତି ନାହିଁ । ହଁ, ଏ ଗୁଣ୍ଡା ମଧ୍ୟ ମିସ୍ ମଣିକାଙ୍କ ପରେ ପରେ ଅନ୍ତର୍ଦ୍ଧାନ । ଏଣୁ ଓଡ଼ିଶା ପୋଲିସ ସନ୍ଦେହ କରେ ଯେ ଗୁଣ୍ଡା ସମ୍ଭବତ ମିସ୍ ମଣିକାଙ୍କର କୌଣସି ଭିତର ସମ୍ବନ୍ଧ ଅଛି । ଆଜ ଏ କଥାକୁ ସମର୍ଥନ କରି ଗୁଣ୍ଡାର ରୁମ୍‌ରୁ ମଣିକାଙ୍କର ଏକ ପ୍ରେମ ପତ୍ର ମିଳିଛି । ଏଣୁ ମଣିକାଙ୍କ ନାଁରେ ପୋଲିସ ୱାରେଣ୍ଟ ବାହାରିଛି ଏବଂ ଏଇ ଠିକଣାରେ ସେ ଥିବ ବୋଲି ଆମକୁ ନିର୍ଦ୍ଦେଶ ଆସିଛି । କିନ୍ତୁ ଏଠି ଆସି ଆମେ ଦେଖିଲୁ ମଣିକାଙ୍କ ପରିବର୍ତ୍ତେ ମିସ୍ ଚିତ୍ରା ରହିଛନ୍ତି । Sorry, I mean yourself ମଣିକାଙ୍କ ବଙ୍ଗାଳୀ, ପୁଣି ପଞ୍ଜାବୀ । ତମେ ଖାଣ୍ଟି ଓଡ଼ିଆ । କିନ୍ତୁ ମଣିକାଙ୍କ ରୂପ ସହିତ ତମ ରୂପର ଅବିକଳ ସାମଞ୍ଜସ୍ୟହିଁ ଏ ସବୁର ମୂଳ କାରଣ । ମଣିକାଙ୍କ ଓଠ ତଳେ ଥିବ କଳା ଚିହ୍ନଟି କେବଳ ତମର ନାହିଁ । ଏଣୁ ତମେ ସସ୍‌ପେକଟେଡ୍…କହି ଗମ୍ଭୀର ସହ ବସିଲେ ମିଃ ସିନ୍‌ହା ।

ଚଲିଛି କେସ୍ ଚମତ୍କାର ମିଃ ସିନ୍‌ହା ! ଶେଷରେ ଆପଣଙ୍କ ଘଟଣା ନାୟିକା ମଣିକା ଆଉ ସେଇ ନିର୍ବୋଧ ଗୁଣ୍ଡାଟି ଅନ୍ତର୍ଦ୍ଧାନ ହୋଇଗଲେ ?

ଏ ସବୁ ଲଭ ଏଫାୟାର୍ସ୍ । ଏଥିରେ କାହାର କିଛି ଯାଏ ଆସେ ନା ।

ଲଭ୍ ? ଗୋଟେ ଏ ଗୁଣ୍ଡାର ପ୍ରେମ ? ଦୂରଦୃଷ୍ଟି ଥିବା ଯେ କୌଣସି ଲୋକ କହିବ ଯେ ସେ ଗୁଣ୍ଡାଟି ଏ ଷଡ଼ଯନ୍ତ୍ର ମଣିକାଙ୍କୁ ଧରିବା ପାଇଁହିଁ ଚାଲିଛି ।

ଏବେକବେଳେ ଦୁହିଁଙ୍କ କଥିତ ପରେ ମିଳ ପୁଣି ଠକେଇ ହୋଇଗଲା ।

ତା ହେଉପାରେ ମିସ୍ ଟିଶା । ତେବେ ତମେ ଯେ ମଣିକାଙ୍କ ସ୍ତ୍ରୀ ଏ ସନ୍ଦେହ ମୋର ନାହିଁ···ଏଣିକି ମୁଁ ଇନ୍‌ସ୍ପେକ୍ଟରର ତମକୁ ଗୁଡ଼ ନାଇଟ୍‌ରେ ଅଚ୍ଛା, ପୁଣି ସକାଳେ ଦେଖା ହେବ । ଗୁଡ୍ ନାଇଟ୍ ।

ମି: ସିନ୍ହା ନକଲି ଦାଢ଼ି ଉପରେ ଥରେ ହାତ ବୁଲେଇ ଆଣି ଝୁଅର ମୁହଁକୁ ଯେପରି ଆବେଶଗ୍ରସ୍ତ ପଶୁ ଚାହିଁଲେ, ହ୍ୟାଣ୍ଡ୍ସ ଅପ୍

ସେ ତମକ ପଡ଼ି ଦେଖିଲେ ତରୁଣୀଟି ହାତରେ ଛୋଟ ପିସ୍ତଲଟିଏ ଟେକି ଧରିଛି ।

ଏ କଣ, ଏଇଟା ଯେ ମୋ ପିସ୍ତଲ ?

ହାଲୋ ମି: ମାନସିଂହ in disguise ? ଓଃ ଇନ୍‌ସ୍ପେକ୍ଟର୍, ତୁମେ ତୁମେ ମି: ଅବିନାଶ ମାନସିଂ । ପ୍ରେମ ଅଭିନୟ ଖୁବ୍ ଚମତ୍କାର । ମଣିକାଙ୍କ ଖୋଜିଲେ ଏଠାକୁ ଆସିଥିଲ ନିଶ୍ଚୟ । ମୁଁ ଠିକ ମାର୍କ କରୁଚି Like a lover a detective never talk so much ! ପୋଲିସ ସାହେବଙ୍କୁ ମୁଁ ଏ ବିଷୟରେ ରିପୋର୍ଟ କରିବ ।

ଦେଖ ମିସ । ଜଣେ ପୋଲିସ ଅଫିସର ସହିତ ରହସ୍ୟ କରିବା ସାଙ୍ଘାତିକ ଅପରାଧ ।

ଜଣେ ତରୁଣୀକୁ ଏକଲା ପାଇ ପ୍ରେମାଳାପ କରିବା ଅବଶ୍ୟ ପୋଲିସ ଅଫିସରର କାମ ନୁହେଁ । ଏ ଅପରାଧର ସେଣ୍ଟେନ୍ସ ନିଶ୍ଚୟ ପୋଲିସ ଅଫିସରଙ୍କୁ ଜଣାଥିବ ।

ତୁମେ କଣ ?

ମୁଁ ମର ଏ ଇନସ୍ପେକ୍ଟର । କିନ୍ତୁ ଗୋଟିଏ ସର୍ତ୍ତରେ ତମକୁ ମୁଁ ଛାଡ଼ି ଦେଇପାରେ ।

ମୁଁ ମୁକ୍ତ ହେବିନା । ଶାସ୍ତି ହେବିନା । ତରୁଣୀ ହାତରେ ମରଣ ସେଇ ଭଲ । ଆଃ କି ତୃପ୍ତି !

ହସିଆର, ପାଖକୁ ଆସିଲେ

ସୁଟ୍ କରିବ ? ବେଶ । କିନ୍ତୁ ମୋର ଗୋଟିଏ ଅଭିଳାଷ ଡାର୍ଲିଂ !

ସଟ୍ ଅପ୍ ! କହି ଯୁବକ ଗ୍ଲାସଟିରେ ପିସ୍ତଲଟି ଲଗାଇ ଧରିଲା । ଯୁବକଟି ନିଜ ଫାଉଣ୍ଟେନ କାଢ଼ି ଯୁବତୀଟିର ଓଠ ତଳେ ସ୍ୱହସ୍ତରେ ଗୋଟିଏ ବଡ଼ ଚିହ୍ନ ଲେଖିଦେଇ କହିଲା, ଏଥରକ ହସି ହସି ମରିବ ମଣିବାଲା ହ ଡାର୍ଲିଂ—

ଅଭଦ୍ର । କାହିଁ ମଣିବାଲା ? କହୁକହୁ ମନର ସବୁ ଦାମ୍ଭ ତରଳି ଗଲା ଯୁବତୀଟିର ।

ହେଉ, ସଙ୍ଗୀତରେ ମେ ଆଗରେ ଉଭା ହେଉଛି । ଆହା କି ସୁନ୍ଦର ମୁଖଡ଼ା ? କହି ତରୁଣୀଟିକୁ ଅଲକା ସ ମନ'କୁ ହାଣି ଜାଣିବା ମାତ୍ରେ, ସେ ଦେଖିଲା ତା ଓଠ ତଳେ ଗୋଟିଏ ତିଳ ଚିହ୍ନ ସୃଷ୍ଟି ହୋଇଛି । ଯୁବକଟି ତା ପାଖରେ ଛିଡ଼ା ହୋଇ ନିର୍ବିକାର ଚାହାଣିରେ ହସୁଛି ।

ମଣିବାଲା ! ମୋ ଯୁବକ ଜୀବନର ଚରମ ସାର୍ଥକତା ! ଏଥରକ ମଣିବାଲାକୁ ମୁଁ ଆରେଷ୍ଟ କରି ମୋ ଅଭିଳାଷ ପୂର୍ଣ୍ଣ କରି ପାରେ···କହି କି ହାତରେ ଯୁବତୀଟିର ଗଳା ବେଷ୍ଟନ କରି ଭିଡ଼ି ଧରିଲା । ଯୁବତୀଟି ମନସଙ୍କୋଚରେ ଛିଡ଼ା ହୋଇ କହିଲା, ଅବିନାଶ ! ଏ ଅଭିନୟ କାହିଁକି ?

ଏ ଜାଲ ସୃଷ୍ଟି କରିବା ପାଇଁ ଏ ଅଭିନୟର ପ୍ରୟୋଜନ ଥିଲା ମଣି ! ବିପଦ ଯେ ଏପର୍ଯ୍ୟନ୍ତ ଅଛି । ଓଡ଼ିଶା ପୋଲିସ ତମକୁ ସନ୍ଦେହ କରିବା ମୁହୂର୍ତ୍ତରୁ ମୋ ଜେଲ ବାବୁ ଅନ୍ତର୍ଦ୍ଧାନ ହୋଇ ଯାଉଛନ୍ତି । ଏଥରକ ଭୁଲି ମତେ ଏଠି ଗିରଫଦାର ବାନ୍ଧିବାକୁ ହେବ ମଣି !

'ମଣି ମଣି' କେବଳ ଅବିନାଶ ! ଏ ସଙ୍ଗୀତର ଜୀବନକୁ ମୁଁ ସବୁବେଳେ ଭୟ କରି ଆସିଛି । ଏବେବେଳେ ଅବିନାଶ ପକେଟରୁ ହାର ବାହାର କରି ତରୁଣୀ ଗଳାରେ ପିନ୍ଧାଇ ଦେଇ ଦେଇ କହିଲା, ସେଇ ଉପହାରରେ ଏଇଟିକୁ ମୁଁ ପକେଟରୁ କାଢ଼ି ନେଇଥିଲି ।

ତାପରେ ତରୁଣୀଟି ଅବିନାଶର ଆଲିଙ୍ଗନ ଭିତରେ ହଜିଗଲା । ସକାଳ ହୋଇ ଆସୁଥାଏ ।

ସେଦିନ ସନ୍ଧ୍ୟାରେ ସ୍ୱାମୀ ପ୍ରାର୍ଥନା ଯୋଗଦାନ କଲେ ବିହାର ଶେଷ ନେଇ ଅଭିନବ, କେଉଁଠିକୁ ଯିବା ନାହିଁ ! ତାହାରେ ଉତ୍ସବ ହେଉଥିଲା ସେଥିପାଇଁ ସ୍ୱାମୀ ମଧ୍ୟ ଅସୁସ୍ଥ ହେଲେ । ତାହାର କବାଟ ଭିତରୁ ବନ୍ଦ ହେଲା । କିନ୍ତୁ ଭଜନ ସମ୍ପ୍ରଦାୟ ତଥା ଦେଶଦେଶରେ ବ୍ୟାପି ଗଲା । ସେପାଖଟାରୁ ପ୍ରକାଶ ଯେ ଖବର ଦେଲେ କେଉଁଠି ଲୋକ ତାଙ୍କୁ ଦେଖା କରିବାକୁ ଆସୁଥିଲେ ।

ଅବିନାଶ ଏ ଖବର ଶୁଣି ମୁହୂର୍ତ୍ତେ ତୈଳ ନ ଦେଇ ଫେରିଲେ । ସେ ବାହାର ଅସୁ ଅସୁ ଖଣ୍ଡ ପାଖରେ ଛୁଣ୍ଟା ଲାଗିଲା ବୁଢ଼ାଏ ପଡ଼ୁଥିବା ଦେଖି ସେମାନଙ୍କ ଉପରେ ଆଶିଷ ଏବଂ ଯୋଗଯାଗ୍ର ପଡ଼ିବାକୁ ଚେଷ୍ଟା କଲେ ।

ସ୍ୱାମୀ ହେଲେ ଭିତରକୁ ଜଣେ ପୂଜାରୀ ସୂଚନା ଦେଲା ଅଭିନାଶ ପହଞ୍ଚିଗଲେ । କେହି ଦ୍ରୁତ ହେଉଥିବା ବାଳକ ଦେଖିଲେ ଥକାପଣ ତାଙ୍କ ଚହଲର ସୂଚନା ଦିଏ । ସେ ଭିତରକୁ ଯାଇ ଏକ କୋଠରୀ ଭିତରକୁ ପଶିଗଲେ ।

ସ୍ୱାମୀଙ୍କ କୋଠରୀ ସାଇଁ ଦେଖିଲେ ଆଗରୁ ଭଦ୍ରଲୋକ ହିନ୍ଦୁସ୍ଥାନ ସ୍ୱାଧୀନ ପତ୍ରିକାରେ ବସ୍ତୁ । କିନ୍ତୁ ତାଙ୍କ ଆଖିରେ ଧ୍ୟାନ ହିଁ ହେଲେ କଟକତ ନ ହେଲା କାଗଜ ଉପରେ ମନୋନିବେଶ କରିଥାନ୍ତି । ତାପରେ ଗୋଡ଼ ଲମ୍ବାଇ ଅର୍ଦ୍ଧଶାୟିତ ଅବସ୍ଥାରେ ମୁହଁ ଉପରେ କାଗଜ ରଖି ପଢ଼ୁଥିବାରୁ ଆଗନ୍ତୁକ ତାଙ୍କ ମୁହଁ ଦେଖିପାରି ନାହାନ୍ତି ।

ଇନ୍‌ସପେକ୍ଟରଙ୍କ ବହିଖାତାରେ ବସ୍ତୁ ଆସି ଗୋଟିଏ ଇଂରେଜୀ ଖବରକାଗଜର ଫର୍ଦ୍ଦ ନେଇଗଲେ । ଏଠନରତ ଭଦ୍ରଲୋକଟି ସୂଚନାରୁ ଦୁଇଥର ପତ୍ରର ପୌରଣି ଫର୍ଦ୍ଦର ମିଳ ମଧ୍ୟଭାଗରୁ ବସ୍ତୁ ଏଥରକ ତାଙ୍କୁ ନ ପଚାରି ଚୁପ୍ ଚାପ୍ ଫେର ଯାଉଥିଲ, ପଛରୁ ଶୁଭିଲା, ବସ୍ତୁ ! ଆଉର୍ ଏକ ଗ୍ଲାସ୍ ।

ଅଚ୍ଛା ସା'ବ...କହି ବସ୍ତୁ ନିଷ୍କ୍ରାନ୍ତ ହେଲା । ଭଦ୍ରଲୋକଟି ନିଜେ ଉଚ୍ଚ ସ୍ୱରରେ ପଢ଼ିବାକୁ ଲାଗିଲେ, Sensation after sensation . A young girl named Miss Chitrangada Ray completely disappeared in the broad day light, who was suspected by police for...

କେତେ—ବସ୍ତୁ ଆସି ଟେବୁଲ୍ ଉପରେ ଗ୍ଲାସ ରଖି ଦେବା ମାତ୍ରେ ଭଦ୍ରଲୋକେ ମୁହଁରୁ କାଗଜ ତଳେ ଗ୍ଲାସ ଉତ୍ତୋଳନ ପୂର୍ବ ଦେଖଣ ଲାଗି, ତଳ ଦୂର ଅଟକି ଗଲା । ଦୃଷ୍ଟି ତାଙ୍କର ଅପରପାର୍ଶ୍ୱସ୍ଥ ଚଉକିରେ ବସିଥିବା ବୃଦ୍ଧଙ୍କ ଚନ୍ଦ୍ରାସ୍ତ ମୂର୍ତ୍ତି ଉପରେ ନିବଦ୍ଧ । ସିଧା ହୋଇ ବସି ଆତ୍ମୀୟତା ଭାବରେ ସେ କହିଲେ, ହ୍ୟାଲୋ ! ଗୁଡ୍ ନାଇଟ୍ ସାର୍ ! ଏଣି ଟିକ୍ ଅଠା ।

ହାଲୋହାଲ୍ ଚିନ୍ତେ ଭାବେଗ ନେଇ ଗ୍ଲାସଟୁ ଅଟକ ଖାଳ ଭଲ ବୃଦ୍ଧଟି କହିଲେ, ଓଃ My boosoom friend, the seller of words !

ଏ ବ୍ୟବସାୟ କରୁ ନାହିଁ ସାର୍ । ଦେଖନ୍ତୁ ଏ ସୂଟ୍‌ର ଦାମ କେତେ ଠକରେ ପାଉଛନ୍ତି ? ଆପଣଙ୍କ ବ୍ୟବସାୟର କ୍ଲୋଟରେ ଖଡ଼ଗ ଘରେ ମୁଁ ଦେଖ୍ ମଜାରେ ଅଛି । ବନ୍ଧୁ ଗ୍ଲାସରୁ ଚୋଟେ ମାରିଲ ।

ସବୁ ସିଗାରେଟ୍ ନେଇପାରେ କି ସାର୍ ? ବୃଦ୍ଧଙ୍କ ସମ୍ମୁଖ ଘରେ ଟେବୁଲ ଉପରେ ପଡ଼ିଥିବା ସିଗାରେଟ୍ ପ୍ୟାକେଟରୁ ଗୋଟିଏ ସିଗାରେଟ୍ ନେଇ କହିଲ, ଧନ୍ୟବାଦ । ଅନେକ ଦିନ ପରେ ଦେଖା ହେଲା, 'ଏଥି ଭଣିଥିଲ ଆମର ପୁଣି ଦିନେ ସାକ୍ଷାତ ହୋଇପାରିବ ?

ରସିକ ! ତୁ ମୋ ପଛରେ ଏପରି ଲାଗିଛୁ ମାନେ ?

ମୁଁ ଭାବୁଥିଲି ମୋ ବ୍ୟବସାୟ ନେଇ ଆପଣ ଏଥି ଲାଭ find it profitable ! ଖବର ଯୋଗାଇ କିଛି ଲାଭ ମିଳିଯାଏ ଆଉ ...

ଓଃ… ସେଇଥିପାଇଁ ତୁ ଦେଖେ ମୋ ପଛ ଧରିଛୁ ?

ହେଇପାରେ । ତାପରେ ସିଗାରେଟ୍ ଧୂଆଁ ଭଳି ଉଡ଼ି ଯାଏ ସୁଖ କହିଲେ, କିନ୍ତୁ ଆପଣଙ୍କୁ ମୁଁ ଗୃହସ୍ଥ ଦେଖିବାରେ ଯେଉଁ ଆନନ୍ଦରେ ଥାଏ ।

ସତ ?

ହଁ ପାଞ୍ଚ ହଜାରରେ ହେଉଛି ଡଲର, କିନ୍ତୁ ମୋ ସ୍ତ୍ରୀ କହେଛନ୍ତି ଅନେକ ଲକ୍ଷ ଟଙ୍କା । ହେଁ ଆ ପଇସା ଲେ…ସତ୍ୟ କିନ୍ତୁ ଲକ୍ଷ ଖାଲି କହୁଛ ସବୁ ଜନ ପାଇଁ ମୁଁ ଚୁପ୍ ହୋଇଯିବ ।

ମୁଁ ଲଣ୍ଡନ ଲୁଚେଇ ରସିକ ।

ତସ ପଚିଶ ହଜାରର ଚେକ ବହିଟି ଏହାଙ୍କୁ ଆପଣ ରଖି ନାହାନ୍ତି, ତ.ହା ମଟେ ଅଳ୍ପ ନାହିଁ । ସେଥିରୁ ପାଞ୍ଚ ହଜାର ମତେ ଦେବାକୁ ହେଉଛନ୍ତି । ଚାଲି ପନ୍ଦର ହଜାର—

ଏ ସବୁର ଗ୍ୟାରେଣ୍ଟି କଣ ?

ମୁଁ ମଥାବାଗି ଚୁଟେଇ, ଏତକ ଭରସା ଦେଇପାରେ—

ମୋ ଉପେକ୍ଷା ଗ୍ୟାରେଣ୍ଟି ?

ନେଇ ଲଣ୍ଡନ ଖବରର ଦେଇପାରେ—

ହୁଁ । ଠିକ୍ ବୁଝି କହିଲେ—ଯଦି ତେ ଚଳନ୍ତିରେ ନ ଆସେ ?

ମୋର ଜିଛ ଯାଏ ଆସେ ନା—I will sell it to police.

ମୋ ଠାରୁ ଚୋର କୌଣସି ସ୍ଥାନ ନାହିଁ—

ମୁଁ ଜାଣିଛି ଅଛି ।

ଯଦି ନ ଦିଏ ?

କିନ୍ତୁ ଆପଣଙ୍କ ଆଦ୍ୟ ଜଣାରେ ନାହିଁ ସାର୍ । ଆପଣ ଜୋଗାଡ଼ ତାଆ—

ପୋଲିସ ପାଖରୁ ତୋ ପ୍ରାପ୍ୟ ଅସୁଲ କରି ପାରୁ । ଗୋଟାଏ ପଇସା ବି ମୁଁ ଦେବାକୁ ଯାଉନି ।

ଏତେ ଶୀଘ୍ର ଉତ୍ୟକ୍ତ ହେବା ଅନୁଚିତ । ମୁଁ ଜାଣେ ଏବେ ବି ଆପଣଙ୍କ ପାଖରେ ଯେଉଁ ସ୍ୱପ୍ରଧନ ଅଛି ତାହା ଲକ୍ଷ ସମୁଦ୍ର ତୁଳନା ହୋଇ-ପାରେ—କିନ୍ତୁ ସେଥିରୁ ମତେ କେତେ ଦେଇ ପାରିବେ ?

ବୃଦ୍ଧ ଉଠି ଆସୁଥିଲେ । ଯୌବନର ଦାବୀରେ ଉତ୍ୟକ୍ତ ହୋଇ ସିଏ ଉଠି ତା ମୁହଁରେ ଗୋଟାଏ ଶକ୍ତ ମୁଷ୍ଟିଆ ବସାଇ ଦେଲେ । ତାପରେ ଅସ୍ପଷ୍ଟ ଗଳାରେ କହିଲେ, ଦେଇଦେଲି payment in full.

ଯୌବନ ଚିତ୍ତ ପାଖରେ ପଡ଼ିଗଲା । ତା ଦାନ୍ତମୂଳରୁ ବହୁଥିବା ରକ୍ତକୁ ରୁମାଲରେ ପୋଛୁ ପୋଛୁ ବୃଦ୍ଧଟି ପରଦା ଅପେକ୍ଷା ଶୀଘ୍ର ଗତିରେ ବାହାରି ଗଲେ ।

ଭୋଜନ ସଂଲଗ୍ନ ଏକ ଆସନରେ ବସି ଯେଉଁ ଯୁବକଟି ବୃଦ୍ଧଙ୍କ କଥୋପକଥନକୁ ମନଯୋଗ ସହକାରେ ଶୁଣୁଥିଲା, ବୃଦ୍ଧ ଭଦ୍ରଲୋକଙ୍କ ବାହାରକୁ ବାହାରି ଆସିବା ମାତ୍ରେ ସେ ତାଙ୍କ ପଛେ ପଛେ ଆସିଲା ଏବଂ ସ୍ୱାଭାବିକ ଭାବେ ତାଙ୍କୁ ଅନୁସରଣ କରିବାକୁ ଲାଗିଲା ।

ଏହାର ଅନ୍ତର୍ଦ୍ଧାନ କଲିକତା ପୋଲିସ ମହଲରେ ଚହଳ ସୃଷ୍ଟି କରେ । ଯୁବକ ଜନ ଭାଳ ଅପେକ୍ଷା କରି ତାହାକୁ ଫେରି ଆସିବା ନ ଦେଖି ଅଜନାଶ ମନରେ ଯେଉଁ ସନ୍ଦେହର ଅଙ୍କୁରୋଦ୍‌ଗମ ହୋଇଥିଲା ତା ପଛେ

ଆତଙ୍କ ସ୍ତମ୍ଭିତ ହେବା ଦେଖି ସେ ବିବ୍ରତ ହୋଇ ପଡ଼ିଲେ । ତାହା ହସ୍ତ ପାଇଥିବା ଖଣ୍ଡେ ଚିଠିର ସାରାଂଶରୁ ଅବିନାଶ ବହୁ କଷ୍ଟରେ ଜାଣିବାକୁ ପାଇଥିଲେ ଯେ ତା ମା ତାକୁ ଡକେଇ ପଠେଇଥିଲେ । ସହରସ୍ଥ ହେଉଥିବା ପୋଲିସର ରିପୋର୍ଟ ଅନୁଯାୟୀ ଯେଉଁ ଲୋକଟି ବନରେ ଆସିଥିଲା, ତାଙ୍କୁ ସନ୍ଦେହ ଯେ ତାହା ଯାଇଛି ଏଥିରେ କୌଣସି ସନ୍ଦେହ ନାହିଁ । ତାହା ମା ନିଜେ ନ ଆସି ତାହାକୁ ଡକେଇ ପଠେଇବା ମୂଳରେ ଯେ କୌଣସି ଅଭିସନ୍ଧି ରହିଛି ଆଉ ସେ ଅଭିସନ୍ଧିର ସୂତ୍ରଧର ଯେ କୁଚକ୍ରୀ ରଜନୀ ମହାନ୍ତି, ଅବିନାଶର ଏ ଧାରଣା ପ୍ରଥମରୁହିଁ ହୋଇଥିଲା । ରଜନୀ ମହାନ୍ତିର ବାସଭବନ, ମିଲ୍ ଆଖପାଖ ଖୋଜି କୌଣସିଠାରେ ତାକୁ ନ ପାଇ ସହରର କେତେକ ଉଚ୍ଚଧରଣର ହୋଟେଲ ଅନୁସନ୍ଧାନରେ ଅଳ୍ପ ସମୟ ସେ ବାହାରିଥିଲେ । କିନ୍ତୁ ଗ୍ରାଣ୍ଡ ହୋଟେଲରେ ରଜନୀ ମହାନ୍ତି ସହିତ ବିପିନକୁ ପାଇବ ବୋଲି ସେ କେବେ ଆଶା କରି ନଥିଲେ । ଶେଷରେ ବିପିନକୁ ଛାଡ଼ି ରଜନୀ ମହାନ୍ତିଙ୍କୁ ହିଁ ଅନୁସରଣ କରିବାକୁ ଶ୍ରେୟସ୍କର ମଣିଲେ ସେ ।

ରାତି ସେତେବେଳକୁ ସାଢ଼େ ନ'ଟା । ଅନେକ ଦୂର ଆସିବା ପରେ ରଜନୀ ମହାନ୍ତି ଏକ ସିନେମା ହଲ୍‌ରେ ପଶିଲେ । ଅବିନାଶ ପାଖ ପବ୍ଲିକ ଟେଲିଫୋନ୍‌ରୁ ଥାନାକୁ ଫୋନ କରି ସି, ଆଇ, ଡ଼ି କନେଷ୍ଟବଲ୍‌ଟିଏ ମଗେଇ ନେଇ ରଜନୀ ମହାନ୍ତି ଉପରେ ଦୃଷ୍ଟି ରଖିବାକୁ କହି ଥାନାକୁ ଫେରି ଆସିଲେ ।

ଓଡ଼ିଶା ପୋଲିସ ରିପୋର୍ଟ ଦିଏ ରଜନୀ ମହାନ୍ତି ସେଇଦିନୁ ବ୍ରହ୍ମପୁରରୁ ଫେରି ନାହାନ୍ତି···ଅବିନାଶକୁ ଦେଖିବା ମାତ୍ରେ ଥାନା ଇନ୍‌ଚାର୍ଜ ଅଫିସର କହିଲେ ।

କିନ୍ତୁ ରଜନୀ ମହାନ୍ତି ସେଇଦିନୁ ଏଇଠି ଅଛି ।

ଇଜ୍ ଇଟ୍ ମି; ମାନ୍‌ସିଂ ?

ହଁ, ସଜ ବିଟ୍‌ର କନେଷ୍ଟବଲ ଯେଉଁ ରିପୋର୍ଟ ଦେଇଥିଲେ ଯେ ନରେନ୍ଦ୍ର ସାହୁଙ୍କ ସୁଲୁଣା କୋଠାରେ ରାତି ଶେଷ ପହରରେ ବତୀ ଜଳେ—

କିନ୍ତୁ ସେଠି ସେ କେହ ବୁଲୁନ୍ତି ନ ।

ସେଇଥିପାଇଁ ରଜନୀ ମହାନ୍ତି ଉପରେ ମୋର ସନ୍ଦେହ । ସେ ନିଜ ଘରେ ନରହି ହୋଟେଲରେ ଖାଉଚି; ପୁଣି ପ୍ରତିଦିନ ଅଲଗା ଅଲଗା ହୋଟେଲରେ । ନେସନାଲ୍, ଓରିଏଣ୍ଟାଲ୍, ଗ୍ରାଣ୍ଡ ହୋଟେଲର ମ୍ୟାନେଜରମାନେ ମଧ୍ୟ ରଜନୀ ମହାନ୍ତି ଝାଇଭ୍ର ଲେକ ଦେଖିଛନ୍ତି ବୋଲି ମତେ କହିଥିଲେ । କିନ୍ତୁ ଆଶ୍ଚର୍ଯ୍ୟ, ରାତିରେ କୌଣସି ହୋଟେଲରେ ତାକୁ ରହିବାର ଦେଖିଇନି ।

ତାକୁ ପାଉଥିଲେ କେଉଁଠି ?

ରକ୍ସି ସିନେମା ହାଉସରେ—କନେଷ୍ଟବଲଟିଏ ଲଗିଚି । ରଜନୀ ମହାନ୍ତି ପଛରେ କିଛିଦିନ ସେ ଲାଗିଚି ଏ ଧାରଣା ମୋର ନଥିଲା । ଗ୍ରାଣ୍ଡ ହୋଟେଲ ଭିତରେ କିଛିଦିନ ଆଗରୁ ଅପେକ୍ଷା କରିଥିଲି ।

ସେ ପୁଣି କିଏ ?

ଚଣ୍ଡା ଘରୁ ଆମ କବଲରୁ ଯେ ଖସି ପାଇଥିଲା ।

Oh, he is a dangerous type···

ହଁ ସାର ! ସେ ବରଂ ଆମ ଡିଟେକ୍ସନ୍‌ରେ ସାହାଯ୍ୟ କରୁଚି । କିନ୍ତୁ ରଜନୀ ମହାନ୍ତି ନିଶ୍ଚୟ ତାକୁ କବୁ କରିଛି—ଆଜ ଯଦି ତା ସତ ହେଇଥାଏ ତେବେ କୌଣସି ଶୁଭ ଲକ୍ଷଣ ନୁହେଁ । ରଜନୀ ମହାନ୍ତିକୁ ଦେଖିଲା ପରେ ମୁଁ କପଡ଼ି ଖୁଣ୍‌ର ଗନ୍ଧ ପାଉଚି ।

କିନ୍ତୁ ଏମାନଙ୍କୁ ସେ କେଉଁଠି ରଖିଥାଇ ପାରେ ତା କି ତ ଏ ଯେମିତି ଆମେ ଜାଣିନେ ।

ଏତିକିବେଳେ ଟେଲିଫୋନ ରିଙ୍ଗ୍ ହେଲା । ଇନ୍‌ସ୍‌ପେକ୍ଟର ଅଫିସର ରିସିଭର ଉଠେଇ କହିଲେ, ହାଲୋ ? ଓ, ନବୀନ ! ହୁଁ ! ଅଚ୍ଛା ! ଅଚ୍ଛା ! ଫୋନ ରଖୁ ରଖୁ କହିଲେ, ମି: ମାନସିଂ ! ରକ୍ସି ପାଖରେ ନବୀନ କନେଷ୍ଟବଲ୍, ଆପଣଙ୍କୁ ଖୋଜୁଁଚି ।

୯

ମୁଁ ତେବେ ଯାଏ । ଫୋନ କଲେ ଆପଣ ଫୋର୍ସ ସହ ସିଧେ— କହି ଦ୍ରୁତ ପଦକ୍ଷେପରେ ଥାନାରୁ ବାହାରି ଆସିଲା ଅବିନାଶ ।

କୃଷ୍ଣପକ୍ଷର ଅନ୍ଧାର ଝିଙ୍କାରିଆ ଆମ୍ବ ଗଛ ଗହଳରେ ଆହୁରି ଗାଢ଼ ହେଉଛି । ସେଇ ଘନ ତମିସ୍ରା ଭିତରେ ଖୁବ୍ ଧୀରେ ଫାଟକ ଖୋଲି ଗୋଟିଏ ଛାୟା ମୂର୍ତ୍ତି ପ୍ରବେଶ କଲା । ତାପରେ ନିଃଶବ୍ଦରେ ବାରଣ୍ଡାକୁ ଉଠି ଡ଼'ମହାନ୍ତିଙ୍କ ପ୍ରାସାଦର ସଦର ଦରଜା ତାଲା ଖୋଲିବାକୁ ଲାଗିଲା । ଭିତରକୁ ପଶିବା ପୂର୍ବରୁ ଚାରିଆଡ଼କୁ ଥରେ ସତର୍କ ଦୃଷ୍ଟି ବୁଲେଇ ନେଇ ଯେମିତି ପାଦେ ଆଗେଇଛି, ସେ ଅନୁଭବ କଲା ତା ପଛ ପଟେ ଯେପରି କେହି ଆସୁଛି । ସେ ହଠାତ୍ ଛିଡ଼ା ହୋଇ ମୁହଁ ବୁଲେଇବା ମାତ୍ରେ ଶୁଣିବାକୁ ପାଇଲା, ହ୍ୟାଣ୍ଡ୍ସ ଅପ୍ ! ପରମୁହୂର୍ତ୍ତରେ ନିଜ ପିଠିରେ ଏକ ରିଭଲଭର୍‌ର ସ୍ପର୍ଶ ପାଇ ତା ହାତ ପକେଟକୁ ଯାଉଁ ଯାଉଁ ଅଟକିଗଲା ।

Lead on…ପୁଣି ଶୁଭିଲା । ତାକୁ ଯେ ଏପରି କେହି ଆକ୍ରମଣ କରିପାରେ, ସେ ତା କଳ୍ପନା ବି କରି ନଥିଲା । ପୁଣି ଶୁଭିଲା, I say lead on sir ! ପିସ୍ତଲଧାରୀ ଛାୟାମୂର୍ତ୍ତିଟି ଗମ୍ଭୀର କଣ୍ଠରେ ଆଦେଶ ଦେଲା । ଦୁଆର ଅତିକ୍ରମ କରି ଗଲା ପରେ ଟର୍ଚ୍ଚ ଲାଇଟ୍ ଆଲୁଅରେ ଦେଖାଗଲା ପ୍ରଶସ୍ତ ରୁମ୍‌ଟି ଖାଲି । ପାଖ ଦୁଇଟି ରୁମ୍ ମଧ୍ୟ ତାଲା ବନ୍ଦ ।

ଚାବି ଥିବା ରୁମ୍‌କୁ ଚାଲ ।

ଚାବି ? ମାନେ ?

ଏ ଘରେ ତମେ ଏକଲା ରୁହ ?

କଏ ତୁ ? ମୁଁ ଜାଣି ପାରେ କି ମତେ ଏପରି ଆକ୍ରମଣ କରିବା ମାନେ ?

ଚସା ଜାଣ ନାହିଁ ?

ଓହୋ ! ଗଳାଟାକୁ ବେଶ ବଦଳାଇଚ ଅବିନାଶ । ମୋର ଛୁରୀ ମୋର କେଭ । ନୁହେଁ ? ମୋ ଡିଫେନ୍ସ ପାଇଁ ତମକୁ ନିଯୁକ୍ତ କରିଥିଲି । ବର୍ତ୍ତମାନ ଦେଖୁଚି ସେ ଗ୍ୟାଙ୍ଗ୍‌ର ତମେ ବି ଜଣେ ଭକ୍ତ । ଟ୍ରେଟର୍‌ସ !

ଗୁଇନ୍ଦାମାନେ କେବେ କ୍ରିମିନାଲ୍‌ମାନଙ୍କ ପାଇଁ ଓକିଲାତି କରନ୍ତିନି ମି: ମହାନ୍ତି ! ଚସାକୁ କେଉଁଠି ରଖିଚ ?

ଚସା ନୁହେଁ ମି. ମାନସିଂ ! ମିସ୍ ମଣିବାଲା ଦାସ । ଦସ୍ୟୁଦଳର ସଙ୍ଗିନୀ ! ମୋ ଗୁଇନ୍ଦାର ପ୍ରେୟସୀ ।

No more talk—ମୁଁ କହୁଚି ଚସା ତୁମ୍ଭକୁ ନେଇ ଚାଲ ।

ମୁଁ ସଫା କହୁଚି ଚସା ଏଠି ନାହିଁ ।

ତା ମୁଁ ଦେଖିନେବି ।

ବେଶ୍—

ଅବିନାଶ ଆଦେଶ ଅନୁସାରେ ରଜନୀ ମହାନ୍ତି ଗୋଟିକ ପରେ ଗୋଟିଏ ରୁମ୍ ଅତିକ୍ରମ କରି ଚାଲିଛନ୍ତି । ଅବିନାଶ ଗୋଟିଏ ହାତରେ ଟର୍ଚ୍ଚ ଅନ୍ୟ ହାତରେ ପିସ୍ତଲଟି ସେମିତି ଧରି ନିର୍ଦ୍ଦେଶ ଦେଉଥାଏ । ଲାଇଟଟି ବନ୍ଦ ହେବା ମାତ୍ରେ ଅବିନାଶ ଅନୁଭବ କଲା ତା ରିଭଲଭର୍‌ଟି ଛିଟିକି ପଡ଼ିଗଲା, ଟର୍ଚ୍ଚଲାଇଟ ମାତ୍ର ମାତ୍ର ମୁହଁରେ ଅସି ଶକ୍ତ ବାଧାଟାଏ ବସିଲା । ସେ ଥରେ ଫାଇଟ୍ କରି ଲକ୍ଷ୍ୟ ଠିକ୍ କରୁ କରୁ ରଜନୀ ମହାନ୍ତି ଅବିନାଶ ଉପରକୁ ଡେଇଁ ପଡ଼ି ଆକ୍ରମଣ କଲେ । ଅବିନାଶ ଆକ୍ରମଣଟି ସମ୍ଭାଳି ନେଇ ପ୍ରତି ଆକ୍ରମଣ କରୁ କରୁ ପୁଣି ଏକ ମୁଷ୍ଟି ଆସି ମୁହଁରେ ବସିଲା । ସେ ଅବଶ ହୋଇ ପଡ଼ି ଉଠୁ ଉଠୁ ଦେଖିଲା ରଜନୀ ମହାନ୍ତି ରୁମ୍‌ରୁ ଖସି ଗଲେଣି । ଅବିନାଶ ପଛକୁ ଆସୁ ଆସୁ କବାଟ ସଙ୍ଗେ ସଙ୍ଗେ ବନ୍ଦ ହୋଇଗଲା । ତାପରେ ଏକ ବିଦ୍ରୂପର ଅଟ୍ଟହାସ ଅନ୍ଧାରର ନିସ୍ତବ୍ଧତାକୁ

ଆନ୍ଦୋଳିତ କରି ଦେଲା । ଅବିନାଶ କବାଟକୁ ଖୁବ୍ ଜୋରରେ ଟାଣି ଟାଣି ଶେଷରେ ହତାଶ ହୋଇ ଶିକୁଳି ସିଧା ଦୁଇଥର ଫାୟାର କଲା ।

ଅବିନାଶ ବାହାରକୁ ଆସି ଏକ ପ୍ରକାଣ୍ଡ ହଲ୍‌ରେ ଆସି ପହଞ୍ଚିଲା । ଉପର ମହଲାରେ ଏକ ରୁମ୍‌ରୁ ହଠାତ୍ ନାରୀ କଣ୍ଠର ଚିତ୍କାର ଶୁଣି ଅବିନାଶ ଅପଷ୍ଟେୟାର ଖୋଜିବାକୁ ଲାଗିଲା । ଶେଷରେ ସେ ସେତେବେଳେ ଅପଷ୍ଟେୟାର ପାଖରେ ଆସି ପହଞ୍ଚିଲା, ଅନ୍ଧାରରେ ଦେଖିଲା ଜଣକୁ ରୁମ୍‌ରୁ ଟାଣି ଟାଣି ପାହାଚରେ ଓହ୍ଲାଇବାକୁ ଚେଷ୍ଟା କରୁଛି ରଜନୀ ମହାନ୍ତି । ତାହା ବୁକୁଫଟା ଚିତ୍କାର କରି 'ମା ମା' ଡାକ ଛାଡୁଥାଏ ।

ଯେତେ ପାଟି କଲେ ବି କେହି ହେଲେ ଏ ଘରକୁ ଆସୁନି ମିସ୍ ମଣିବାଲା ! ପାଟି କଲେ ବାଧ୍ୟ ହୋଇ ମୁହଁ ବନ୍ଦ କରି ଦେବି ! ହଠାତ୍ ହଲ୍‌ରେ କାହାର ଛାଇ ଦେଖି ସେ ଫାୟାର କଲା । ପରମୁହୂର୍ତ୍ତରେ ଜଣ ଉପରେ ଟର୍ଚ୍ଚ ଆଲୁଅ ପଡ଼ିବା ଦେଖି ଯୁବତୀଟିକୁ ନିଜ ଆଗରେ ରଖି ତା ବନ୍ଧୁ ନେ ପିସ୍ତଲଟିକୁ ଦେଖାଇ କହିଲା, I challenge dear detective. କିନ୍ତୁ ମନେ ରଖିବ ଯେପରି ତମ ଦେହରୁ ମୋ ବସ ଦେଖାଇବ । ତମ ବୁଲେଟ୍ ଆସି ପ୍ରିୟମୁଖ ଚୁମ୍ବନ ନ କରିବ ଯେପରି···

ତାପରେ ସବୁ ନିର୍ବାକ ହୋଇଗଲା । ରଜନୀ ମହାନ୍ତି ଧୀରେ ଧୀରେ ପାହାଚରେ ଓହ୍ଲାଇ ପଛପଟ ଦୁଆର ମୁହଁ ପାଖେ ପହଞ୍ଚି ଯୁବତୀ ତା ଉପରେ ଟର୍ଚ୍ଚଲାଇଟ ପଡ଼ିଲା । ସେ ବୁଲିପଡ଼ି ଲାଇଟ୍ ଆସୁଥିବା ଦିଗକୁ ଦୁଇ ଥର ଫାୟାର କଲା । ତାପରେ କବାଟ ଖୋଲି ଯେପରି ଆଗେଇବ ଦେଖିଲା ସଙ୍ଗିନଧାରୀ ପୋଲିସ୍‌ସହ ପୋଲିସ ଇନ୍‌ସପେକ୍ଟର ମାନେ ଆସୁଛନ୍ତି । ସେ ହଠାତ୍ କବାଟ ବନ୍ଦ କରି ଝିଅକୁ ତଥାପି ଟାଣି ଟାଣି ଉପରକୁ ନେଇଗଲା । ମଝିରେ ଅବିନାଶ ଟର୍ଚ୍ଚ ଲାଇଟ ମାରି ରଜନୀ ମହାନ୍ତିର ଗତିପଥ ଦେଖୁଥାଏ । ଏତେବେଳକୁ ପୋଲିସଦଳ ପଛ କବାଟ ଭାଙ୍ଗି ଭିତରେ ପ୍ରବେଶ କରି ସାରିଥାନ୍ତି । ଅବିନାଶ ରଜନୀ ମହାନ୍ତି ପଶିଥିବା ରୁମ୍ ଆଗରେ ଆସି ପହଞ୍ଚିଲା । ଭିତରୁ ଚିତ୍କାର କରି କହିଲା, ସାର !

ଅନ୍‌ସ୍ପେକ୍ଟର ହୋଇ ଆସନ୍ତୁ । ତା'ପରେ କବାଟ ପିଟି ଚିତ୍କାର କଲା, ରଞ୍ଜନ ବାବୁ ! କବାଟ ଖୋଲ ।

ମନେ ରହୁ ଯେପରି ମି. ମହାନ୍ତି ! ମିସ୍ ମଣିମାଳା···my detective's beloved ହା-ହା-ହା-ହା ଉଦ୍‌ଭ୍ରାନ୍ତ ସ୍ୱର ଧ୍ୱନି ଉଠିଲେ ଘର ଭିତରେ ରଞ୍ଜନ ମହାନ୍ତି ।

ଅନନ୍ୟୋପାୟ ହୋଇ ସମସ୍ତ ପୋଲିସ ଫଉଜ ସହ ଅବିନାଶ ଓ ଇନସପେକ୍ଟର ଛିଡ଼ା ହୋଇ ରହିଲେ ବାହାରେ ।

କିନ୍ତୁ ଭିତରେ ହଠାତ୍ ଦୁଇଥର ଗୁଳି ଶବ୍ଦ ଶୁଣି ଏମାନେ ଚମକି ପଡ଼ିଲେ । ଏମାନେ ଲକ୍ଷ୍ୟ କଲେ ଭିତରେ ଯେପରି ଧସ୍ତାଧସ୍ତି ଚାଲିଛି । ଇନ୍‌ସପେକ୍ଟରଙ୍କ ଇଙ୍ଗିତ ମାତ୍ରେ କବାଟ ଭଙ୍ଗା ହୋଇଗଲା ।

ରଞ୍ଜନ ମହାନ୍ତି ରୁମ୍ ଭିତରେ ପଶି ଭିତରୁ କବାଟ ବନ୍ଦ କରି ଦେଇ ଚିତ୍ରାକୁ ଯେପରି ଧକ୍କା ଦେଇ ପକାଇ ଦେବାକୁ ଚେଷ୍ଟା କଲେ, ଚିତ୍ରା ସୁବିଧା ଦେଖି ପିସ୍ତଲ ଧରିଥିବା ତାଙ୍କ ହାତକୁ ପ୍ରାଣପଣେ କାମୁଡ଼ି ଧରିଲା । ପିସ୍ତଲଟା ତଳମୁହାଁ ହୋଇ ଦୁଇଥର ଗର୍ଜି ଉଠି ଭୂଇଁକୁ ଛୁଟିଗଲା । ରଞ୍ଜନ ବାବୁ ଚିତ୍ରା ଦେହକୁ ଖୁବ୍ ଜୋରରେ ଠେଲି ଦେଇ ପିସ୍ତଲଟିକୁ ଧରିବା ପାଇଁ ଉଦ୍ୟତ ହେଉଛନ୍ତି ପୋଲିସ ଇନ୍‌ସପେକ୍ଟର ଗର୍ଜି ଉଠିଲେ, ହ୍ୟାଣ୍ଡ୍‌ସ ଅପ୍ ! ତାପରେ ପୋଲିସ ଫଉଜ ତା ଗୃହପାଖେ ଘେରିଗଲେ । ରଞ୍ଜନବାବୁ ତଳୁ ଉଠିବା ଅବସରରେ ବାଁ ହାତରେ ଛାତି ପକେଟରୁ ରୁମାଲଟା କାଢ଼ି ନେଇ ମୁହଁ ପୋଛୁ ପୋଛୁ ଇନ୍‌ସପେକ୍ଟର ଆଗେଇ ଆସି ହ୍ୟାଣ୍ଡ୍ କପ୍ ପିନ୍ଧାଇ ଦେଇ କହିଲେ, ମି. ମହାନ୍ତି ! ଖୁନ କରିବା ପାଇଁ ଷଡ଼ଯନ୍ତ୍ର କରିବା ଅପରାଧରେ ତମକୁ ଆରେଷ୍ଟ କରାଗଲା ।

ମୁଁ ଏଥିପାଇଁ ପ୍ରସ୍ତୁତ ଥିଲି ଇନ୍‌ସପେକ୍ଟର ! କିନ୍ତୁ ଖୁବ୍ ଡେରି ହୋଇଗଲା ।

ମାନେ ?

କିଛିକ୍ଷଣ ପରେ ବନ୍ଧୁକ ଅଟୋମେଟିକ୍ର ଗୁଳି ମୋ ଦେହରେ ବାଜିଲା । ତାପରେ ମୁଁ ଗୋଟାଏ ମଡ଼ାରେ ପରିଣତ ହୋଇଗଲି । ମୃତ୍ୟୁ ପରେ ଛୁରା ମାରିଲେ ମୁଁ ତା' ଖାଇ ନେଇଛି । ମୋ ରୁମାଲରେ ସେଗୁଡ଼ିକ ଆଗରୁ ପ୍ରସ୍ତୁତ ହୋଇ ଥିଲା ।

ଏଁ, ତମେ ସତ କହୁଛ ?

ହା-ହା-ହା...ହସଟି ଅସ୍ତେ ଅସ୍ତେ କ୍ଷୀଣରୁ କ୍ଷୀଣତର ହୋଇ ଆସିଲା ।

ଗୋଟାଏ ମଲା ମଣିଷ ଉପରେ ମିଥ୍ୟାର ଅଭିଯୋଗ ? ତା'ପରେ ସେ ଢଳି ପଡ଼ିଲେ ।

ମି. ମାନସିଂ ଡାକ୍ତର !

ହଁ ଡାକ୍ତର ! ଆଃ ! ଅବିନାଶ ତମେ ଭାଗ୍ୟବାନ ।

ଅଚ୍ଛା ରଜନୀ ବାବୁ, ମଣିବାଲ୍ଲ ଉପରେ ଆପଣଙ୍କର କିପରି ସନ୍ଦେହ ହେଲା ?

ଗୋପାଳପୁରର ସେ ଗ୍ୟାଙ୍ଗ୍ ମୋଟ୍ ଲେଖାଇ ନେବା ପରେ ମୁଁ ସନ୍ଦେହ କରିଥିଲି । ତାପରେ ତମ ରୁମ୍ରୁ ମଣିବାଲ୍ଲର ଗୋଟାଏ ଫଟୋ ପାଇଲି, ଆଉ ତା ସଙ୍ଗେ ସଙ୍ଗେ ଗୋଟିଏ ଫଟୋ ଦେଖି ହଠାତ୍ ଚମ୍ପା କଥା ମନେ ପଡ଼ିଲା । ୮ ବର୍ଷ ପରେ ଚମ୍ପା ଯେ ବଞ୍ଚିଥାଇ ପାରେ ଏ ଧାରଣା ମୁଁ କରି ନ ଥିଲି । ସେଇ ଦିନରୁ ତମ ଉପରେ ମଧ୍ୟ ସନ୍ଦେହ ହେଲା । ଟ୍ରଙ୍କ ଟେଲିଫୋନ ଯୋଗେ ସେ ରାତିରେ ମୋ ମ୍ୟାନେଜରଠୁ ଖବର ପାଇଲି ଯେ ଚମ୍ପା ନାମ୍ନୀ ଏକ ଝିଅ ତା ବାପ ଭାଇଙ୍କ ବଳରେ ମୋ ବ୍ୟବସାୟ ସବୁ ନଷ୍ଟ କରି ଦେଉଛି । ଓଃ...କିନ୍ତୁ ଇନ୍ସପେକ୍ଟର...ଅଃ...ଚମ୍ପା ଉପରେ ଯେପରି କୌଣସି ପ୍ରକାର...ଗୁର୍ଡ...

ଶେଷ । ଇନ୍ସପେକ୍ଟର ସନ୍ଧ୍ୟାରେ ନୋଟ ବହି ବନ୍ଦ ହଠାତ୍ ଉଠାଇଲେ ।

ମୁଁ ସବୁବେଳେ ଧୀର ପଦକ୍ଷେପରେ ଆସେ ସାର୍ ! ଆଜି ସନ୍ଧ୍ୟାରେ ରଜନୀ ବାବୁଙ୍କ ସହିତ ଦେଖା ହୋଇ ନ ଥିଲେ ସେ ହୁଏତ ନିଜ କାମରେ କୃତକାର୍ଯ୍ୟ ହୋଇଥାନ୍ତେ । କିନ୍ତୁ ଆପଣ କିପରି ଖବର ପାଇଲେ ?

ସାଢ଼େ ଦଶଟାବେଳେ କେହି ଜଣେ ପବ୍ଲିକ ଟେଲିଫୋନ କଲରୁ ଖବର ଦେଲା ଏଠି କୌଣସି ଗୋଳମାଳ ଘଟିବ । ସେ ଆପଣଙ୍କୁ ବି ଖୋଜୁଥିଲା ।

ଓ କପିଳ, the seller of words···ମୁଁ ଜାଣେ ସାର, ସେ ମୋ ସହିତ କଣ୍ଟ୍ରାକ୍ଟ କରିବ ।

କେତେକ ଘଣ୍ଟାରେ ସେମାନେ ନିଜ ନିଜର ସନ୍ଦେହ ମୋଚନ କରୁଥିବାବେଳେ ଚିନ୍ତା ମୂର୍ଚ୍ଛା ଯାଇଥିବା ତା ମା ପାଖରେ ବସି କାନ୍ଦୁଥିଲା ।

ଏ ଘଟଣାର ଏକ ବିୟୋଗାନ୍ତ ପରିସମାପ୍ତି ହେଲା । ଏକ ଦୀର୍ଘ ପତ୍ରରେ ତରୁଣ ଗୁଇନ୍ଦା ଅବିନାଶ ମାନସିଂ ବ୍ରହ୍ମପୁର ପୋଲିସ ଇନ୍‌ସପେକ୍ଟର ଶ୍ରୀକାନ୍ତ ବାବୁଙ୍କୁ ଲେଖିଲେ—ପାର୍କ ଭିଉ ହୋଟେଲରେ ଥିବା ସର୍ଦ୍ଦାର ଶ୍ରୀଚରଣସିଂଙ୍କୁ ଅନୁସରଣ କରି ମୁଁ କଲିକତା ଆସିଲି । ତା ପରଦିନ ଟ୍ରଙ୍କ ଟେଲିଫୋନ ଯୋଗେ ରଜନୀ ବାବୁ ଅନ୍ତର୍ଦ୍ଧାନ ହୋଇଯିବା ଖବର ଶୁଣି ମୁଁ ଅନୁମାନ କରି ନେଲି ଯେ ସେ ଏଠାକୁ ନିଶ୍ଚୟ ଆସିବେ । ଶେଷରେ ସେ ଏଠାକୁ ଆସିଲେ ଏବଂ ହୋଟେଲରେ ଖାଇ ପିଇ ଗୋପନ ସ୍ଥାନରେ ରହିବାକୁ

ଲାଗିଲେ । ମୁଁ କିନ୍ତୁ ସର୍ବଦା ଉପରେ ଦୃଷ୍ଟି ରଖିଥାଏ । ଉପାୟ ମୁଁ ଖୋଜୁ
ଛୁଟେ ।

ଏ ଘଟଣାର ସୂତ୍ରପାତ ହୋଇଛି କଲିକତାର ହିନ୍ଦୁ ମୁସଲମାନ ସଙ୍ଘର୍ଷ ବେଳେ । ନରେନ୍ଦ୍ର ରାୟ ନାମକ ଏକ ଶିଳ୍ପପତି ପାଖରେ ରଞ୍ଜନ ମହାନ୍ତି ମ୍ୟାନେଜର ଥିଲେ । କଲିକତାର ହଙ୍ଗାମାବେଳେ ଯେବେଳେ ନରେନ୍ଦ୍ର ବାବୁ [illegible] ଖାଇଲେ କିନ୍ତୁ ତାଙ୍କ ବିଧବା ସ୍ତ୍ରୀ ଓ ଝିଅ ଉଷା ସନ୍ଦେହ କଲେ ଯେ ତାଙ୍କୁ କୌଶଳରେ ହତ୍ୟା କରାଯାଇଛି । ସେତେବେଳେ ଏ ସବୁ ଅନୁସନ୍ଧାନ କରିବା ପରିସ୍ଥିତିରେ କଲିକତା ପୋଲିସ ନ ଥିଲେ । ନରେନ୍ଦ୍ର ବାବୁଙ୍କ ମୃତ୍ୟୁର ପ୍ରାୟ ୧୫ ଦିନ ପରେ ରଞ୍ଜନ ବାବୁଙ୍କ ଘର ଗୁଣ୍ଡାମାନେ ଆକ୍ରମଣ କଲେ । ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ହାଣି ପକାଇ ଯେତେବେଳେ ରଞ୍ଜନ ବାବୁଙ୍କୁ ଆକ୍ରମଣ କଲେ ସେ ସେମାନଙ୍କୁ ଅଜସ୍ର ଧନ ସହିତ ୧୫ ବର୍ଷର ଝିଅ ଉଷାକୁ ସମର୍ପଣ କରି ଦେଇ ଆତ୍ମରକ୍ଷା କଲେ ।

ନରେନ୍ଦ୍ର ବାବୁ ମଲାବେଳେ ବ୍ୟାଙ୍କରେ ତାଙ୍କର ପଚିଶ ହଜାର ଟଙ୍କା ନଗଦ ଜମା ଥିଲା । ଆଗରୁ ସେ ଏକ ଉଇଲ ମଧ୍ୟ ନିଜ ଝିଅ ନାଁରେ କରି ଯାଇଥିଲେ । ରଞ୍ଜନ ମହାନ୍ତି ବିଧବା ସରଳା ଦେବୀଙ୍କୁ ହାତ କରି କୌଶଳରେ ସେ ଟଙ୍କା ସବୁକୁ ଆତ୍ମସାତ କଲେ । ଏତିକିବେଳେ ବିପିନ ପଟ୍ଟନାୟକ ସହିତ ତାଙ୍କର ପରିଚୟ ହୁଏ । ବିପିନ ମଧ୍ୟ ଏ ଚକ୍ରାନ୍ତରେ ସମ୍ପୃକ୍ତ ଥିଲା ଏବଂ ଏ ବିଷୟ ଗୁପ୍ତ ରଖିଲେ ସେ ଟ'ଏ ମୋଟା ରକମ ପୁରସ୍କାର ପାଇବ ବୋଲି ରଞ୍ଜନ ବାବୁଙ୍କଠାରୁ ପ୍ରତିଶ୍ରୁତି ପାଇଥିଲା । ଆସ୍ତେ ଆସ୍ତେ ରଞ୍ଜନ ବାବୁ କାଗଜ ପତ୍ର ଜାଲ କରି ନରେନ୍ଦ୍ର ବାବୁଙ୍କ ମିଲ୍‌କୁ ଦେଉଳିଆ ଘୋଷଣା କରି ମିଲ୍‌କୁ ନିଲାମ କରି ନେଲେ ଏବଂ ବ୍ରହ୍ମପୁରରେ ଉକ୍ତ ମିଲ୍‌ର ହେଡ଼ ଅଫିସ ସ୍ୱରୂପ ଟିଲ୍ଲିଙ୍ଗ୍ ଏଣ୍ଡ୍ କୋ. ଖୋଲିଲେ । ସେତେବେଳଠୁ ରଞ୍ଜନ ବାବୁ ସରଳା ଦେବୀଙ୍କୁ ସ୍ଥାନାନ୍ତରିତ କରି ଏକ ଗୁପ୍ତ ସ୍ଥାନରେ ରଖିଥାନ୍ତି ଏବଂ ବିପିନକୁ ନିଜ ବ୍ୟବସାୟରେ କାମରେ ନିଯୁକ୍ତ କରିଥାନ୍ତି ।

ଏଇପରି ଦୀର୍ଘ ଛ'ବର୍ଷ ବିତିଲା । ରଜନୀ ବାବୁ ନିଜ ବ୍ୟବସାୟରେ ସୁପ୍ରତିଷ୍ଠିତ ହୋଇ ସାରିଥାନ୍ତି । କିନ୍ତୁ ସେ ଦିନ ଆକସ୍ମିକ ଭାବରେ ପଚିଶ ହଜାର ଟଙ୍କା ହରଣଚୁରି ହୋଇଯିବା ପରେ ତାଙ୍କ ଭାଗ୍ୟର ବିପର୍ଯ୍ୟୟ ଆରମ୍ଭ ହେଲା । ଏତେ ବର୍ଷକାଳ ଅପେକ୍ଷା କରି ବିପିନ ତା ପ୍ରାପ୍ୟ ନ ପାଇବାରୁ ରଜନୀ ମହାନ୍ତି ସହିତ ତାର ବିବାଦ ହେଲା । ସେତିକିବେଳେ ମୁଁ ତାଙ୍କ ଧାମରେ ନିଯୁକ୍ତ ହେଲି ଏବଂ ଏତିକିବେଳେ ତାଙ୍କ ଜୀବନ-ନାଶରେ ଅଶୁଭ ତାରକା ସ୍ୱରୂପ ମିସ୍ ମଣିବାଳା ହେଲେ ଆବିର୍ଭାବ ।

ରଜନୀ ବାବୁଙ୍କ ପଛରେ ଲାଗିଥିବା ଗାଙ୍ଗ୍‌ର ସୁଯୋଗ ନେଇ ବିପିନ ତାଙ୍କୁ ବ୍ଲାକ୍‌ମେଲ କରିବାକୁ ଚେଷ୍ଟା କଲା ଏବଂ ସେଦିନ ରାତିରେ ବିପିନ ହିଁ ନରେନ୍ଦ୍ର ବାବୁଙ୍କ ଉପରେ ଏବଂ ସରଳା ଦେବୀଙ୍କଠାରୁ ଆଣିଥିବା ଚାବି ଦ୍ୱାରା ରଜନୀ ବାବୁଙ୍କ ଗୁପ୍ତ ଆଲମିରାରୁ ଚୋରି କରିଥିଲା । ଏ ବିଷୟ ବିପିନ ଛଡ଼ା କେହି ଜାଣି ନ ଥିଲେ । ରଜନୀ ବାବୁ ଜାଣି ସୁଦ୍ଧା ନିଜ ପୂର୍ବ ଇତିହାସ ଜଣା ପଡ଼ିବା ଭୟରେ ପୋଲିସ ଆଗରେ ବିପିନ ନାଁ ପ୍ରକାଶ କଲେ ନାହିଁ । ସେଇଦିନ ମୁଁ ଜାଣିଲି ରଜନୀ ମହାନ୍ତି ଜଣେ କୁଚକ୍ରୀ । କେତେବେଳେ କ୍ରିମିନାଲ୍‌ମାନେ ଆଇନରୁ ଦଣ୍ଡ ପାଇବା ଉଦ୍ଦେଶ୍ୟରେ ଆଇନକୁ ନିଜ ଅଡ଼କୁ ଟାଣନ୍ତି । ଏଇ ବୃତ୍ତିରୁ ମୋତେ ନିଯୁକ୍ତ କରି ଶେଷରେ ଯେତେବେଳେ ଦେଖିଲେ ଆଇନ ତାଙ୍କ ପକ୍ଷ ସମର୍ଥନ କରୁନି, ସେ ଏକ ପ୍ରକାର ପାଗଳ ହୋଇଗଲେ !

ହଁ, ଯା ଭିତରେ ବିପିନ କଲିକତା ଆସି ସରଳା ଦେବୀଙ୍କୁ ସ୍ଥାନାନ୍ତରିତ କଲା । ଏ ବିଷୟ ରଜନୀ ବାବୁ ଜାଣିପାରି କଲିକତା ଆସିଲେ । ଏତିକିବେଳେ ମିସ୍ ମଣିବାଳା ଲୁଟି ନେଇ ଅନ୍ତର୍ଦ୍ଧାନ ହୋଇଗଲା । ରଜନୀ ବାବୁ କଲିକତାରୁ ଫେରି ଗାଙ୍ଗ୍ ହାତରେ ପଡ଼ିଲେ ଏବଂ ସେଠୁ ଉଦ୍ଧାର ହୋଇ ଆସିବା ରାତିରେ କଲିକତାରୁ ଟଙ୍କା ଓ ବାପ ସମସ୍ତ ଦାବୀ କରୁଥିବା ଖବର ପାଇ ଟେଲିଫୋନରେ କଲିକତା ଚାଲି ଆସିଲେ ।

ମୁଁ କଲିକତା ଆସି ସେ ସର୍ଦ୍ଦାର ଉପରେ ଦୃଷ୍ଟି ରଖିବା ସଙ୍ଗେ ସଙ୍ଗେ ମୋର ଲିଗାଲ୍ ଆଡ଼ଭାଇଜରଙ୍କ (ରିଙ୍କ) ସାହାଯ୍ୟ ନେଲି ଏବଂ

ପ୍ରକୃତରେ ଶଶୀ ନାମ୍ନୀ ଝିଅଟି ରଜନୀବାବୁଙ୍କ ମିଲକୁ ଦାବୀ କରୁଥିବା ବିଷୟରେ ନିଃସନ୍ଦେହ ହେଲି କିନ୍ତୁ ଉକ୍ତ ଝିଅଟିର ରୂପ ବର୍ଣ୍ଣନାରୁ ମଣିବାଲା ରୂପର ଯଥେଷ୍ଟ ସାମଞ୍ଜସ୍ୟ ଶୁଣି ମୁଁ ସେତେବେଳେ ଚିନା ଠିକଣାରେ ଅନୁସନ୍ଧାନ କଲି ମୁଁ ମଧ୍ୟ ପ୍ରଥମେ ମୋ ଆଖିକୁ ବିଶ୍ୱାସ କରି ପାରିଲିନି । ଏ ରହସ୍ୟର କିଛି ଆଦିଅନ୍ତ ବୁଝି ନ ପାରି ମୁଁ କେବଳ ପରିସ୍ଥିତିକୁ ଲକ୍ଷ୍ୟ କରୁଥାଏ । ସର୍ଦ୍ଦାର ତା ପ୍ଲାନ ଅନୁଯାୟୀ ଚିନାକୁ ଆକ୍ରମଣ କଲା । ମୁଁ ପୋଲିସକୁ ଖବର ଦେଇ ଆସୁ ଆସୁ ଦେଖିଲି ଚିନା ଘରେ ସର୍ଦ୍ଦାର ପଛରେ ବିପିନ ହେଉଛି ଆଉ ବିପିନ ଷ୍ଟିକ ହାତରେ ଟେଲିଭରେ ସର୍ଦ୍ଦାରକୁ ଖାପଗୁଡ଼ରେ ପକେଇଥାଏ । ସର୍ଦ୍ଦାରକୁ ସେଠି ଆରେଷ୍ଟ କରାଗଲା । କଲିକତା ପୋଲିସ ଏ ଲୋକଟିକୁ ଚିହ୍ନିଟ କଲା ଏବଂ କଲିକତା ସଙ୍ଗର୍ଷରେ ଲିପ୍ତ ଥିବା ଯୋଗୁଁ ତା ନାଁରେ ଓ୍ୱାରେଣ୍ଟ ଥିଲା । ବିପିନ କିନ୍ତୁ ଆମ ହାତରୁ ଖସିଗଲା । ଏ ଘଟଣା ଘଟିବା ପରେ ଚିନାକୁ ନଜରବନ୍ଦୀରେ ରଖାଗଲା କିନ୍ତୁ ପୋଲିସ ପହରା ଦେଉଥିବା ସତ୍ତ୍ୱେ ତା ପରଦିନ ଚିନାର କୌଣସି ପତ୍ତା ମିଳିଲାନି । ଏ ବିଷୟ କାଗଜରେ ପଢ଼ିଥିବେ ।

ଦୁଇଦିନ ଅପେକ୍ଷା କରି ଚିନା ନ ଆସିବାରୁ ମୁଁ ରଜନୀ ବାବୁଙ୍କୁ ସନ୍ଦେହ କଲି ଏବଂ ରଜନୀ ବାବୁଙ୍କ ଅଟଢଗ୍ୟରେ କଲିକତାର ସବୁ ହୋଟେଲ ତନ୍ନ ତନ୍ନ କରି ଖୋଜିଲି । ଯେତେବେଳେ ରଜନୀ ବାବୁଙ୍କୁ ଗୋଟିଏ ହୋଟେଲରେ ପାଇଲି, ସେତେବେଳେ ସେ ଏକେଲା ନ ଥିଲେ । ବିପିନ ତାଙ୍କ ପଛ ଧରି ତା ପ୍ରାପ୍ୟ ଦାବୀ କରୁଥାଏ ଏବଂ ନ ଦେଲେ ପୋଲିସକୁ ସବୁ କହିଦେବ ବୋଲି ଧମକ ଦେଉଥାଏ । ରଜନୀ ବାବୁ ବିପିନକୁ ଅପମାନ ଦେଇ ହୋଟେଲରୁ ବାହାରି ଆସିଲେ କିନ୍ତୁ ବିପିନ ଆମକୁ ଖବର ଦେବା ପୂର୍ବରୁ ମୁଁ ତାଙ୍କୁ ନରେନ୍ଦ୍ର ବାବୁଙ୍କ ପୁରୁଣା କୋଠାରେ ସ୍ୱଚ୍ଛ ଅଧରେ ଅକ୍ରମଣ କଲି ।

ଚିନା ମା ଓ ଚିନାକୁ ସେଠାରେ ସେ ବନ୍ଦ କରି ରଖିଥିଲେ । ବିପିନ କିନ୍ତୁ ଶେଷ ମୁହୂର୍ତ୍ତରେ ପୋଲିସକୁ ଖବର ଦେଇ ନ ଥିଲେ ଚିନାକୁ ଆମେ

ଜୀବନରେ ବୋଧେ ପାଇ ନ ଥାନ୍ତୁ । ରଞ୍ଜନ ବାବୁଙ୍କୁ ଆରେଷ୍ଟ କଲା ପୂର୍ବରୁ ସେ ବିଷାକ୍ତ ଚାକ୍‌ଲେଟ ଖାଇ ଆତ୍ମହତ୍ୟା କଲେ । ମରିବା ପୂର୍ବରୁ ସେ ସ୍ୱୀକାର କରି ଯାଇଛନ୍ତି ଯେ ଚିତ୍ରା ଉପରେ ତାଙ୍କର କୌଣସି ସନ୍ଦେହ ନାହିଁ ଏବଂ ପୋଲିସ ଯେପରି ତାକୁ କୌଣସିଥିରେ ଗୃର୍ଜ୍ଜ ନ କରେ ।

ସାକ୍ଷାତରେ ସବୁ ।

ପୋଲିସ ସାହେବଙ୍କୁ ଚିଠିଟି ପଢ଼ି ଶୁଣାଇ ସାରିବା ପରେ ଶ୍ରୀକାନ୍ତ ବାବୁ କହିଲେ, ସାର ! ମଣିବାଇ କ'ଣ ଅନ୍ତର୍ଦ୍ଧାନ ହୋଇଗଲା ?

ଏଥିରୁ ଆଉ କ'ଣ ବୁଝିଲ ? ତାପରେ ସେ ସାମାନ୍ୟ ହସି କହିଲେ, ମଣିବାଇ ଅନ୍ତର୍ଦ୍ଧାନ ହବା ପରେ ଚିତ୍ରାର ହେଲା ଆବିର୍ଭାବ **and our detective got a lady.**

ଶ୍ରୀକାନ୍ତ ବାବୁଙ୍କ ସନ୍ଦେହ ମୋଚନ ହୋଇଗଲା ମାସକ ପରେ ଯେତେବେଳେ ଏକ ଭୋଜି ସଭାରେ ଚିତ୍ରା ଓ ଅବିନାଶର ନିମନ୍ତ୍ରଣ ପତ୍ର ସେ ପାଇଲେ ।

ନିମନ୍ତ୍ରିତ ଅତିଥିମାନଙ୍କ ତାଲିକାରେ ଯେଉଁମାନଙ୍କ ନାଁ ଥିଲା, ସେଥି ମଧ୍ୟରୁ ବିପିନ ପଟ୍ଟନାୟକ ନାଁ ସହିତ ଓଡ଼ିଶାର ଅନ୍ୟତମ ବିଖ୍ୟାତ ଗୁଇନ୍ଦା ଯୁଗଳ ନବୀନ ରାୟ ଓ ପ୍ରକାଶ ମହାନ୍ତିଙ୍କ ନାଁ ମଧ୍ୟ ଥିଲା ।



Edited, Published & Printed by Bansidhar Bhuyan for Jana-Sahitya Prakashan at LIPIKA, Cuttack-4